ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ରବିବାର ୨୮ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 FEBRUARY 2021
Vol.No. 32 ■ No. 56 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

# ମାର୍ଚ୍ଚ ମାସର କରୋନା ଗାଇଡ୍ ଲାଇନ୍

## ଯାତ୍ରା ପରିବେଷଣକୁ ଅନୁମତି ■ ଅନଲାଇନ୍‌ରେ ନବମ ଓ ଏକାଦଶ ପରୀକ୍ଷା ■ ବିବାହ, ସଂସ୍କାର ବେଳେ ମାସ୍କ ଦେବେ ଆୟୋଜକ







ଭୁବନେଶ୍ୱର,୨୭।୦୨ (ନି.ପ୍ର): ଦେଶର ବିଭିନ୍ନ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମାର୍ଚ୍ଚ ମାସ ପାଇଁ ଗାଇଡଲାଇନ ଜାରି କରାଯାଇଛି। ନୂଆ ଗାଇଡ୍ ଲାଇନ୍ ଅନୁଯାୟୀ କୋଭିଡ୍ କଟକଣା ପାଳନ ପୂର୍ବକ ଯାତ୍ରା ପରିବେଷଣ ପାଇଁ ଅନୁମତି ମିଳିଛି। ସେହିପରି ୯ମ ଓ ୧୧ଶ ଶ୍ରେଣୀ ପରୀକ୍ଷା ଅନଲାଇନରେ କରିବାକୁ ଏହି ଗାଇଡଲାଇନରେ ପରାମର୍ଶ ଦିଆଯାଇଛି। ଅପରପକ୍ଷରେ ପୂର୍ବଭଳି ବାହାଘର ଓ ଅନ୍ତିମ ସଂସ୍କାରରେ ସର୍ବାଧିକ ୫୦୦ ଜଣ ସାମିଲ ହୋଇପାରିବେ। ବାହାଘର ଓ ଶୁଦ୍ଧିକ୍ରିୟାରେ କରୋନା ଗାଇଡ୍‌ଲାଇନ୍ ପାଳନ ହେଉଛି କି ନାହିଁ ତାହା ଆୟୋଜକ ଯାଂଚ କରିବାସହ ଯେଉଁମାନେ ମାସ୍କ ପିନ୍ଧି ନ ଥିବେ, ଆୟୋଜକ ସେମାନଙ୍କୁ ମାସ୍କ ଯୋଗେଇ ଦେବେ। ଶନିବାର ଦିନ ଏସଆରସି ଜାରି କରିଥିବା ଗାଇଡଲାଇନ୍ ଅନୁଯାୟୀ ପ୍ରାଥମିକ ସ୍କୁଲଗୁଡ଼ିକ ଖୋଲିବା ସମ୍ପର୍କିତ ନିଷ୍ପତି ସ୍କୁଲ ଓ ଗଣଶିକ୍ଷା ବିଭାଗ ଉପରେ ଛଡ଼ାଯାଇଛି। ସେହିପରି ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ ବିଭାଗ ନିଜ ଅଧିନରେ ଥିବା ସ୍କୁଲ ଖୋଲିବା ନିଷ୍ପତ୍ତି ନେବ। ପ୍ରାଥମିକ ସ୍କୁଲଗୁଡ଼ିକ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏସଓପି ପ୍ରସ୍ତୁତ କରିବ ବୋଲି ଗାଇଡଲାଇନରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଅଭିଭାବକମାନଙ୍କ ସମ୍ମତିକ୍ରମେ ୯ମ ଓ ୧୧ଶ ଶ୍ରେଣୀ ପରୀକ୍ଷା ଅନଲାଇନରେ କରିବାକୁ ଏହି ଗାଇଡଲାଇନରେ ପରାମର୍ଶ ଦିଆଯାଇଛି। କଲେଜ, ବିଶ୍ୱବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନ, ହଷ୍ଟେଲ ଆଦି ଖୋଲିବା ସମ୍ପର୍କରେ ଉଚ୍ଚ ଶିକ୍ଷା ବିଭାଗ ପରିସ୍ଥିତି ଅନୁସାରେ ଉପଯୁକ୍ତ ନିଷ୍ପତି ନେଇପାରିବ। ▶▶ପୃଷ୍ଠା ୭

# ବିଧାନସଭାରେ ଶ୍ରୀମନ୍ଦିର ପରିକ୍ରମା ଯୋଜନା ସଂକଳ୍ପ ପାରିତ



ଭୁବନେଶ୍ୱର,୨୭।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବିଧାନସଭାରେ ଶ୍ରୀମନ୍ଦିର ପରିକ୍ରମା ଯୋଜନା ଉପରେ ସଂକଳ୍ପ ପ୍ରସ୍ତାବ ଆଣିବା ପରେ ତାହା ସର୍ବସମ୍ମତିକ୍ରମେ ପାରିତ ହୋଇଛି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ସଂକଳ୍ପ ପ୍ରସ୍ତାବ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଶ୍ରୀମନ୍ଦିରର ନିରାପତା, ଭକ୍ତଙ୍କ ନିରାପତା, ଭକ୍ତଙ୍କ ପାଇଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ଯୋଜନା ପ୍ରସ୍ତୁତି ଲାଗି ଗଜପତି ମହାରାଜା ଦିବ୍ୟସିଂହ ଦେବ, ପଦ୍ମଭୂଷଣ ରଘୁନାଥ ମହାପାତ୍ର ଓ ଗବେଷକ ଡ.ସୁବାସ ପାଣିଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଏହାଛଡ଼ା ସେ ଏହି ଯୋଜନା କାର୍ଯ୍ୟକାରୀ ହେବାରେ ସହଯୋଗ କରୁଥିବାରୁ ଶ୍ରୀମନ୍ଦିରର ସେବାୟତ ଓ ପୁରୀ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ତିନୋଟି ପ୍ରସ୍ତାବ ରଖିଥିଲେ। ▶▶ପୃଷ୍ଠା ୭

## ଓଡିଶାରେ ବଢୁଛି ଦୈନିକ ସଂକ୍ରମଣ : ୫ଟି ରାଜ୍ୟରୁ ଫେରୁଥିବା ଲୋକଙ୍କ ଉପରେ ନଜର

ଭୁବନେଶ୍ୱର,୨୭।୦୨ (ନି.ପ୍ର): ଓଡ଼ିଶାରେ ଦୈନିକ ସଂକ୍ରମଣ ୧୦୦ ତଳକୁ ରହିଥିଲେ ବି ଦିନକୁ ଦିନ ସଂଖ୍ୟା ବଢ଼ିବାରେ ଲାଗିଛି । ୫ ଦିନ ପୂର୍ବରୁ ରାଜ୍ୟରେ ଦୈନିକ ସଂକ୍ରମଣ ୬୦ରୁ ୭୦ ମଧ୍ୟରେ ରହୁଥିଲା । ଏବେ କିନ୍ତୁ ଏହି ସଂଖ୍ୟା ୮୦-୯୦ ଟପିଛି । ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରୁ ୮୬ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏପଟେ ଚିନ୍ତାଜନକ ଖବର ହେଉଛି ବୁର୍ଲା ଭିସୁଟ୍ରେ ୨୫ ଛାତ୍ରଛାତ୍ରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ୨ ଦିନ ଭିତରେ ୩ଟି ହଷ୍ଟେଲରେ ସଂକମ୍ରଣ ବ୍ୟାପିଛି । ୧୬ ଜଣଙ୍କୁ ଅନ୍ୟତ୍ର ରଖି ଚିକିତ୍ସା କରାଯାଉଥିବା ବେଳେ ଅନ୍ୟ ଆକ୍ରାନ୍ତ ଛାତ୍ରଛାତ୍ରୀ ନିଜ ନିଜ ଘରକୁ ଚାଲି ଯାଇଛନ୍ତି । ପ୍ରଥମ ବର୍ଷ ପିଲାଙ୍କୁ ଶିକ୍ଷାନୁଷ୍ଠାନ ନଯିବାକୁ କୁଳପତି ଅନୁରୋଧ କରିଛନ୍ତି । ଏପରିକି ହଷ୍ଟେଲରେ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବାହାରକୁ ନଆସିବାକୁ କୁହାଯାଇଛି । ହଷ୍ଟେଲ ଭିତରେ ଥିବା ଛାତ୍ରଛାତ୍ରୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ । ତେବେ ପରୀକ୍ଷା ଚାଲିଥିବା ଛାତ୍ରଛାତ୍ରୀଙ୍କ ଭିତରେ କେହି କରୋନା ଆକ୍ରାନ୍ତ ହୋଇ ନଥିବାରୁ ଅବାଧରେ ପରୀକ୍ଷା ଚାଲିପାରିବ ବୋଲି କହିଛନ୍ତି କୁଳପତି । ଅନ୍ୟପଟେ ▶▶ପୃଷ୍ଠା ୭

# ମାର୍ଚ୍ଚ ପହିଲାରୁ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ

## ଭୁବନେଶ୍ୱରର ୨୨ ଟି ହସ୍ପିଟାଲରେ ଦିଆଯିବ ଟିକା



ଭୁବନେଶ୍ୱର,୨୭।୦୨ (ନି.ପ୍ର): ଆସନ୍ତା ମାର୍ଚ୍ଚ ୧ ତାରିଖରୁ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ବୟସ୍କଙ୍କୁ ଟିକାକରଣ ଆରମ୍ଭ ହେବ। ଭୁବନେଶ୍ୱରର ୧୦ଟି ଘରୋଇ ଓ ୧୨ଟି ସରକାରୀ ହସ୍ପିଟାଲରେ ଏହି ଟିକାକରଣ ହେବ। ୪୫ରୁ ୬୦ବର୍ଷ ବୟସ୍କ ପାଇଁ ଟିକାକରଣ ବ୍ୟବସ୍ଥା କରାଯାଇଛି ବୋଲି ବିଏମସି କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଟୀକାରକରଣ ପାଇଁ ବିଏମସିର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ବିଏମସି କମିଶନର କହିଛନ୍ତି ଯେ ଭୁବନେଶ୍ୱରର ୧୨ ଟି ସରକାରୀ ହସ୍ପିଟାଲ ସମେତ ସମ୍, କିମ୍ସ, କଳିଙ୍ଗ, ବ୍ଲୁ ହ୍ୱିଲ୍, ଆଦିତ୍ୟ ଅଶ୍ୱିନୀ, ଆମ୍ରି, ଉତ୍କଳ, ନୀଳାଚଳ, କେୟାର ଓ ହାଇଟେକ୍ ହସପିଟାଲ ପରି ଘରୋଇ ହସ୍ପିଟାଲରେ ଟିକା ଦିଆଯିବ। ଆରୋଗ୍ୟ ସେତୁ ଦ୍ୱାରା ରେଜିଷ୍ଟ୍ରେସନ ପଞ୍ଜିକରଣ କରାଯାଇପାରିବ। ସୋମବାରଠାରୁ ଅନଲାଇନ ଜରିଆରେ ପଞ୍ଜିକରଣ ହେବ। ପଞ୍ଜିକରଣ ପରେ ଲୋକମାନେ ନିଜ ଇଚ୍ଛାରେ ଟିକାଦାନ କେନ୍ଦ୍ର ବାଛି ପାରିବେ। ସରକାରୀ କେନ୍ଦ୍ରରେ ଟିକା ନେଲେ କୌଣସି ଅର୍ଥ ଦେବାକୁ ପଡିବନି। ମାତ୍ର ହସ୍ପିଟାଲରେ ଟିକା ନେଲେ ଅର୍ଥ ଦେବାକୁ ପଡ଼ିବ। ଅନ୍ୟପକ୍ଷରେ କରୋନା ମହାମାରୀ ପୁଣି ଥରେ କାୟା ବିସ୍ତାର କରୁଥିବାରୁ ପଡ଼ୋଶୀ ୫ ରାଜ୍ୟ ଉପରେ ରଖିବାକୁ କୁହାଯାଇଛି। ମହାରାଷ୍ଟ୍ର,କେରଳ, ପଞ୍ଜାବ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ଆସୁଥିବା ଯାତ୍ରୀମାନଙ୍କ ଉପରେ ବିଶେଷ ନଜର ରଖାଯିବ। ସୂଚନାଯୋଗ୍ୟ ଯେ ଆସନ୍ତା ମାର୍ଚ୍ଚ ୧ ତାରିଖ ଠାରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ୪୫ ବର୍ଷରୁ ଉର୍ଦ୍ଧ୍ୱ ବହୁବିଧ ରୋଗାକ୍ରାନ୍ତଙ୍କୁ ଟିକା ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ କରୋନା ଯୋଦ୍ଧା ମାନଙ୍କୁ ଟିକା ଦିଆଯାଇଥିଲା।

# ବାରଣାସୀ ଖିଡକିଆ ଘାଟରେ.......

## ସିଏନଜି ବୋଟ୍ ରୂପାନ୍ତର ଓ ଘାଟର ପୁର୍ନବିକାଶ ପ୍ରକଳ୍ପର ଅଗ୍ରଗତି ନେଇ ଧର୍ମେନ୍ଦ୍ରଙ୍କ ସମୀକ୍ଷା



ଉତରପ୍ରଦେଶ/ଭୁବନେଶ୍ୱର, ୨୭ ଫେବୃଆରୀ – ଦୁଇଦିନିଆ ବାରଣାସୀ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଖିଡକିଆ ଘାଟ ଠାରେ ଗେଲ୍ ଇଣ୍ଡିଆ ଏବଂ ଇଣ୍ଡିଆନ ଅଏଲର ସିଏନଜି ବୋଟ୍ ରୂପାନ୍ତର ପ୍ରକଳ୍ପ ଏବଂ ଘାଟର ପୁର୍ନବିକାଶ ପ୍ରକଳ୍ପ ଅନ୍ତର୍ଗତ ସିଏନ୍‌ଜି ବିତରଣ ଷ୍ଟେସନର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ତୈଳ ଓ ଗ୍ୟାସ ରାଷ୍ଟ୍ରାୟତ ଉଦ୍ୟୋଗ ଗେଲ୍ ଇଣ୍ଡିଆ ସିଏନଜି ଭିତିଭୂମିକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଛି । ବାରଣାସୀର ଏହି ପବିତ୍ର ଘାଟରେ ୨ ହଜାର ଡ଼ିଜେଲ ଚାଳିତ ଡ଼ଙ୍ଗାକୁ ସ୍ୱଚ୍ଛ ଇନ୍ଧନ ସିଏନଜିରେ ରୂପାନ୍ତର କରାଯାଉଛି । ଗଙ୍ଗାରେ ପ୍ରଦୂଷଣକୁ ହ୍ରାସ କରିବା ଏବଂ ସ୍ୱଚ୍ଛ ପରିବେଶ ନିଶ୍ଚିତ କରିବା ପରିପ୍ରେକ୍ଷୀରେ ଏହି ପଦକ୍ଷେପ ନିଆଯାଉଛି। ଖିଡକିଆ ଘାଟର ଐତିହ୍ୟ ଏବଂ ପୂର୍ବ ଗୌରବର ପୁନଃସ୍ଥାପନ ପାଇଁ ରାଷ୍ଟ୍ରାୟତ ▶▶ପୃଷ୍ଠା ୭

# ଉପଗ୍ରହ ଆମାଜୋନିଆ-୧ ଉତ୍କ୍ଷେପଣ ଆଜି



ଶ୍ରୀହରିକୋଟା, ୨୭।୦୨: ଆସନ୍ତାକାଲି ଆନ୍ଧ୍ରପ୍ରଦେଶର ନେଲୋର ଜିଲ୍ଲାର ଶ୍ରୀହରିକୋଟା ସ୍ଥିତ ସତୀଶ୍ ଧାୱନ ମହାକାଶ କେନ୍ଦ୍ରରୁ ଉପଗ୍ରହ ଆମାଜୋନିଆ-୧ ସହ ୧୮ ଟି ଉପଗ୍ରହକୁ ଉତକ୍ଷେପଣ କରାଯିବା ନେଇ ସୂଚନା ମିଳିଛି । ଏହା ରବିବାର ୧୦.୨୪ ରେ ଉତକ୍ଷେପଣ ହେବାକୁ ଥିବା ବେଳେ ଏନେଇ ଶନିବାର ୮.୪୫ ରୁ ସାଢେ ୨୫ ଘଂଟିଆ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି । ମିଳିଥିବା ସୂଚନା ମୁତାବକ ପିଏସଏଲଭି-ସି-୧୫ ରକେଟ୍ ସହାୟତାରେ ବ୍ରାଜିଲର ଏହି ଅପ୍ଟିକାଲ ଅବଜରଭେଶନ ସାଟେଲାଇଟକୁ ମହାକାଶକୁ ପଠାଯିବାର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଉପଗ୍ରହ ଆମାଜୋନିଆ -୧ ସହ ଅନ୍ୟ ୧୮ ଟି ଉପଗ୍ରହକୁ ବି ପ୍ରଥମ ଲଞ୍ଚପ୍ୟାଡରୁ ଉତକ୍ଷେପଣ କରାଯିବ । ଉତକ୍ଷେପଣ ହେବାକୁ ଥିବା ଏହି ୧୮ ଟି ଉପଗ୍ରହ ମଧ୍ୟରେ ସ୍ପେସ୍ କିଡଜ୍ ଇଣ୍ଡିଆର ଏସଡି ସାଟ୍ (ସତୀଶ୍ ଧାୱନ୍ ସାଟ୍) ସହ କୋଇମ୍ବାଟୁରର ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ଚାରିପଟେ ଐତିହ୍ୟ କରିଡର ନିର୍ମାଣକୁ ନେଇ ପୁଣି ପ୍ରଶ୍ନ ଉଠାଇଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ

ଭୁବନେଶ୍ୱର,୨୭।୦୨ (ନି.ପ୍ର): ପୁରୀକୁ ଗଲେ ପ୍ରଶ୍ନ କଲେ । ଏକ୍ରାମ କ୍ଷେତ୍ର ଐତିହ୍ୟ କରିଡରକୁ ନେଇ ପ୍ରଶ୍ନ ଉଠାଉଥିବା ଭୁବନେଶ୍ୱର ସାଂସଦ ଆଜି ପୁରୀ ଗସ୍ତରେ ଯାଇ ଶ୍ରୀମନ୍ଦିର ଚାରିପଟେ ଐତିହ୍ୟ କରିଡର ନିର୍ମାଣକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ▶▶ପୃଷ୍ଠା ୭

# ବଢୁଛି ରାଜଧାନୀ ତାପମାତ୍ରା : ଭୁବନେଶ୍ୱର ୪୦.୬

ଭୁବନେଶ୍ୱର,୨୭।୦୨ (ନି.ପ୍ର): ଲଗାତାର ଚତୁର୍ଥ ଦିନ ପାଇଁ ରାଜଧାନୀ ଭୁବନେଶ୍ୱର ଦେଶର ସବୁଠାରୁ ଉତପ୍ତ ସହର ହୋଇଛି । ଗତ ୩ ଦିନର ରେକର୍ଡକୁ ଭାଙ୍ଗି ଶନିବାର ଭୁବନେଶ୍ୱରରେ ୪୦.୦୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଶୁକ୍ରବାର ଭୁବନେଶ୍ୱରର ତାପମାତ୍ରା ୪୦.୦୪ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ଗୁରୁବାର ଦିନ ରାଜଧାନୀର ତାପମାତ୍ରା ୩୯.୪ ଓ ବୁଧବାର ୩୮ ଡିଗ୍ରୀ ରହିଥିଲା। ଅପରପକ୍ଷରେ ଆଗାମୀ ଦିନରେ ତାପମାତ୍ରା ଆହୁରି ବଢିପାରେ ବୋଲି ସତର୍କ କରିଛି ପାଣିପାଗ ବିଭାଗ। ମାର୍ଚ୍ଚ ଆରମ୍ଭ ନହେଉଣୁ ପାରଦ ବଢି ବଢି ଚାଲିଥିବା ବେଳେ ଆଗାମୀ ୫ ଦିନ ଭିତରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ବଢ଼ିବ। ସ୍ୱାଭାବିକ ଠାରୁ ଦିନର ତାପମାତ୍ରା ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଭୁବନେଶ୍ୱର ସମେତ , ଖୋର୍ଦ୍ଧା , କଟକ , ଯାଜପୁର , କେନ୍ଦ୍ରାପଡା, ବାଲେଶ୍ୱର , ଭଦ୍ରକ, ଅନୁଗୁଳ ଆଦି ଜିଲ୍ଲାରେ ତାପମାତ୍ରା ବଢିପାରେ। ଶନିବାର ଦିନ ଭୁବନେଶ୍ୱର ତାପମାତ୍ରା ୪୦.୬ ଡିଗ୍ରୀ ରେକର୍ଡ ହୋଇଥିବ । ବେଳେ ଯାଜପୁରରେ ୩୯ ,ଅନୁଗୁଳ ୩୮.୯, ତାଳଚେର ୩୮, ନୂଆପଡାରେ ୩୮.୩, ଡେରାବିଶ ୩୭.୮, ଦେବଗଡ ୩୭.୧, ନବରଙ୍ଗପୁରରେ ୩୪.୩ ଡିଗ୍ରୀ ରେକର୍ଡ ହୋଇଛି।

# ଘରୋଇ ହସ୍ପିଟାଲରେ ୨୫୦ଟଙ୍କାରେ ମିଳିବ ଟିକାର ଗୋଟିଏ ଡୋଜ




ଭୁବନେଶ୍ୱର,୨୭।୦୨ (ନି.ପ୍ର): ଦେଶରେ କରୋନା ମହାମାରୀ ବିରୋଧରେ ଜାନୁଆରୀ ୧୬ ତାରିଖରୁ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି । ଏହାର ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡିର କରୋନାଯୋଦ୍ଧାଙ୍କୁ ଏହି ଟିକା ପ୍ରଦାନ କରାଯାଉଛି । ମାର୍ଚ୍ଚ ୧ ତାରିଖରୁ ଦେଶରେ କରୋନା ଟିକାକରଣର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି । ଏହାରି ମଧ୍ୟରେ ଖବର ଆସିଛି କି ଘରୋଇ ହସ୍ପିଟାଲ ମାଧ୍ୟମରେ ବି ଲୋକ ମାନେ ଟିକା ନେଇପାରିବେ । ହେଲେ ଘରୋଇ ହସ୍ପିଟାଲରୁ ଟିକା ନେଲେ ଗୋଟିଏ ଡୋଜକୁ ଉପଭୋକ୍ତାଙ୍କୁ ୨୫୦ ଟଙ୍କା ଦେବାକୁ ପଡିବ । ଯାହା ମଧ୍ୟରେ ସେବାକର ପାଇଁ ୧୦୦ ଟଙ୍କା ଯୋଡା ଯାଇଛି । କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ନେଇ ପିଆଇବି ପକ୍ଷରୁ ସୂଚନା । ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣରେ ୬୦ ବର୍ଷରୁ ଉର୍ଦ୍ଧ ସମସ୍ତ ଲୋକ ଓ ୪୫ ବର୍ଷରୁ ଉର୍ଦ୍ଧ ବ୍ୟାଧିପୀଡିତ ମାନଙ୍କୁ ଟିକା ଦିଆଯିବ । ଶନିବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ ରାଜ୍ୟକୁ କରୋନା କଟକଣା କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କହିରଖୁ କି କିଛିଦିନ ହେବ ▶▶ପୃଷ୍ଠା ୭

# ଆନ୍ଦୋଳନକାରୀ କୃଷକ କରିବେ ସାଇକେଲ ରାଲି : ମାର୍ଚ୍ଚ ୧୨ ରୁ ଆରମ୍ଭ

ନୂଆଦିଲ୍ଲୀ,୨୭।୦୨ (ନି.ପ୍ର): ଗାଁରେ ଗାଁରେ କୃଷକ ମାନଙ୍କୁ ଆନ୍ଦୋଳନ ବାବଦରେ ସଚେତନ କରାଇବା ଓ ୩ କୃଷି ଆଇନରେ ଥିବା କୃଷକ ମାରଣନୀତିକୁ ବୁଝାଇବାକୁ ଅଭିନବ ପ୍ରୟାସ ଆରମ୍ଭ କରିବେ ଆନ୍ଦୋଳନକାରୀ କୃଷକ । ଏନେଇ ମାର୍ଚ୍ଚ ୧୨ ତାରିଖରୁ ସାଇକେଲ ରାଲି କରିବାକୁ ନିଷ୍ପତ୍ତି ନିଆଯାଇଥିବା କଥା କହିଛନ୍ତି କୃଷକ ନେତା । ସୂଚନା ମୁତାବକ ଏବେ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ପହଂଚାଇବାକୁ କୃଷକ ସଂଗଠନ ମାନେ ଅଭିନବ ଉପାୟ ଆପଣାଇଛନ୍ତି । ଏନେଇ ମାର୍ଚ୍ଚ ୧୨ ତାରିଖରୁ କାଶ୍ମୀର ଠାରୁ କନ୍ୟାକୁମାରୀ ଦୀର୍ଘ ୮,୩୦୮ କିଲୋମିଟର ସାଇକେଲ ରାଲିର ଆୟୋଜନ କରାଯାଉଛି । ଏହି ରାଲି ସମୟରେ କୃଷକ ମାନେ ୨୦ ଟି ରାଜ୍ୟ ପରିକ୍ରମା କରିବେ ବୋଲଇ ଜଣାପଡିଛି । ଏହି ରାଲି ସମୟରେ କୃଷକ ମାନଙ୍କୁ ଭେଟି କେନ୍ଦ୍ରସରକାର ଆଣିଥିବା ଆଇନରେ ଥିବା କୃଷକ ମାରଣନୀତି ବାବଦରେ ବୁଝାଯିବ । ଫଳରେ ଗାଁ ଗଣ୍ଡାରେ କୃଷକ ଆନ୍ଦୋଳନକୁ ନେଇ ଥିବା ନକରାତ୍ମକ ଚିନ୍ତାଧାରା ଦୂର ହେବ ବୋଲି ଚାଷୀ ନେତା ମାନେ ମତ ଦେଇଛନ୍ତି । କହିରଖୁ କି ୩ ମାସରୁ ଅଧିକ ସମୟ ହେବ କୃଷକ ମାନେ ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ଦେଶର ବିଭିନ୍ନ ସୀମାରେ ଆନ୍ଦୋଳନରେ ବସିଛନ୍ତି । ଏହାରି ମଧ୍ୟରେ ସରକାର ଓ କୃଷକ ସଂଗଠନ ମାନଙ୍କ ମଧ୍ୟରେ ୧୧ ଥର ଆଲୋଚନା ହୋଇଥିଲେ ବି ଆଲୋଚନାରୁ ▶▶ପୃଷ୍ଠା ୭

# ରାଜସ୍ଥାନୀ ହସ୍ତତନ୍ତ ବସ୍ତ୍ରମେଳା ଉଦ୍‌ଘାଟିତ

ବାଲେଶ୍ୱର,୨୭।୨ (ନି.ପ୍ର): ରାଜସ୍ଥାନୀ ହସ୍ତତନ୍ତ ବସ୍ତ୍ର ଓ ହସ୍ତକଳା ସାମଗ୍ରୀ ସମ୍ବଳିତ ଏକ ସ୍ୱତନ୍ତ୍ର ମେଳା ସହରର ଆଇଟିଆଇ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ରେବତୀ ପତ୍ରିକାର ସମ୍ପାଦିକା ତଥା ସମାଜସେବୀ ସୁବାସିନୀ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ । ରାଜସ୍ଥାନର ବ୍ୟବସାୟୀଙ୍କ ପକ୍ଷରୁ ବାଲେଶ୍ୱରରେ ନିୟମିତ ବ୍ୟବଧାନରେ ହେଉଥିବା ଏହିଭଳି ମେଳା ଯୋଗୁଁ ଏଠାକାର ଜନସାଧାରଣଙ୍କ ମଧ୍ୟରେ ହସ୍ତକଳା ଓ ହସ୍ତତନ୍ତ ବସ୍ତ୍ର ପ୍ରତି ଆଗ୍ରହ ବୃଦ୍ଧିପାଇଥିବା ସେ ମତବ୍ୟକ୍ତ କରିଥିଲେ । ସରକାରଙ୍କ କୋଭିଡ ନିୟମ ପାଳ ପାଇଁ ପରାମର୍ଶ ଦେବା ସହ ସେ ଏହି ମେଳାର ବ୍ୟବସାୟିକ ସଫଳତା କାମନା କରିଥିଲେ । ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ , ପୂର୍ବତନ ପୌରପାଳ ଆଲୋକ ସାହୁ, କବି ଅଭୟ ଦାସ, ଅବସରପ୍ରାପ୍ତ ପ୍ରାଧାପକ ଶତୃଘ୍ନ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ରାଜସ୍ଥାନୀ ହସ୍ତତନ୍ତ ବସ୍ତ୍ର ସୋସାଇଟିର କର୍ମକର୍ତ୍ତା ବୀରେନ୍ଦ୍ର ଶର୍ମା ପ୍ରମୁଖ ଯୋଗଦେଇ ମେଳାର ସଫଳତା କାମନା କରିଥିଲେ । ତେବେ କରୋନା କଟକଣା କୋହଳ ହୋଇଥିଲେ ବି ସାମ୍ବବ୍ୟ ସଂକ୍ରମଣରୁ ବର୍ତିବା ପାଇଁ ସମସ୍ତେ ସରକାରଙ୍କ କୋଭିଡ ଗାଇଡଲାଇନକୁ ମାନି ମେଳାକୁ ଆସିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ବର୍ଷ ଏହି ମେଳା ଆୟୋଜିତ ହୋଇଆସୁଥିବା ବେଳେ କରୋନା ପାଇଁ ହ୍ୟାଣ୍ଡଲୁମ ପ୍ରସ୍ତୁତକାରୀ କାରିଗର ଓ ବିକ୍ରେତାମାନଙ୍କ ଜୀବନଧାରଣ ଦୁର୍ବିସହ ହୋଇପଡିଛି ବୋଲି ଆୟୋଜକ ଶ୍ରୀ ଶର୍ମା କହିଥିଲେ । ବାଲେଶ୍ୱରବାସୀ କୋଭିଡ ନିୟମ ପାଳନ ସହ ଅଧିକ ସଂଖ୍ୟାରେ ଆସି ସେମାନଙ୍କୁ ପ୍ରୋତ୍ସାହିତ ପାଇଁ ନିବେଦନ କରିଥିଲେ । ଦେଢ଼ମାସ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ସାମଗ୍ରୀ ସମ୍ବଳିତ ୬୦ରୁ ଉର୍ଦ୍ଧ୍ୱ ଷ୍ଟଲ ଲାଗିଥିବା ଲକ୍ଷ୍ୟ କରାଯାଇଥିଲା ।

# ଧାମନଗରରେ କରୋନା ଫେରନ୍ତାକୁ ନେଇ ମାସ୍କ ଓ ହେଲମେଟ ଚେକିଂ

## ତହସିଲଦାର ଓ ଆଇଆଇସି ମିଳିତ ଚଢାଉ କରି ଅମାନିଆଙ୍କଠାରୁ ଜରିମାନା ଆଦାୟ

ଧାମନଗର,୨୭।୨ (ନି.ପ୍ର): ଧାମନଗର ଠାରେ ମହାମାରୀ କରୋନାର ଫେରନ୍ତାକୁ ନେଇ ଏଥର ଭୁତାଣୁ ଅଧିକ ଶକ୍ତିଶାଳୀ ଦେଖା ଯାଉଥିବାରୁ ଜନସାଧାରଣଙ୍କ ଜୀବନ ସୁରକ୍ଷା ଓ ସଚେତନ ହେବାପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ତତ୍‌ପର ହେବା ଦେଖାଦେଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚେତାବନୀ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତା ନେଇ ଜନସାଧାରଣଙ୍କୁ ସତର୍କ କରାଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ସଚେତନପରେ ଏବେ ପୋଲିସର ମାସ୍କ ଓ ହେଲମେଟ ଚେକିଂ । ଏହି କ୍ରମରେ ଗୁରୁବାର ପୂର୍ବାହ୍ନରେ ଧାମନଗର ତହସିଲଦାର ରାଧାକାନ୍ତ ବାରିକ ଓ ଆଇଆଇସି ରତିକାନ୍ତ ଗିରିଙ୍କ ମିଳିତି ଯାଂଚ କରାଯାଇଥିବାବେଳେ ମାସ୍କ ପିନ୍ଧିନଥିବା ବ୍ୟକ୍ତିମାନଙ୍କ ଠାରୁ ଏକ ହଜାର ଲେଖାଏଁ ଟଙ୍କା ଜରିମାନା ଆଦାୟ କରାଯାଉଛିବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳୁଛି । ଲୋକମାନଙ୍କୁ ଉଚେତନ କରିବାପାଇଁ ପରବର୍ତ୍ତି ସମୟରେ ସରକାରଙ୍କ ନିୟମ ଅନୁସାରେ ଚେକିଂ ବ୍ୟବସ୍ଥାକୁ ଆହୁରି କଡାକଡି କରାଯିବବୋଲି ତହସିଲଦାର, ଆଇଆଇସି ସୂଚନା ଦେଇଥିବାବେଳେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି । ପ୍ରକାଶ ଥାଉକି ମହାମାରୀ କରୋନା ଫେରନ୍ତାକୁ ନେଇ ଧାମନଗର ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଏହି ରୋଗରୁ ସୁସ୍ଥ ରହିବାପାଇଁ ସାମାଜିକ ଦୂରତା, ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା, ଜନଗହଳି ନକରିବାପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଡ଼ାକବାଜିଯନ୍ତ୍ର ମାଧ୍ୟମରେ ଆଗୁଆ ସୂଚନା ଦିଆଯାଇଛି ।

# ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ




ଡେଲାଙ୍ଗ,୨୭।୨ (ନି.ପ୍ର): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଶ୍ରୀପୁରୁଷୋତମପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ୬୧ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ନୂତନ ପୋଷାକ ଓ ଜୋତା ମୋଜା ବଣ୍ଟନ କରାଯାଇଛି । ରାଜ୍ୟ ସରକାରଙ୍କ କୋଭିଡ-୧୯ ଆଇନ ଅନୁଯାୟୀ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଆସିବାକୁ ବାରଣ କରାଯାଇଥିବା ବେଳେ ସେମାନଙ୍କ ଅଭିଭାବକ ମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କେଦାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଳନ୍ଧର ବେହେରା ରାଜ୍ୟ ସରକାରଙ୍କର ଏହି ଯୋଜନା ସମ୍ପର୍କରେ ମତ ରଖିଥଲେ । ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏହି ଯୋଜନାରେ ସାମିଲ ହୋଇ ପାରିଛନ୍ତି ବୋଲି ଶିକ୍ଷୟତ୍ରୀ ବିନୋଦିନୀ ମହାପାତ୍ର କହିଥିଲେ ।

# ବଣିଆ ମନ୍ଦିରରେ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ



ବାଲେଶ୍ୱର,୨୭।୨ (ନି.ପ୍ର): ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଅଗ୍ରପୂଜ୍ୟ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସଖା ତଥା ଅନୁଗାମୀ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ ବାଲେଶ୍ୱର ସହରର ବଣିଆମନ୍ଦିର ପରିସରରେ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏନେଇ ଗୁରୁବାର ରାତିରୁ ସ୍ୱତନ୍ତ୍ର ବିଧିପୂର୍ବକ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ମନ୍ଦିରର ତାମ୍ରଫଳକ ଅନୁସାରେ ସ୍ୱୟଂ ନିତ୍ୟାନନ୍ଦ ମହାପ୍ରଭୁ ସାଥୀ, ସହଚର ଓ ଅନୁଗାମୀଙ୍କ ସହ ପଶ୍ଚିମବଙ୍ଗ ନଦିଆ ରୁ ଶ୍ରୀ ଜଗନ୍ନାଥ ପୁରୀ ଯିବା ଅବସରରେ ବଣିଆ ମନ୍ଦିର ନିକଟରେ ଅବସ୍ଥାନ କରିଥିଲେ । ସେହି ସ୍ମୃତିରେ ୧୭୩୮ ମସିହାରେ ବଣିଆ ମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ଦୁଇଥର ମନ୍ଦିରର ପୁନରୁଦ୍ଧାର ମଧ୍ୟ ହୋଇଛି । ତେବେ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ ଆରମ୍ଭ ହେବାର ନିର୍ଦ୍ଦିଷ୍ଟ ସୂଚନା ନଥିଲେ ବି ବଣିଆ ମନ୍ଦିରରେ ଶହେବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଏହି ଉତ୍ସବ ପାଳିତ ହୋଇ ଆସୁଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ସ୍ୱର୍ଗତ ନିରଞ୍ଜନ ଦତ୍ତଙ୍କ ଦ୍ୱାରା ମନ୍ଦିର ପୁନରୁଦ୍ଧାର ହେବା ପରେ ତାଙ୍କ ବଂଶଧର ଏହି ଉତ୍ସବ ପାଳନ କରିଆସୁଛନ୍ତି । ଜନ୍ମୋତ୍ସବ ପାଳନ ପାଇଁ ମହାପ୍ରଭୁଙ୍କ ନିକଟରେ ଭୋଗରାଗ ଲାଗି କରାଯିବା ସହ ତାଙ୍କ ସଖା ସହଚରଙ୍କ ଉଦ୍ଦେଶ୍ୟରେ ମଧ ସ୍ୱତନ୍ତ୍ର ଭୋଗ ଅର୍ପଣ କରାଯାଇଥାଏ । ଏହି ଭୋଗ ମଧରେ ମାଲସା ଭୋଗ ଅର୍ପଣର ପରମ୍ପରା ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥାଏ । ପୂର୍ଜାର୍ଚ୍ଚନା ସହ ହୋମଯଜ୍ଞ କର୍ମକାଣ୍ଡ ମାଧମରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଚିତ୍ତରଞ୍ଜନ ଦତ୍ତ, ଦୀପ୍ତି ରଞ୍ଜନ ଦତ୍ତ, ରଞ୍ଜନ ଦତ୍ତ, କଳିଭୂଷଣ ଦତ୍ତ, ସ୍ମୃତିରଞ୍ଜନ ଦତ୍ତ, ପ୍ରଦୀପ ବଡ଼େଇ ପ୍ରମୁଖଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଜନ୍ମୋତ୍ସବ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ପୁରୀ ସବରେଜିଷ୍ଟ୍ରର ସସ୍‌ପେଣ୍ଡ

ପୁରୀ,୨୭।୨ (ନି.ପ୍ର): ସରକାରୀ କାର୍ଯ୍ୟରେ ଅବହେଳା ଓ ଜନତାଙ୍କ କାର୍ଯ୍ୟ ସମାପନ କରିବାରେ ବିଳମ୍ବ ଯୋଗୁଁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି । ଗତ ଦୁଇମାସ ତଳେ ସବରେଜିଷ୍ଟ୍ରରଭାବେ ସୀତାଂଶୁ ଶେଖର ସାମଲ କାର୍ଯ୍ୟରେ ଯୋଗଦାନ କରିଥିଲେ । କାର୍ଯ୍ୟରେ ଯୋଗଦେବା ପରେ ଜନତାଙ୍କ କାର୍ଯ୍ୟ ତ୍ୱରିତଭାବେ ନକରିବା, ବିଭିନ୍ନ ଆଇନଜୀବିଙ୍କ କାର୍ଯ୍ୟ ବିଳମ୍ବିତ କରିବା ସହ କ୍ଷମତାପତ୍ରର ଅପବ୍ୟବହାର କରିଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା । ଗତ ଦୁଇଦିନ ତଳେ ଜଣେ ଯୁବ ଆଇନଜୀବିଙ୍କ ଇସି ଦେବା ପାଇଁ ସାତଦିନ ବିଳମ୍ବ କରିବା ଓ ନଦେବା କାରଣରୁ ବହୁ ଯୁବ ଆଇନଜୀବି ଏ ସଂପର୍କରେ ସବରେଜିଷ୍ଟ୍ରର ଅଫିସରରେ ହୋ ହଲ୍ଲା କରିଥିଲେ । ଏ ସଂପର୍କରେ ମଧ ଏଡିଏମ ଓ ଜିଲ୍ଲାପାଳ ଜାଣିବାକୁ ପାଇଥିଲେ । ଏହାସହ ଅଫିସ ଷ୍ଟାପ୍ ଅଧିକାରୀଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରୁଥିଲେ । ବିଡ଼ା ବିଡା ଫାଇଲ ଦସ୍ତଖତ ନହୋଇ ପଡି ରହୁଥିଲ । ଯାହାଫଳରେ ସରକାର ଜନତାଙ୍କୁ ଖୁବ ଶୀଘ୍ର କାଗଜାତ ଦେବା ପାଇଁ କରିଥିବା ଆଇନକୁ ଉଲ୍ଲଘଂନ କରାଯାଇଥିଲା । ବିଭିନ୍ନ ଦିଗରୁ ବିଚାର କରି ଆଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ନିଲମ୍ବନ ଘଟଣା ଜାଣିବା ପରେ ପିଏଲଏଫ, ଭିଏଲଏଫ, ଯୁବ ଆଇନଜୀବି ଫୋରମ ତାଙ୍କ ନିଲମ୍ବନକୁ ସ୍ୱାଗତ କରିଛନ୍ତି । ଯୁବ ଆଇନଜୀବି ରାଧାଶ୍ୟାମ ମହାନ୍ତି, ରାମଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର କୁମାର ସାହୁ, କର୍ଣ୍ଣବୀର ମହାପାତ୍ର, ନଳିନୀକାନ୍ତ ନାୟକ ଆଦି ବହୁ ଆଇନଜୀବି ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ସବରେଜିଷ୍ଟ୍ରରଙ୍କ ନିଲମ୍ବନ ଘଟଣା ଗଣମାଧ୍ୟମ ଓ ବିଭିନ୍ନ କର୍ମଚାରୀଙ୍କ ଠାରୁ ଶୁଣି କାର୍ଯ୍ୟାଳୟରେ ଦସ୍ତଖତ କରୁଥିବା ସମୟରେ ହଠାତ୍ ପଳାଇଯାଇଥିଲେ । ଏହା ଦେଖି କର୍ମଚାରୀମାନେ ହତବାକ୍ ହୋଇ ଚାହିଁଥିଲେ ।

# କଅଁଳପଡା ଖଣ୍ଡୁଆଳ ପୀଠରେ ବିଶ୍ୱଶାନ୍ତି ଯଜ୍ଞ

ଡେଲାଙ୍ଗ,୨୭।୨ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ କଁଅଳପଡା ଗାମର ଅଧିଷ୍ଠାତ୍ରୀ ଦେବୀ ମା ବରାହୀ (ଖଣ୍ଡୁଆଳ) ଠାକୁରାଣୀଙ୍କ ପୀଠସ୍ଥଳୀରେ ୧୨ତମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ ଗ୍ରାମବାସୀ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଠାରୁ ୪ଦିନ ବ୍ୟାପି ଅଙ୍କୁରାରୋପଣ, ଜଳଯାତ୍ରା, ଶାଳାମଣ୍ଡନ, ଦେବୀ ଆବାହନ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ଶତରୁଦ୍ରାଭିଶେକ, ସପ୍ତସତୀ ଚଣ୍ଡିପାଠ, ହବନ ଆଦି ପୂଜାର୍ଚ୍ଚନା ହେବା ସହ ଏହି ଯଜ୍ଞ ଶୁକ୍ରବାର ଗୋଧୁଳି ଲଗ୍ନରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି । ସମଗ୍ର ଅଚଂଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ସହ ଭକ୍ତ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ସମସ୍ତଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା ।

# ରାଇବଣିଆରେ ୩ ଦଳିଆ ହାତୀଗୋଠ

## ହାତୀ ଆକ୍ରମଣରେ ଖସିପଳାଇଲା ସ୍ୱାମୀ : ସ୍ତ୍ରୀ ଖାଇବାକୁ ଦେଲା ଚାଉଳ

ଜଳେଶ୍ୱର ,୨୭।୨ (ନି.ପ୍ର): ଗତ ୧୫ ଦିନ ଧରି ରାଇବଣିଆରେ ଏକ ଗୋଠ ଖଣ୍ଡିଆ ଦନ୍ତା ରହିଥିବା ବେଳେ ଗତ ୭ ଦିନ ମଧ୍ୟରେ ଶିମୁଳିପାଳର ଅନ୍ୟ ଦୁଇ ଦଳ ହାତୀ ଆସି ଉପଦ୍ରବ ଚଳାଇଛନ୍ତି । ଗତ ରାତିରେ ନୂଆସାହି ଗାଁର ଜନୈକ ବ୍ୟକ୍ତିଙ୍କ ଘରେ ହାତୀ ପଶିଥିବା ବେଳେ ଘର ମାଲିକ ଚାଳଛପର ଚିରି ଦୌଡି ପଳାଇଯିବାରୁ ଅଳ୍ପକେ ରକ୍ଷା ପାଇଥିଲା । କିନ୍ତୁ ତାର ସ୍ତ୍ରୀ ଅନ୍ୟ ଉପାୟ ନ ପାଇ ଚାଉଳବସ୍ତା ଟା ନିକଟକୁ ଠେଲି ଦେବାରୁ ଚାଉଳ ଖାଇ ସେଠାରୁ ପଳାଇ ଯାଇଥିଲା । ଗତ କିଛିଦିନ ତଳେ ଶିମୁଳିପାଳରୁ ୧୦ଟି ହାତୀ ଆସି ପଶ୍ଚିମ ମେଦିନୀପୁରରୁ ବଳମ ଜଂଗଲ ଓ ରାଇବଣିଆର ଆମ୍ବତୁମ୍ବା ଓ ଲୁହାପଡା ଜଂଗଲରେ ରହି ଆସୁଥିବା ବେଳେ ସେ ଅଂଚଳରେ ଆତଙ୍କ ଖେଳି ଯାଇଥିଲା । ଗତ ରାତିରେ ଅନ୍ୟ ଏକ ୧୩ ସଂଖ୍ୟା ବିଶିଷ୍ଟ ଅନ୍ୟଏକ ହାତୀ ପଲ ଲୁହାପଡା ଜଂଗଲରେ ରହିଥିବା ଜଣାଯାଇଛି । ପୁଣି ଦନ୍ତାହାତୀଟି ଜଳେଶ୍ୱର ସହର ଠାରୁ ମାତ୍ର ୫ କିମି. ଦୂର ଶିଖରପୁର ପଂଚାୟତର ଭାନୁପୁର ଗାଁ ପର୍ଯ୍ୟନ୍ତ ଆସି ବ୍ୟାପକ କ୍ଷତି ଘଟାଇଥିବା ବେଳେ ଡିଏଫଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ରେଞ୍ଜର ସରୋଜ କୁମାର ମହାନ୍ତି ସଦଳବଳେ ଘଉଡାଇବାକୁ ଚେଷ୍ଟା କରିଥିଲେ । ଓଲମରାର ହାତୀ ସୁରକ୍ଷା ବାହିନୀ ସହିତ ଜଂଗଲ ବିଭାଗ ଚେଷ୍ଟାରେ ୧୦ ସଂଖ୍ୟା ବିଶିଷ୍ଟ ହାତୀପଲକୁ ପଶ୍ଚିମବଂଗର ବଳମ ଜଂଗଲକୁ ଘାଉଡାଇ ଦିଆଯାଇଥିବା ବେଳେ ୧୩ ସଂଖ୍ୟ ବିଶିଷ୍ଟ ହାତୀପଲକୁ ଜଂଗଲବିଭାଗ କର୍ମଚାରୀମାନେ ପଶ୍ଚିମବଂଗକୁ ଘଉଡାଇବାକୁ ଚେଷ୍ଟା ଜାରି ରଖିଛନ୍ତି ।

# ବିଭିନ୍ନ ସ୍କୁଲରେ ଓଡିଶୀ ନୃତ୍ୟ ପ୍ରଶିକ୍ଷଣ ଶିବିର




ଡେଲାଙ୍ଗ,୨୭।୨ (ନି.ପ୍ର): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ ସୁଧା ର ମିଳିତ ସହଯୋଗରେ ଡେଲାଙ୍ଗ ବ୍ଲକର ମହତାବ, ରାଧାକାନ୍ତ, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ସର୍ବପଲ୍ଲୀ ବିଦ୍ୟାପୀଠ, ପୁରୁଷୋତମପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ବେରବୋଇ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଓଡିଶୀ ନୃତ୍ୟ ଅଭିନୟ ଓ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସୁଧା ର ଓଡିଶୀ କଳାକାର ମାନେ ଓଡିଶୀ ନୃତ୍ୟ ଓ ଅଭିନୟ ମାଧ୍ୟମରେ ଆମ ସଂସ୍କୃତି ଆମ ପରମ୍ପରା ଓ ଶାସ୍ତ୍ରୀୟ ପାରମ୍ପାରିକ କୌଶଳ ବିଷୟରେ ଏହି ପ୍ରଶିକ୍ଷଣ ଦେଇଥିଲେ । ମଙ୍ଗଳାଚରଣ, ବଟୁନୃତ୍ୟ, ପଲ୍ଲବୀ, ଅଭିନୟ, ମୋକ୍ଷ ସମ୍ବନ୍ଧରେ ଓଡିଶୀ ନୃତ୍ୟ ଭାବ ର ରସକୁ ଅତି ନିକ୍ଷୁଣ ଭାବେ ପ୍ରଶିକ୍ଷତ କରାଇଥିଲେ । ଓଡିଶୀ ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ. ଅଭିଭାବକ ମାନଙ୍କ ମଧ୍ୟରେ ସାଂପ୍ରଦାୟକି ସଦ ଭାବନା, ରାଷ୍ଟ୍ରିୟ ଏକତା, ଅଖଣ୍ଡତା, ସୌରର୍ଦ୍ଧ୍ୟ, ଶାନ୍ତି, ସ୍ନେହର ଭାବ ସୃଷ୍ଟି କରିବା ର ଅଭିନୟ ପ୍ରଶିକ୍ଷଣ ଓ ନୃତ୍ୟ କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ରହିଥିବା କହିଛନ୍ତି । ଏହି ଓଡିଶୀ ନୃତ୍ୟ କର୍ମଶାଳାକୁ ସୁଧା ଅନୁଷ୍ଠାନର ଅଧକ୍ଷ ସଞ୍ଜୟ କୁମାର ମିଶ୍ର ପରିଚାଳନା କରିଥିଲେ ।

# ମାଲକାନଗିରିରେ ଆଇନ ସଚେତନତା ଶିବିର

ମାଲକାନଗିରି,୨୭।୨ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ଆନୁକୂଲ୍ୟରେ ଗତକାଲି ଓଏଭିଏସ, ମାଲକାନଗିରି ଠାରେ ମହାମାରୀ ରୋଗର ନିରାକରଣ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ରହିତଲାଲ ପଣ୍ଡା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଅମରେଶ ନାୟକ, ସହକାରୀ ସଂରକ୍ଷକ ଫରେଷ୍ଟର ମାଲକାନଗିରି ଶ୍ରୀ ବେହେରା, ମାଲକାନଗିରି କଲେଜର ଅଧାପକ ରଞ୍ଜନ କୁମାର ସ୍ୱାଇଁ, ଓଏଭିଏସ ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଆଦର୍ଶ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ପୋଲିସ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆଇନ ସେବା ପ୍ରାଧିକରଣର ସଚିବ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନ ସେବା, ମଧ୍ୟସ୍ଥତା ଓ ଆପୋଷ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ ଓ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ୧୦ଟି ନୂଆ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ ।

# ଜିଓ ତୃତୀୟ ତ୍ରୟମାସରେ ୫୨.୬% ରାଜସ୍ୱ ବଜାର ଅଂଶ ସହ ଓଡିଶାରେ ଅଗ୍ରଣୀ ସ୍ଥିତିକୁ ଆହୁରି ସଦୃଢ଼ କରିଛି : ଟ୍ରାଇ ରିପୋର୍ଟ

ଭୁବନେଶ୍ୱର,୨୭।୨ (ନି.ପ୍ର): ଓଡ଼ିଶା ବଜାରର ସବୁଠୁ ପସନ୍ଦର ସେବା ପ୍ରଦାନକାରୀ ଭାବେ ନିଜର ଅଗ୍ରଣୀ ସ୍ଥାନକୁ ବଜାୟ ରଖି ରିଲାଏନ୍ସ ଜିଓ ରାଜ୍ୟରେ ଟେଲିକମ୍ କ୍ଷେତ୍ରର ମୋଟ ରାଜସ୍ୱ ବଜାର ଅଂଶର ୫୨.୬ ପ୍ରତିଶତ ସହିତ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଥିବା ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ତରଫରୁ ୨୦୨୦ ଅକ୍ଟୋବର-ଡିସେମ୍ବର ତ୍ରୟମାସ ଲାଗି ଜାରି କରାଯାଇଥିବା ସଦ୍ୟତମ ଆର୍ଥିକ ରିପୋର୍ଟରୁ ଜଣାପଡ଼ିଛି । ଓଡ଼ିଶାରେ ଜିଓ ଟେଲିକମ୍ କ୍ଷେତ୍ରର ମୋଟ ରାଜସ୍ୱ ବଜାର ଅଂଶର ୫୨.୬% ଅଂଶ ହାସଲ କରିଛି ଏବଂ ତାହା ଭାରତର ସମସ୍ତ ଟେଲିକମ୍ ସର୍କଲ୍ ମଧ୍ୟରେ ସର୍ବାଧିକ ରହିଥିବା ଟ୍ରାଇ ପ୍ରକାଶ କରିଥିବା ଏହି ରିପୋର୍ଟରୁ ଜଣାପଡ଼ିଛି । ଏହି ରିପୋର୍ଟ ଅନୁସାରେ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୟମାସରେ ଓଡ଼ିଶାରେ ଟେଲିକମ୍ କ୍ଷେତ୍ରର ମୋଟ ରାଜସ୍ୱରେ ପୂର୍ବ ତ୍ରୟମାସ ତୁଳନାରେ ୪ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ରିଲାଏନ୍ସ ଜିଓ ମୋଟ ରାଜସ୍ୱରେ ପ୍ରାୟ ୬% ବୃଦ୍ଧି ହାସଲ କରିଛି ଏବଂ ଏହା ପଛକୁ ଏୟାରଟେଲ୍ ୪ ପ୍ରତିଶତ ବୃଦ୍ଧି ହାସଲ କରିଛି । ଭିଁ (ପୂର୍ବରୁ ଭୋଡାଫୋନ୍ ଆଇଡିଆ ଥିଲା) ଏବଂ ବିଏସ୍ ?ଏନ୍ ?ଏଲ୍ ?ର ରାଜସ୍ୱ ଏହି ଅବଧିରେ ହ୍ରାସ ପାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ଏହା ସହିତ ଓଡ଼ିଶାରେ ଟେଲିକମ୍ ରାଜସ୍ୱ ବଜାର ଅଂଶରେ ୫୨.୬% ସହିତ ଜିଓ ସର୍ବାଗ୍ରେ ରହି ନିଜର ନେତୃତ୍ୱ ସ୍ଥିତିକୁ ଅଧିକ ମଜଭୁତ କରିଥିବା ବେଳେ ଏହା ପଛକୁ ଭାରତୀ ଏୟାରଟେଲ୍‌ର ୩୫.୬%, ଭିଁ ର ୬.୨% ଓ ବିଏସ୍ଏନ୍ଏଲ୍‌ର ରାଜସ୍ୱ ବଜାର ଅଂଶ ୫.୩% ରହିଛି ।

# ଶିକ୍ଷକ ଧନେଶ୍ୱର ମୁଣ୍ଡାଙ୍କ ସଡ଼କ ଦୁର୍ଘଟଣାରେ ଗୁରୁତର : କଟକ ଡ଼ାକ୍ତର ଖାନାରେ ଭର୍ତ୍ତି

ଧାମନଗର,୨୭।୨ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ପଳିକିରୀ ସରକାରୀ ନୋଡ଼ାଲ ବିଦ୍ୟାଳୟର ସହକାରୀ ଶିକ୍ଷକ ଧନେଶ୍ୱର ମୁଣ୍ଡା(ରାଜୁ ସାର) ସଡ଼କ ଦୁର୍ଘଟଣାରେ ଗୁରୁତର । ଘଟଣାରୁ ଯାହା ଜଣାଯାଏ ବୁଧବାର ରାତିରେ ନିଜ ଘର ଭଗବାନପୁର ନିକଟସ୍ଥ ଗନ୍ଦ୍ରଖା ଅଞ୍ଚଳକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ଶ୍ରୀ ମୁଣ୍ଡା ପି.ବି. ହାଇସ୍କୁଲ ନିକଟରେ ପଡ଼ିଯାଇଥିଲେ । ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବାର ଦେଖି ଧାମନଗର ପୋଲିସ ଗାଡ଼ିରେ ରାତ୍ର ପେଟ୍ରୋଲିଂରେ ଯାଉଥିବା ଏସ୍ଏସ୍ଆଇ ହୃଷିକେଶ ବିଶ୍ୱାଳ ତାଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପଠାଇଥିଲେ । ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ପରେ କଟକ ବଡ଼ଡ଼ାକ୍ତରଖାନାକୁ ନିଆଯାଇଥିଲା । ଦୁର୍ଘଟଣାରେ ଶ୍ରୀ ମୁଣ୍ଡାଙ୍କ ମୁଣ୍ଡ, ଛାତିରେ ଗୁରୁତର ଆଘାତ ଲାଗିଥିବାବେଳେ ଗୋଟିଏ ହାତ ଭାଙ୍ଗିଯାଇଥିବା ଜଣାଯାଇଛି ।

# ଜଳେଶ୍ୱର ବିଧାୟକଙ୍କୁ କଂଗ୍ରେସର ୧୦ଟି ପ୍ରଶ୍ନ : ଅନ୍ୟ ଦଳରୁ ମିଶିଲେ ୫୦ରୁ ଉର୍ଦ୍ଧ୍ୱ କର୍ମୀ




ଜଳେଶ୍ୱର ,୨୭।୨ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଥାନାର ଖୁଆଡ ଠାରେ ଆଜି କଂଗ୍ରେସର ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କଂଗ୍ରେସର କର୍ମକର୍ତ୍ତାମାନେ ଜଳେଶ୍ୱର ବିଧାୟକଙ୍କୁ ୧୦ଟି ପ୍ରଶ୍ନର ଉତ୍ତର ଚାହିଁଥିଲେ । ଜଳେଶ୍ୱରକୁ ସବ୍‌ଡିଭିଜନ୍ ଘୋଷଣା କରିବା, ରାଇବଣିଆକୁ ଏକ ସ୍ୱତନ୍ତ୍ର ବ୍ଲକ, ଜଳେଶ୍ୱର ଷ୍ଟାଡିୟମର ପୂର୍ଣ୍ଣାଙ୍ଗ ନ ହେବା, ଜଳେଶ୍ୱର ଟାଉନ୍‌ହଲର ପୁନରୁଦ୍ଧାର ନ ହେବା, କୌଣସି ଶିଳ୍ପ ପ୍ରତିଷ୍ଠା ନ ହେବା, ଶୀତଳ ଭଣ୍ଡାର ନ ହେବା , ରୁରବାନ୍ ଯୋଜନାଠିକ୍‌ଭାବେ କାର୍ଯ୍ୟକାରୀ ନ ହେବା, ବିଡିଓ କାର୍ଯ୍ୟାଳୟ ପିସି କାରବାରରେ ପେଣ୍ଠସ୍ଥଳୀ ପାଲଟିବା, ନିଶା ଓ ନିଶା ବେପାରୀଙ୍କ ସଂଖ୍ୟା ବୃଦ୍ଧି ପାଇବା, ତଥା ଧାନ ମଣ୍ଡିରେ ଚାଷୀ ଧାନ ବିକ୍ରି କରିନପାରିବା ଘଟଣାରେ ବିଧାୟକ ଅଦ୍ୟାବଧି କଣ କରିଛନ୍ତି ସେଥିନେଇ ସେମାନେ ନିର୍ଦ୍ଦିଷ୍ଟ ଉତ୍ତର ଚାହିଁଥିଲେ । ଏହି ସଭାରେ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ସୁନୀଲପରିଡା, ସୁକୁମାର ଘୋଷ, ହେମନ୍ତ ଗିରି, ଗିରିଜା ଶଂକର ଦାସ, ମଧୁସୂଦନ ଗାନ୍ଧି, ସୁଶାନ୍ତ ସେଠୀ, ଶ୍ରୀକାନ୍ତ ସିଂ, ଅଜିତ୍ ବେହେରା ଓ ସୁଦାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ଦଳରୁ ପ୍ରାୟ ୫୦ଜଣ କର୍ମୀ କଂଗ୍ରେସରେ ଯୋଗ ଦେଇଥିବା ବେଳେ କର୍ମୀ ସମ୍ମଳନୀ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର କର୍ମକର୍ତ୍ତାମାନେ ବିଧାୟକଙ୍କ ଉଦ୍ଦେଶ୍ୟରେ ବହୁ ପ୍ରଶ୍ନ କରିଥିଲେ ।

# ଗଣ ଶିକ୍ଷକଙ୍କ ପରଲୋକ : ଅନାଥ ହେଲେ ବୃଦ୍ଧା ମା’ ଓ ଦୁଇ ଅବିବାହିତ କନ୍ୟା

ଜଳେଶ୍ୱର ,୨୭।୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଂଚାୟତର କମାରଶାଳିଆସ୍ଥିତ ଆର୍‌ଏନ୍ ନୋଡାଲ୍ ୟୁପି ସ୍କୁଲ ଶିକ୍ଷକ ଆଲୋକ ଚନ୍ଦ୍ର ପରିଡାଙ୍କର ଗତ ଗୁରୁବାର ରାତ୍ରୀ ୧୦ଟାରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ଶାହାପୁର ଗାଁର ଆଲୋକ ପରିଡା ଗଣ ଶିକ୍ଷକଭାବେ ୨୦୦୮ ରୁ କାର୍ଯ୍ୟ କରୁଥିବା ବେଳେ ପ୍ରଶିକ୍ଷଣ ପାଇନଥିବାରୁ ନିୟମିତ ଦରମା ପାଇବାରୁ ବଂଚିତ ଥିଲେ । ୨ ବର୍ଷ ତଳେ ଦୂରାରୋଗ୍ୟ କର୍କଟ ରୋଗରେ ସ୍ତ୍ରୀ ଆଖି ବୁଜିଥିବା ବେଳେ ଏବେ ବୃଦ୍ଧା ମା ଓ ଦୁଇ ଅବିବାହିତ କନ୍ୟା ଅନାଥ ହୋଇଛନ୍ତି । ତାଙ୍କ ମୃତ୍ୟୁରେ ସେ ଅଂଚଳରେ ଶୋକ ଦେଇଥିବା ବେଳେ ଆଜି ଗଣ ଶିକ୍ଷକ ଓ ଏକ୍ସ କେଡର ସଂଘର କର୍ମକର୍ତ୍ତାମାନେ ଶୋକ ପ୍ରକାଶ କରିଛନ୍ତି । ବିଆର୍.ସିସି ଲଲାଟେନ୍ଦୁ କେଶରୀ ଜେନା ଏବିଇଓ ସୁଶାନ୍ତ କୁମାର ଜେନା, ସଂପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ ଜେନା, ବୁଦ୍ଧଦେବ ଜେନା, ସରୋଜ କୁମାର ଜେନା, କମଳାକାନ୍ତ ଦିନ୍ଦା, ଝାଶେଶ୍ୱର ନାୟକ, ବିକ୍ରମ ଗିରି, ରବିନ୍ଦ୍ର ଗିରି, ପୁଷ୍ପିତା ଦାସ, ପ୍ରଭାବତି ବାରିକ ଓ ଗଜେନ୍ଦ୍ର ପତି ପ୍ରମୁଖ ଏଥିରେ ଶୋକ ବ୍ୟକ୍ତ କରିଛନ୍ତି । ବୃଦ୍ଧା ମା ଓ ଦୁଇ ଅବିବାହିତ କନ୍ୟା ଅନାଥ ହୋଇଥିବାରୁ ଜଣକୁ ଚାକିରୀ ଦେବାକୁ ସରପଂଚ ମମତା ହୁଇ ଦାବି ଜଣାଇଛନ୍ତି ।

# ସାଇକେଲ ଚୋରିକୁ କେନ୍ଦ୍ର କରି ସଙ୍ଘର୍ଷ : ଦୁଇ ଗୁରୁତର

ଢ଼େଙ୍କାନାଳ,୨୭।୨ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ବାଇସିଙ୍ଗା ଗ୍ରାମରେ ସାଇକେଲ ଚୋରିକୁ କେନ୍ଦ୍ର କରି ହଣାକଟା ପରିସ୍ଥିତି ସୃଷ୍ଟି ହୋଇଛି । ଘଟଣାରେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଉଭୟଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ମେଡ଼ିକାଲରେ ଭର୍ତି କରାଯାଇଛି । ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଚରଣ ନାଏକଙ୍କ ସାଇକେଲ୍ ଚୋରି ହୋଇଯାଇଥିଲା । ସେ ଏ ସମ୍ପର୍କରେ ସେହି ଗ୍ରାମର ବାଦଲଙ୍କୁ ପଚାରିଥିଲେ । ଏହି ସମୟରେ ଦୁଇ ଜଣଙ୍କ ମଧ୍ୟରେ ହାତି ହାତି ଓ ଧାରୁଆ ଅସ୍ତ୍ର ସାହାଯ୍ୟରେ ପରସ୍ପର ଉପରକୁ ଆକ୍ରମଣ ଭଳି ସ୍ଥିତି ସୃଷ୍ଟି ହୋଇଥିଲା । କାମାକ୍ଷାନଗର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଆକ୍ରମଣରେ ବ୍ୟବହୃତ ଏକ ଟାଙ୍ଗିଆକୁ ଜବତ କରିଛି । ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ ।

# ରବିବାର ଚୟନ
ପୃଷ୍ଠା ୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୮ ଫେବୃଆରୀ, ୨୦୨୧
email : rabibarachayan2015@gmail.com


ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡ଼ା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୧୭**

(ପୂର୍ବପ୍ରକାଶିତ ଉତ୍ତାରୁ...)

ସେତେବେଳେ ଅଧିକ ସଂଖ୍ୟାରେ ପିଲାମାନେ ଓଡ଼ିଶାରେ ପାଠ ପଢୁନଥିଲେ । ୧୯୦୪ ମସିହାରେ ଜଣେ ମାତ୍ର ଛାତ୍ର ରେଭେନ୍ସା କଲେଜରୁ ବି.ଏ. ପାସ୍ କରିଥିଲେ । ସେ ପୁଣି ବଙ୍ଗାଳୀ । ଅନର୍ସ ପଢ଼ିବା ସକାଶେ ଭଲ ବ୍ୟବସ୍ଥା ନଥିଲା । କ୍ୱଚିତ୍ ଜଣେ ଦୁଇଜଣ ଅନର୍ସ ନେଉଥିଲେ । ଅନ୍ୟାନ୍ୟ ଓଡ଼ିଆ ଛାତ୍ରମାନେ ଏହି ସକାଶେ କଲିକତା ଯାଉଥିଲେ । ଏମାନଙ୍କ ମଧ୍ୟରେ ପୁରୀର ରାୟବାହାଦୂର ବୈଦ୍ୟନାଥ ମିଶ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ । ଆଜିକାଲି ବି.ଏ.ରେ ନିର୍ଦ୍ଧାରିତ ତିନୋଟି ବିଷୟରୁ ଗୋଟିକରେ ଅନର୍ସ ନେବା ବ୍ୟବସ୍ଥା ଅଛି । ସେହି ସମୟରେ ତିନୋଟିଯାକ ବିଷୟରେ ଅନର୍ସ ନିଆହେଉଥିଲା । ବୈଦ୍ୟନାଥ ମିଶ୍ର ଏଣ୍ଟ୍ରାନ୍ସ ଓ ଏଫ୍.ଏ. ପରୀକ୍ଷାରେ ବିଶ୍ୱବିଦ୍ୟାଳୟରେ ଉଚ୍ଚସ୍ଥାନ ପ୍ରାପ୍ତ ହୋଇ ବି.ଏ. ପରୀକ୍ଷାରେ ଇଂରେଜୀ, ସାହିତ୍ୟ, ଇତିହାସ ଓ ଦର୍ଶନ- ଏହି ତିନୋଟିଯାକ ବିଷୟରେ ଅନର୍ସର ଉଚ୍ଚସ୍ଥାନ ପ୍ରାପ୍ତ ହୋଇଥିଲେ । ବିଜ୍ଞାନ ଶିକ୍ଷା କେବଳ ପୁସ୍ତକଗତ ଥିଲା । Practical (ବ୍ୟାବହାରିକ) ଦିଗ ପ୍ରତି ଆଦୌ ଦୃଷ୍ଟି ନଥିଲା । ଏହା ବର୍ତ୍ତମାନ ବାଧ୍ୟତାମୂଳକ ହୋଇଅଛି । ବିଜ୍ଞାନ ଅବଶ୍ୟ କ୍ରମୋନ୍ନତିଶୀଳ ବିଷୟ । ସେତେବେଳେ ବିଜ୍ଞାନ ଓ ରସାୟନର ଏତେ ଉନ୍ନତି ନଥିଲା । X-Ray ସେହିମାତ୍ର ଆବିଷ୍କୃତ ହୋଇଥିଲା । ଆଜି ଏତେ ଉନ୍ନତି ହୋଇଥିଲେ ସୁଦ୍ଧା ବିଜ୍ଞାନର ବିଶିଷ୍ଟ ବ୍ୟବହାର ପ୍ରାଣୀର ଧ୍ୱଂସ-ସାଧନ ସକାଶେ । ବିଗତ ଦ୍ୱିତୀୟ ମହାସମରରେ ଏହା ପ୍ରମାଣିତ ହେଲା । ଆମେରିକାର ଯୁକ୍ତରାଷ୍ଟ୍ର ଆଣବିକ ବୋମାପୋତ ଦ୍ୱାରା ଜାପାନର ଦୁଇଗୋଟି ବୃହତ୍ ସମୃଦ୍ଧିଶାଳୀ ସହର ହିରୋଶିମା ଓ ନାଗାସାକିର ବିଧ୍ୱଂସ ହେଲା । ଆଜି ସୁଦ୍ଧା ନିଜ ନିଜ ଶକ୍ତି ଓ ସଭ୍ୟତାର ଆସ୍ଫାଳନରେ ଉନ୍ମତ୍ତ ବୃହତ୍ ବୃହତ୍ ଶକ୍ତି ସମୂହର ଏହି ପଥରେ ଗତି ପ୍ରତିହତ ହେବାର କୌଣସି ଲକ୍ଷଣ ଦେଖାଯାଉନାହିଁ ।

ପ୍ରଥମ ବାର୍ଷିକ ଶ୍ରେଣୀରେ ସମଗ୍ର ଓଡ଼ିଶାରୁ ପ୍ରାୟ ଷାଠିଏ ଜଣ ଛାତ୍ର ଆସି ନାମ ଲେଖାଇଲେ । ସମ୍ବଲପୁରରୁ କେବଳ ମୁଁ ଆସିଥିଲି । ମନେରଖିବାକୁ ହେବ ଯେ, ସେତେବେଳେ ସମ୍ବଲପୁର ମଧ୍ୟପ୍ରଦେଶର ଅନ୍ତର୍ଗତ ଥିଲା । ଓଡ଼ିଶାର ସରକାରଙ୍କ ନିୟମାନୁସାରେ ପ୍ରତ୍ୟେକ ଜିଲ୍ଲା ସକାଶେ ଅନ୍ତତଃ ଗୋଟିଏ ଲେଖାଏଁ ବୃତ୍ତି ନିର୍ଦ୍ଦିଷ୍ଟ ଥାଏ । ମୁଁ ମଧ୍ୟପ୍ରଦେଶ ସରକାରଙ୍କୁ ଗୋଟିଏ ବୃତ୍ତି ସକାଶେ ଦରଖାସ୍ତ କଲି । କିନ୍ତୁ ମୋତେ ବୃତ୍ତି ମିଳିଲା ନାହିଁ । ଓଡ଼ିଆଙ୍କ ପ୍ରତି ମଧ୍ୟପ୍ରଦେଶ ସରକାରଙ୍କ ତ ସହାନୁଭୂତି ନଥିଲା । ପ୍ରତ୍ୟେକ ବିଷୟରେ ସମ୍ବଲପୁରର ଓଡ଼ିଆମାନେ ଅବହେଳିତ ହେଉଥିଲେ । ଏହାରି ଫଳରେ ସିନା ୧୯୦୫ ମସିହାରେ ସମ୍ବଲପୁର ଓଡ଼ିଶା ସହିତ ମିଳିତ ହେଲା ।

ବି.ଏ. କ୍ଲାସ୍‌ରେ ସୁଦ୍ଧା ତଦ୍ରୂପ, ଛାତ୍ର ସଂଖ୍ୟା ଅଳ୍ପ । ଛାତ୍ରମାନଙ୍କ ମଧ୍ୟରେ ବଙ୍ଗାଳି ଛାତ୍ର ଅଳ୍ପ ଥିଲେ ହେଁ ସେମାନଙ୍କ ପ୍ରାଧାନ୍ୟ ସର୍ବତ୍ର ଲକ୍ଷିତ ହେଉଥାଏ । ଅଧ୍ୟାପକ ସମସ୍ତେ ଥିଲେ ବଙ୍ଗାଳୀ । ପ୍ରିନ୍ସିପାଲ ବଙ୍ଗାଳୀ । ଜଣେ ମାତ୍ର ଓଡ଼ିଆ, କଲେଜିଏଟ୍ ସ୍କୁଲ୍‌ର ହେଡପଣ୍ଡିତ ପୁରୁଷୋତ୍ତମ ତର୍କାଳଙ୍କାର ପ୍ରଥମ ବାର୍ଷିକ ଶ୍ରେଣୀରେ ସଂସ୍କୃତ ଭଟ୍ଟିକାବ୍ୟ ପଢ଼ାଇବାକୁ ଆସନ୍ତି । ବଙ୍ଗଳା ଭାଷାରେ ପାଠ ବୁଝାନ୍ତି । ମୁଁ ତ ମଧ୍ୟପ୍ରଦେଶରୁ ଆସିଥିଲି । ହିନ୍ଦି ଜାଣୁଥିଲି, ବଙ୍ଗଳାର ଅର୍ଥ ବୁଝି ନପାରିଲେ ଯେତେବେଳେ ଓଡ଼ିଆରେ ବୁଝାଇବାକୁ କହେ ମୋ ପ୍ରତି ବିରକ୍ତ ହୁଅନ୍ତି ଓ ବଙ୍ଗାଳୀ ଓ ତାଙ୍କ ସଙ୍ଗେ କେତେକ ଓଡ଼ିଆ ସହାଧ୍ୟାୟୀ ମଧ୍ୟ ହସନ୍ତି । ସେତେବେଳେ ସମଗ୍ର ଓଡ଼ିଶାରେ ଆଙ୍ଗୁଳିରେ ଗଣିହେବା ଭଳି ଏମ୍.ଏ. ଥିଲେ ମଧୁସୂଦନ ଦାସ, ତାଙ୍କ ଭାଇ ଗୋପାଳ ବଲ୍ଲଭ ଦାସ ଡେପୁଟି ମାଜିଷ୍ଟ୍ରେଟ୍ ଅଭିରାମ ଭଞ୍ଜ, ସମ୍ବଲପୁରର ରାମନାରାୟଣ ମିଶ୍ର ଓକିଲ ଓ ହରିଶ୍ଚନ୍ଦ୍ର ଦତ୍ତ ବଙ୍ଗପ୍ରଦେଶସ୍ଥ ଶିକ୍ଷା ବିଭାଗର ଉଚ୍ଚ କର୍ମଚାରୀ । ଯେଣେ ଦେଖ ବଙ୍ଗାଳୀ, କଚେରୀର ଜଜ୍ ମାଜିଷ୍ଟ୍ରେଟ୍ ସମସ୍ତେ ବଙ୍ଗାଳୀ, ଓକିଲ ବଙ୍ଗାଳୀ, ଡାକ୍ତରଖାନାରେ ଡାକ୍ତର ବଙ୍ଗାଳୀ, ସ୍କୁଲରେ ମାଷ୍ଟର ବଙ୍ଗାଳୀ । ଏମାନଙ୍କ ଦାଉରେ ଓଡ଼ିଶାର ବାୟୁମଣ୍ଡଳ ସରଗରମ । ଏମାନଙ୍କ ପୁଅମାନେ ସ୍କୁଲ କଲେଜରେ ଭର୍ତ୍ତି ହେଉଛନ୍ତି । ବଙ୍ଗଳାଭାଷା ପ୍ରଭାବରେ ଭଦ୍ରବେଶୀ ଓଡ଼ିଆଙ୍କୁ ବଙ୍ଗାଳୀ ମନେକରି ଦୋକାନୀମାନେ ସୁଦ୍ଧା ଦରଖଣ୍ଡିଆ ବଙ୍ଗଳା ଭାଷାରେ କଥାବାର୍ତ୍ତା କରୁଛନ୍ତି । କେତେକ ଦିନ ପୂର୍ବେ ବଙ୍ଗାଳୀମାନଙ୍କ ଆନ୍ଦୋଳନରେ ଓଡ଼ିଶାରୁ ଓଡ଼ିଆଭାଷା ବିତାଡ଼ିତ ହେବାକୁ ବସିଲା । ଏଥିରେ ଓଡ଼ିଆଙ୍କ ସଙ୍ଗେ କାନ୍ଧପାତି ସେହି ସମୟର କଟକ ପ୍ରିଣ୍ଟିଂ କମ୍ପାନୀର ପ୍ରତିଷ୍ଠାତା ଓ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ-ଦୀପିକା'ର ସମ୍ପାଦକ ସ୍ୱର୍ଗୀୟ ଗୌରୀଶଙ୍କର ରାୟ, ଓଡ଼ିଆ ଭାଷା ଔପନ୍ୟାସିକ ଓ ନାଟ୍ୟକାର ରାମଶଙ୍କର ରାୟ, କବିବର ରାଧାନାଥ ରାୟ ପ୍ରଭୃତି ଓଡ଼ିଶାର ସ୍ଥାୟୀ ବଙ୍ଗାଳୀମାନେ ଏହାର ପ୍ରତିରୋଧ କରିଥିଲେ ।

ରେଭେନ୍ସା କଲେଜରେ ପ୍ରିନ୍ସିପାଲ ଥିଲେ ପ୍ରସିଦ୍ଧ ଗଣିତଜ୍ଞ ବିପିନ୍‌ବିହାରୀ ଗୁପ୍ତ । ସେ ବି.ଏ. କ୍ଲାସ୍‌ରେ ଗଣିତ ପଢ଼ାଉଥିଲେ । ଅପର ଗଣିତ ଅଧ୍ୟାପକ ଥିଲେ ନୀଳମଣି ସୁଧୁଖାଁ, ଇଂରେଜୀ ସାହିତ୍ୟର ଅଧ୍ୟାପକ ଥିଲେ ଉପେନ୍ଦ୍ରନାଥ ମୈତ୍ର ଓ ଗୋପାଳଚନ୍ଦ୍ର ଗାଙ୍ଗୁଲି । ବେଣିମାଧବ ଦାସ ଥିଲେ ଇତିହାସ ଓ ଲଜିକ୍ ଅଧ୍ୟାପକ । ଦର୍ଶନର ଅଧ୍ୟାପକ ଥିଲେ ଅମୂଲ୍ୟଧନ ବେନାର୍ଜି । ସଂସ୍କୃତ ଅଧ୍ୟାପକ ପଣ୍ଡିତ କୃଷ୍ଣପଦ ବିଦ୍ୟାରତ୍ନ । ପଦାର୍ଥବିଜ୍ଞାନ ଓ ରସାୟନର ଅଧ୍ୟାପକ ଥିଲେ ଯୋଗେଶ ଚନ୍ଦ୍ର ରାୟ ଓ ରମେନ୍ଦ୍ରନାଥ ଘୋଷ । ଯୋଗେଶ ବାବୁ ଉଦ୍ଭିଦବିଦ୍ୟା (**Botany**) ଓ ଶରୀରତତ୍ତ୍ୱ (**Physiology**) ର ମଧ୍ୟ ଅଧ୍ୟାପକ ଥିଲେ। ଅଧ୍ୟାପକ ଯୋଗେଶଚନ୍ଦ୍ର କେବଳ ଅଧ୍ୟାପନା କାର୍ଯ୍ୟ ଯେ କରୁଥିଲେ ତାହା ନୁହେଁ, ଉତ୍କଳର ସଂସ୍କୃତି, ସିଦ୍ଧି, ସାଧନା ଓଡ଼ିଶା ବାହାରେ ସୁଦ୍ଧା ପ୍ରଚାର କରିବାରେ ସେ ସର୍ବଦା ତତ୍ପର ଥିଲେ । ସେ ଉତ୍କଳର ସୁପ୍ରସିଦ୍ଧ ଜ୍ୟୋତିଷ ସାମନ୍ତ ଚନ୍ଦ୍ରଶେଖର ସିଂହଙ୍କୁ ଆବିଷ୍କାର କରିନଥିଲେ । କେଉଁଦିନ ତାଙ୍କ ଓ ତାଙ୍କ ପ୍ରଣୀତ ସମଗ୍ର ପୃଥିବୀରେ ଆଦୃତ ସିଦ୍ଧାନ୍ତ ଦର୍ପଣର ନାମ ସୁଦ୍ଧା ଲୁପ୍ତ ହୋଇଯାଇଥାନ୍ତା । ସାମନ୍ତଙ୍କ ବାସସ୍ଥାନ ଖଣ୍ଡପଡ଼ାକୁ ଯାଇ ସେ ତାହାଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ସିଦ୍ଧାନ୍ତଦର୍ପଣର ପାଣ୍ଡୁଲିପି ଆଣି ଇଂରେଜୀରେ ତାହାର ଏକ ଦୀର୍ଘ ମୁଖବନ୍ଧ ଲେଖିଥିଲେ । ତାହା ଆଠମଲ୍ଲିକ ରାଜାଙ୍କ ବ୍ୟୟରେ ମୁଦ୍ରିତ ହୋଇଥିଲା । ଯୋଗେଶ ବାବୁ ଉତ୍କଳର ଜଣେ ବନ୍ଧୁ କହିଲେ ଚଳେ । ସେ ୯୭ବର୍ଷ ବୟସରେ ଅଳ୍ପଦିନ ପୂର୍ବେ ଦେହତ୍ୟାଗ କରିଅଛନ୍ତି । କଲିକତା ବିଶ୍ୱବିଦ୍ୟାଳୟ, ବାଙ୍କୁଡ଼ାସ୍ଥିତ ତାଙ୍କ ନିଜ ବାସଗୃହରେ ଅନୁଷ୍ଠିତ ଏକ ବିଶେଷ ଉତ୍ସବରେ ଡକ୍ଟର ପଦରେ ତାଙ୍କୁ ସମ୍ମାନିତ କରିଥିଲେ ।

### ରେଭେନ୍ସା କଲେଜରେ

ରେଭେନ୍ସା କଲେଜରେ ଆମ୍ଭମାନଙ୍କର ସଂସ୍କୃତ ଅଧ୍ୟାପକ ଥିଲେ ବଙ୍ଗାଳୀ ପଣ୍ଡିତ କୃଷ୍ଣପଦ ବିଦ୍ୟାରତ୍ନ (ଭଟ୍ଟାଚାର୍ଯ୍ୟ) ବଙ୍ଗ ପ୍ରଦେଶସ୍ଥ ସଂସ୍କୃତ ଶିକ୍ଷାର କେନ୍ଦ୍ର ଭାଟପଡ଼ାବାସୀ ବୋଲି କହନ୍ତି । ସେ ଥିଲେ ଟୋଲ୍ ପଣ୍ଡିତ । ଇଂରାଜୀ ଜାଣୁନଥିଲେ, ସଂସ୍କୃତରେ ସୁପଣ୍ଡିତ, ହେଲେ କ'ଣ ହେବ ପିଲାଙ୍କୁ ପଢ଼ାଇବାରେ ଆଦୌ ମନଯୋଗୀ ନଥିଲେ । କିନ୍ତୁ ଯେଉଁଦିନ ପଢ଼ାଇବାକୁ ମନ ହୋଇଥାଏ ସେହଦିନ ତାଙ୍କ ଅଧ୍ୟାପନା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ଆମ୍ଭେମାନେ ଏହିପରି ପଢ଼ାଇବାକୁ ଧରି ବସିଲେ କହନ୍ତି, "ମୁଁ କ'ଣ ଏମ୍.ଏ ପାସ୍ କରି ପ୍ରଫେସରର ଦରମା ପାଉଛି ଯେ ପଢ଼ାଇବି ? ସ୍କୁଲ ପଣ୍ଡିତର ଦରମାରେ ଯାହା ପଢ଼ାଉଛି ତାହା ଢ଼େର !" ଏହା ଶୁଣି ମୋର ମନେପଡ଼ି ଯାଉଥାଏ, ଆମ ଗାଁର ଜମିଦାରଙ୍କ ଘରର ଚପରାସି କାଲେ ଖାଁର କଥା । ଦିନେ ଅଧରାତିରେ କାଲେ ଖାଁ ସିଂହଦଦ୍ୱାରରେ ଝୁଲା ହୋଇଥିବା ଘଣ୍ଟା ବଜାଉ ବଜାଉ କୋଡ଼ିଏ କି ପଶିଶ ବଜାଇଦେଲା । ଜମିଦାରଙ୍କ ପହଡ଼ ହୋଇନଥିଲା । ପାର୍ଶ୍ୱଚରକୁ ପଠାଇ କାଲେ ଖାଁ ପହରାବାଲାକୁ ଧରି ଅଣାହେଲା ଓ 'ଏତେ କ'ଣ ବଜାଇଲୁ' ବୋଲି ପଚରାହେଲା । ସେ ଅହିଫେନ-ସେବନାକ୍ରାନ୍ତ ଅର୍ଦ୍ଧମୁଦ୍ରିତ ନୟନଦ୍ୱୟ ବିସ୍ଫୋରିତ କରି କହିଲା, "ଦେଢ଼ ଟଙ୍କା ଦରମାରେ ଢେର ବାଜିଛି ।" ପଣ୍ଡିତ ମହାଶୟ କ୍ଲାସ୍‌ରେ ପ୍ରାୟ ପ୍ରତିଦିନ ଶୁଅନ୍ତି ଓ ପଙ୍ଖାବାଲାକୁ ଗୋଡ଼ ମୋଡ଼ିବାକୁ କହନ୍ତି । ଆମ୍ଭେମାନେ କ୍ଲାସ୍‌ରୁ ବାହାରି ଏଣେତେଣେ ବୁଲି ଓ ଦୋତାଲା ଉପରକୁ ଉଠିଥିବା ଆମ୍ବଡ଼ା ଗଛରୁ ପେନ୍ଥା ପେନ୍ଥା ଆମ୍ବଡ଼ାତୋଡ଼ା ତୋଳି ଲାବୋରେଟୋରି ଆସିଷ୍ଟାଣ୍ଟ ଜେକବ୍ ଠାରୁ ସୋଡ଼ିୟମ୍ କ୍ଲୋରାଇଡ୍ ଲୁଣ ଆଣି ଖାଇଖାଇ ସଂସ୍କୃତ ଘଣ୍ଟାତକ କଟାଇଦେଉ । ଦିନେ ଦିନେ ଆମ୍ଭମାନଙ୍କ ସହାଧ୍ୟାୟୀ ଶ୍ୱେତବସନ୍ତ ମହାନ୍ତି ପିନ୍‌କଣ୍ଟା ମାରି ତାଙ୍କ ନିଦ୍ରା ଭଙ୍ଗ କରିଦିଏ । ତଥାପି କେହି ତାଙ୍କ ନାମରେ କେବେ ପ୍ରିନ୍ସିପାଲଙ୍କ ଠାରେ ଅଭିଯୋଗ କରିଥିବା ଶୁଣାଯାଇନାହିଁ ।

(କ୍ରମଶଃ)




## ଡାଏରୀ -୫୫

ଓଡିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...



## ଦୁଇଟି ଆତର କାହାଣୀ

ଫୁଟ୍‌ପାଥ୍‌ରେ ଗାଡ଼ି ଅଟକାଇଲା ରଜନୀ ଦାଶ । ଧାଡ଼ି ଧାଡ଼ି ଫଳ ଦୋକାନ । ଗୋଟାଏ ଠେଲାଗାଡ଼ିରେ ଗଦା ହୋଇଥିଲା କଞ୍ଚା ପାଚିଲା ଆତସବୁ ।

ସେଇ ଠେଲାଗାଡ଼ି ପାଖକୁ ଗଲା ରଜନୀ ଦାଶ । ଆତର ସାଇଜ୍ ଓ କଲର୍‌କୁ ପରୀକ୍ଷା କରିବାକୁ ଲାଗିଲା । ପାଚିବାର ସମ୍ଭାବନାର ସମୟକୁ କଳନା କରୁଥିଲା ସିଏ । ପଛରୁ ଘରଣୀ ଚାନ୍ଦର ପାଟି, "ହେଇ ଆତ କ'ଣ ହେବ, ଜାଣିଛ ନା ଆତରେ ସୁଗାର ପରସେଣ୍ଟ ଅଧିକ ।" ଚାନ୍ଦର କଥାଗୁଡ଼ାକ ଶୁଣି ଶୁଣିପାରୁ ନଥିଲା ରଜନୀ ଦାଶ । ପଟିକୁଲାର ଏଇ ଆତର ଠେଲା ଗାଡ଼ିଟା ତା'ର ପ୍ରିୟ । ଦୋକାନୀଟି କହିଲା, "ସାର୍, ପୁରା ଦେଶୀ । ଗତ ଥର ଆପଣ ଆଉ ମ୍ୟାଡାମ୍ ଆସିଥିଲେ । କେମିତି ଟେଷ୍ଟ ଲାଗିଲା ?"

ଚମକି ପଡ଼ିଲା ରଜନୀ ଦାଶ ମ୍ୟାଡାମ୍ ନାଁ ଶୁଣି । ରକ୍ଷା ହେଇଛି ଚାନ୍ଦ ଏ କଥା ଶୁଣିପାରିନି । ଗତଥର ରାଲିକୁ ନେଇ ସେ ଏଇ ଠେଲାଗାଡ଼ି ପାଖରୁ ଆତ ନେଇଥିଲା ସେ । ରାଲିର ଆତ ଭାରି ପ୍ରିୟ । ପ୍ରତିଥର ଭୁବନେଶ୍ୱର ଆସିଲେ ସିଏ ଆତ କିଣୁଥିଲା । ଅଦ୍ଭୁତ ପିଲା ରାଲି, ଅଦ୍ଭୁତ ତା'ର ଟେଷ୍ଟ । ଏମିତି ସାଧାରଣ ଜିନିଷରେ ତାର ଆଗ୍ରହ । ସବୁ କଥାରେ ଡାଉନ୍‌ଟୁ ଆର୍ଥ । ପ୍ରତିଥର ଅଫିସ୍ କାମରେ ଭୁବନେଶ୍ୱର ଆସିଲେ ରଜନୀ ଦାଶ ପାଇଁ ନୂଆ କଲମ ନିଶ୍ଚୟ ଆଣିଥିବ । ରାଲି ଜାଣେ ରଜନୀ ଦାଶ କଲମ ପ୍ରିୟ । କଲମକୁ ଭଲ ପାଇବା ତା'ର ପିଲାଦିନରୁ, ବାପାଙ୍କଠାରୁ ସେ ଶିଖିଛି, ବାପାଙ୍କ ଶାର୍ଟ ପକେଟ୍‌ରେ ଅତିକମ୍‌ରେ ତିନିଟି ପେନ୍ ଥାଏ, ବ୍ୟାଗ୍‌ରେ ଦଶରୁ ଅଧିକ । ଗୋଟେ ହାତ ପାରାଲିସିସ୍ ହେଲାପରେ ଲେଖିପାରୁନଥିଲେ । ତଥାପି ପକେଟ୍‌ରୁ କଲମ ସବୁ ହଟି ନଥିଲା ।

ରାଲି ପଠାଇଥିବା କଲମ ଗୁଡ଼ିକ ରଜନୀ ଦାଶ ପାଇଁ ଶୁଭ । ସେଥିରେ ଲେଖୁଥିବା ଲେଖା ଖୁବ୍ ସଫଳ ବୋଲି ରଜନୀ ଦାଶର ବିଶ୍ୱାସ । ରାଲିର କଲମ ଗୁଡ଼ିକୁ ସାଇତି ରଖେ ବ୍ୟାଗ୍‌ରେ । ରାଲି ସାଧାରଣ ଝିଅମାନଙ୍କ ଠାରୁ ନିଆରା । ରିଜର୍ଭ, ଆବଶ୍ୟକତାଠାରୁ ଅଧିକ କଥାବାର୍ତ୍ତା କରେନି । ନିଜ ଚାରିପଟେ ଘେରାଇଥାଏ ବୁଢ଼ୀଆଣିର ଜାଲ । ତା'ରି ଭିତରେ ତାର ଛୋଟ ସଂସାର । ପୃଥିବୀର ସବୁଠୁ ସୁଖୀ ଲୋକ ବୋଲି ମନେକରେ ନିଜକୁ । ରାଲି ସହ ପରିଚୟ ଦୀର୍ଘ ବର୍ଷର । ଲେଖାଲେଖିର ସଂପର୍କ । ସେଇ ସଂପର୍କ ବାନ୍ଧି ଦେଇଥିଲା ଦୁଇଟି ସଂସାରକୁ ।

ରଜନୀ ଦାଶ ସବୁବେଳେ ନିଜ ମର୍ଜିର ମାଲିକ । ମର୍ଜି ନହେଲେ କବିତା କି ଗୀତ ଲେଖି ପାରେନା । ରାଲି କିନ୍ତୁ ଫୋନ୍ କରେ, ଜିଦ୍ କରେ ଯେମିତି ହେଲେ ସାଂଗେ ସାଂଗେ ଗୋଟେ କବିତା ଦେବାକୁ ପଡ଼ିବ । ଗାଡ଼ି ଡ୍ରାଇଭ କରୁ କରୁ ଫୋନ୍‌ରେ ଡାକିଦିଏ ରଜନୀ ଦାଶ, ଟିପିପକାଏ ରାଲି । କିଛି ଦିନ ପରେ କବିତାଟି ପ୍ରକାଶିତ ହେଲେ ଫୋନ୍ କରି ଜଣାଇଦିଏ । ହଠାତ୍ ଦିନେ କହିଲା, "ଭାଇ ! ଆପଣଙ୍କର ସବୁ କବିତାକୁ ଏକାଠି ଡି.ଟି.ପି କରି ଦେଇଛି, ବହିଟିଏ ପବ୍ଲିସ୍ କରନ୍ତୁ ।" ସେ ପର୍ଯ୍ୟନ୍ତ କବିତା ବହି ପ୍ରକାଶ କରିବା କଥା ଚିନ୍ତା ବି କରିନଥିଲା ରଜନୀ ଦାଶ । କିନ୍ତୁ ରାଲିର ଜିଦ୍ ବହି ଛପାହେବ । ସେଇ ରାଲିର ଜିଦ୍‌ରେ ବହିଟିକୁ ଉତ୍ସର୍ଗ କଲା ଘରଣୀକୁ । "ଆଜିଯାଏ ଆପଣ ଭାଉଜଙ୍କ ପ୍ରତି ଅନ୍ୟାୟ କରିଛନ୍ତି । ତାଙ୍କୁ ଦେଇଛନ୍ତି କ'ଣ ! ଏ ବହିଟି ଭାଉଜଙ୍କୁ ହିଁ ଆପଣ ଉତ୍ସର୍ଗ କରିବେ ।" ରାଲି ଏକରକମ୍ ବାଧ୍ୟ କଲା । ରାଲିର କୌଣସି କଥାକୁ ଭାଙ୍ଗିନି ଆଜିଯାଏ । ନିସ୍ୱାର୍ଥପର ଭାବରେ ତା'ର ସ୍ନେହ । ନିଜ ବୋଉ ପରେ ଯଦି କୌଣସି ନାରୀକୁ ସମ୍ମାନ ଦିଏ, ସିଏ ହେଉଛି ରାଲି । ନିଜ ପରିବାରର ସୁଖଦୁଃଖରେ ସିଏ ସାମିଲ୍ କରିଛି ରଜନୀ ଦାଶକୁ । କବିତା କି ନୂଆ କାହାଣୀଟିଏ ଫ୍ରେମ୍ କଲେ ଆଗ ରାଲିକୁ ଫୋନ୍‌ରେ ଶୁଣାଏ ରଜନୀ ଦାଶ । ସଜେସନ୍ ମାଗେ । ରାଲି ବି ଚମତ୍କାର ଢ଼ଙ୍ଗରେ ସଜେସନ୍ ଦିଏ । ବେଳେବେଳେ ରଜନୀ ଦାଶ ଭାବେ ଏତେ ସବୁ ପରେ ସେ ରାଲିକୁ ଦେଇଛି କ'ଣ ? ଜ୍ୟେଷ୍ଠର ଅଧିକାରରେ ଖାଲି ଗୁଡ଼ାଏ ଉପଦେଶ । ସବୁବେଳେ ରାଲି କାମନା କରେ ରଜନୀ ଦାଶ ସଫଳତାର ଶୀର୍ଷକୁ ଯାଉ । ଖୁବ୍ ପ୍ରତିଷ୍ଠା ଅର୍ଜନ କରୁ ।

ଏକଥା ତା' ନିଜ ଭାଇ ପାଇଁ ଭାବୁଥିବ କି ନାହିଁ ସେକଥା ରଜନୀ ଦାଶ ଜାଣେନା ।

"ସାର୍ ଦୁଇକିଲୋ ଦେଉଛି ।" ଦୋକାନୀଟି ରଜନୀ ଦାଶର ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ କହିଲା । ଚାନ୍ଦ କହିଲା, "ନା ଗୋଟାଏ ବି ନୁହଁ ।"

"ଦୁଇଟା ଆତ ପ୍ୟାକ୍ କରିଦିଅ ।" ଗମ୍ଭୀର ହୋଇ କହିଲା ରଜନୀ ଦାଶ ।

ଆଶ୍ଚର୍ଯ୍ୟରେ ଚାନ୍ଦ ତା' ମୁହଁକୁ ଚାହିଁଲା ।

"ହଁ ଦୁଇଟା ଆତ ରାଲି ପାଇଁ ।" କାଲି ଢେଙ୍କାନାଳ ଯାଉଛି ମିଟିଂରେ । ରାଲି ବି ଆସିବ ସେଠିକୁ । ଦୁଇଟି ଆତର ପ୍ୟାକେଟ୍‌କୁ ଧରି ଗାଡ଼ି ଷ୍ଟାର୍ଟ କଲା ରଜନୀ ଦାଶ ।

ଚାନ୍ଦ ଅସମ୍ଭବ ଭାବରେ ନୀରବ ଥିଲା ରାସ୍ତାସାରା ।

---

କବିତା.... ଆମ ସମୟର



● ନିରାକାର ଦାସ

## ।। ବିବଶ ଏ ଦେଶ ।।

ଏଠି ଦେଖ !
ସାରା ଦୁନିଆର ଦିଅଁ, ଦେବତାମାନେ
ଦଉଡୁଛନ୍ତି କେମିତି
ସଦ୍‌ଭାବନାର ଭିକ୍ଷାଥାଳ ଧରି
ଏ ଘର ସେ ଘର, ଏ ଗଳି, ସେ ଗଳି
ମାଟିରୁ ସାରା ମହାକାଶ ?
ଅହିଂସାର ଅଳନ୍ଧୁ ସଫା କରି କରି
ଅଣ୍ଟାଭାଙ୍ଗି ବସିପଡ଼ିଲାଣି ଦେଶ ।
ଅନ୍ଧକାର ସହ ଲଢ଼ିଲଢ଼ି
ଅନ୍ଧ ପାଲଟିଗଲାଣି ଏଠି ମାଟିର ମଣିଷ ।
ଆଦର୍ଶର ଅଖଣ୍ଡଦୀପ ଜାଳି ଜାଳି
ଶୋଇ ପଡ଼ିଲେଣି
ଅଖଣ୍ଡଭାରତ ସ୍ୱପ୍ନ ଦେଖୁଥିବା
ଯେତେ ସବୁ ଦେଶଭକ୍ତ ସନ୍ଥ ।
ଆତଙ୍କର ଆକାଶରେ ଉଡ଼ି ଉଡ଼ି
ଥକି ପଡ଼ିଲେଣି ଆମ ଶାନ୍ତିର କପୋତ ।

ଏବେ କିଏ କହୁଛି
ଶାନ୍ତି ଆଉ ସଂପ୍ରୀତି ଜଳରେ ଭାସୁଛି
ଆମ ଖୁସିର ବୋଇତ ?
ଅସ୍‌ଲାମ୍ ମିଆଁ ଭାତହାଣ୍ଡିର
ସରିଗଲା ଦୁଃଖ
ନା ଲିଭିଗଲା ଜଳୁଥିବା
ସଂତ୍ରାସ ଆୟୁଷ ?

କିଏ କହୁଛି
ମାଟିକୁ ମାଡ଼ିବସିନି ସଂପ୍ରଦାୟର କ୍ରୋଧ ?
ଆକାଶକୁ ଚରିଯାଇନି ଅସହିଷ୍ଣୁତାର ବିଷ,
ପବନରେ ପହଁରୁନି କ୍ଳୀବତ୍ୱର ରୋଗ ?
କିଏ କହୁଛି
ପ୍ରତାରଣାର ପାରିଧିରେ ନିଇତି ନିଇତି
ବିଦ୍ଧ ହେଉନି ମଣିଷପଣିଆର ବେକ ?
ଶବପରି ପଡ଼ି ରହୁନି ସନ୍ୟାସୀଙ୍କ
ଅଖଣ୍ଡ ମଣ୍ଡଳାକାର ବେଶ ?



ହେଇ ଦେଖ !
ସବୁଜକୁ ସାତବେଣ୍ଟିଆ କରି,
ଏ ବେପାରୀ କେମିତି ପିଆଇ ଗ୍ଲିଛନ୍ତି
ମାଟିକୁ କାଳକୂଟ ବିଷ ?
କେମିତି ନବ୍ୟପରାଧୀନତା
ସଂକଟର ପ୍ରଳୟ ଜଳରେ
ଭାସୁଥିବା ମଣିଷ ହାତରୁ
ଛଡ଼େଇ ନେଉଛନ୍ତି କାତ ଓ ବୋଇତ ?
ଏଠି କହିବାର କିଛି ନାହିଁ
ବିବଶ ଏ ଦେଶ
ଖାଲି ସହିବାର ଅଛି ଯେତେସବୁ
ଡାଆଁସଙ୍କ ଶୁଣ୍ଢର ଆଘାତ ।
ନଚେତ୍ ଧର୍ମର ଧାରୁଆ ଛୁରୀରେ
କଟାଯିବ ବେକ ।


ଯେ/୨, ରେଳକୁଂଜ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
(ମୋ)୮୪୫୫୮୮୫୦୧୩




● ରଞ୍ଜନ କୁମାର ଦାସ

## ।। ଅବିଶ୍ୱାସ ।।

ତମ ସମର୍ପଣରେ ମୁଁ ଚର୍ଚ୍ଚିତ ହେଇଯାଇଚି
ଯୁଗଯୁଗ ପାଇଁ,
ତମରି ଭକ୍ତିରେ ମୁଁ ଆତ୍ମବିସ୍ମୃତ,
ତମରି ପୋଷଣରେ ମୁଁ ପରିପୁଷ୍ଟ
ଦେହ ଓ ମନରେ ।

ତମ ଅନୁରାଗରେ ମୁଗ୍ଧ ଓ
ଅଭିମାନରେ ଦଗ୍ଧ ହେଇଚି ମୁଁ ଯୁଗ ନିରବଧି ।
ଆବଶ୍ୟକତା ଠାରୁ ଅଧିକ ଆଶ୍ୱସ୍ତ
ମୁଁ ତମରି ନିଷ୍ଠାରେ ।
ତଥାପି ମୁଁ କାହିଁକି କେଜାଣି
ତମରି ପ୍ରେମରେ ଖୋଜେ
ଏତେ ବେଶୀ ନିରାପତ୍ତା ।
ସତେ କଣ ତମ ପ୍ରତି
କିଛି ମୋର ଅବିଶ୍ୱାସ ଥାଏ ? ?


ନିର୍ଦ୍ଦେଶକ ସଂସ୍କୃତି ବିଭାଗ
ଭୁବନେଶ୍ୱର,
(ମୋ) ୮୮୯୫୧୬୬୫୦୦


## ।। ଭାଗ୍ୟ ।।



● ହରପ୍ରସାଦ ମହାପାତ୍ର


୨୩୬୦, ଏ/୧, କେଦାରଗୌରୀ
ବିହାର, ଭୁବନେଶ୍ୱର-୭୫୧୦୧୪
(ମୋ) ୯୯୩୮୬୦୯୮୫୩


ସେ ଗୋଟେ ଏମିତିକା ଜୀବନ
ଗାଉଥାଏ କପାଳର ଗୀତ
କେବେ ପ୍ରେମ ଆଉ କେବେ ରକ୍ତ ପ୍ରଣିପାତ
କେଉଁଠି ପତ୍ରଝରା ତ ପୁଣି କେଉଁଠି
ରାସ୍ତା ଜଗି ଶୋଇଥାଏ ଶକ୍ତ ଅଜଗର ।
ଓହୋ ! ଯେ ପରା ଦସ୍ତୁର ଜୀବନର ।

ଖରାବେଳେ ନିଦ ଚୋରେଇନିଏ
ଫେରିବାଲା ଓ ସମୟର ଗାଇଆଳ ଟୋକା
ବୟସର ପୋଖରୀ ହୁଡାରେ ବସି
ସ୍ଥିର ପାଣି ଚହଲେଇ
ମାରୁଥାଏ ଟେକା ।

କୈଶୋରର ତମେ ସେଇ ନିଷିଦ୍ଧ ଉପନ୍ୟାସର ନାୟିକା
ଆଉ ମୁଁ ତାର ଦୁଇ ପୃଷ୍ଠାରେ ବନ୍ଦୀ ମୃତ ପ୍ରଜାପତି
ତମ ବ୍ୟାକଲେସ ବ୍ଲାଉଜ ଭିତରୁ ଦିଶିଯାଏ କାଠଚମ୍ପା ଦେହ
କାହିଁକି କେଜାଣି ସବୁ ବାଜି ହାରିଯିବା ପରେବି
ତଥାପି ତୁଟେଇ ପାରେନି ମୋହ,
ମୁଁ ଯାର ନୁହେଁ କିବା ଯାହା ମୋର ନୁହଁ ।

କପାଳକୁ ନିନ୍ଦିବା ଛଡା ଏବେ ଉପାୟ କଣ ଯେ ?
କାହାର ଫେରିବାର ପାଦଶବ୍ଦ ସହ
ଦୀର୍ଘଶ୍ୱାସ ତ ଏମିତି ମିଳେଇଯିବ ପବନରେ
ମିଛ ପ୍ରତିଶ୍ରୁତି ଯେତେ କ୍ୟାଭେଣ୍ଡର୍ସ ଧୂଆଁ ପରି କୁଣ୍ଡଳି କାଟି
ଉଠୁଥିବ ଉପରକୁ ଉପରକୁ ।

ହାତରେଖା ନା କପାଳରେ କଣ ଲେଖାଥାଏ ସବୁ,
ନା ନିଜେ ତିଆରିବାକୁ ହୁଏ ନିଜର ଭାଗ୍ୟ ?

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୮ ଫେବୃଆରୀ, ୨୦୨୧



## ମନେପଡେ....(୫୫)

# ୧୯୭୭ ରେ ଆମ ଗାଁ ଛକରେ ବିଜୁ ପଟ୍ଟନାୟକଙ୍କ ଆବିର୍ଭାବ



ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

୧୯୭୫ ମସିହାରେ ମୁଁ ମେଟ୍ରିକ୍ ପାସ୍ କରି ସହର ଗଲି କଲେଜରେ ପଢିବା ପାଇଁ । ସେତିକି ବେଳକୁ ଦେଶର ନେସନାଲ ଏମରଜେନ୍ସି ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାରି କରିଦେଇଥିଲେ । ସେତେବେଳେ ବାଲେଶ୍ୱରରେ ନନ୍ଦୀ ଥିଲେ ଏସ.ପି. । ଟିକେ ଏପଟ ସେପଟ ହେଲେ ରାସ୍ତାରେ ଗୋଡ଼େଇ ଗୋଡ଼େଇ ପୁଲିସ ମାନେ ଲୋକ ମାନଙ୍କୁ ବାଡ଼ଉଥିଲେ । ସମଗ୍ର ଦେଶରେ ଆତଙ୍କରାଜ ଖେଳି ଯାଇଥିଲା । ଲୋକମାନେ ଭୟ ଓ ଆଶଂକାରେ ରହୁଥିଲେ । ୧୯୭୭ ମସିହା ଯାଏ ସ୍ୱର୍ଗତା ଗାନ୍ଧୀ ଏମରଜେନସିକୁ ଦେଶରେ ଜାରି କରି ରଖିବା ଦ୍ୱାରା ଲୋକମାନଙ୍କର ବ୍ୟକ୍ତି ସ୍ୱାଧୀନତା ବିଲୋପ ହୋଇ ଯାଇଥିଲା । ଲୋକମାନଙ୍କର ସଭା କରିବା ବା ମୁକ୍ତ କଣ୍ଠରେ ନିଜର ମତ ପ୍ରକାଶ କରିବାର ସ୍ୱାଧୀନତା ନଥିଲା ।

୧୯୭୭ରେ ଏମରଜେନ୍ସି ଉଠାଇ ନେଲାପରେ ଦେଶର ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ବାହାରି ଯାଇଥିଲା । ସେତେବେଳେ କଂଗ୍ରେସ ଦଳ ବିରୁଦ୍ଧରେ ଭାରତର ସବୁ ଦଳ ଏକତ୍ରିତ ହେଇ ଜନତା ଦଳ ଗଠିତ ହେଇଥିଲା । ଆମ ରାଜ୍ୟର ପ୍ରମୁଖ ନେତା ବିଜୁ ପଟ୍ଟନାୟକ ମଧ୍ୟ ଏହି ଜନତା ଦଳର ଆମ ଓଡ଼ିଶାରୁ ନେତୃତ୍ୱ ନେଉଥିଲେ । ସେ ଗାଁ ଗାଁ ବୁଲି ଲୋକମାନଙ୍କୁ ଏକଛତ୍ରବାଦୀ ସରକାର ଠୁଁ ଦେଶକୁ ରକ୍ଷା କରିବା ପାଇଁ ଭାଷଣ ମାଧ୍ୟମରେ ବୁଝାଉଥିଲେ ।

ସେତିକିବେଳେ ତାଙ୍କର ଆମ ଗାଁ କୁ ଆସିବାର ପ୍ରୋଗ୍ରାମ ହେଲା । ମୁଁ ଆଇ.ଏ. ପରୀକ୍ଷା ଦେଇ ଗାଁରେ ରହୁଥିଲି । ସେଦିନର କଥା ମୋର ଠିକ୍ କରିମନେ ଅଛି । ଗାଁର ଆବାଳ ବୃଦ୍ଧବନିତା ସମସ୍ତଙ୍କ ଭିତରେ ଗୋଟେ ନବୀନ ଉତ୍ସାହ ଖେଳି ଯାଇଥିଲା । ପ୍ରକୃତରେ ବିଜୁ ବାବୁ ଏମିତି ଜଣେ ନେତା ଥିଲେ ଯିଏ ପ୍ରତି ମଣିଷର ମନ ଭିତରେ ଏକ ନିଆରା ପ୍ରଭାବ ପକାଇ ପାରିଥିଲେ । ସମସ୍ତେ ଭାବୁଥିଲେ ସେ ଚାହିଁଲେ ଦେଶ କଣ ଆମ ରାଜ୍ୟର ସବୁକିଛି ସମାଧାନ କରିଦେଇ ପାରିବେ ।

ମୋର ଯାହା ମନେ ଅଛି ଗାଁର ଲୋକମାନେ ଚାନ୍ଦା କରି ଅର୍ଥ ଆଦାୟ କରି ବିଜୁ ବାବୁଙ୍କ ପେଣ୍ଡେଲ ଖୁବ୍ ଆଡ଼ମ୍ବରରେ ସଜାଇ ଥିଲେ । ଲୋକମାନେ ପ୍ରବଳ ଉଦ୍ଦିପନାରେ ଷ୍ଟେଜ କାମ କରିବା ସହ ବଡ଼ ତୋରଣ ପାଇଁ ଅଣ୍ଟା ଭିଡ଼ିଥିଲେ । ଲାଗୁଥିଲା ଯେମିତି ଆମ ଗାଁ ପ୍ରତି ଘରର ଏକତ୍ର ବାହାଘର ବେଦୀ ସଜା ଯାଉଛି ବର ଆସିବା ପାଇଁ । ସେତେବେଳେ ଗାଁର ପ୍ରତି ମଣିଷ ଭିତରେ ଥିଲା ଉତ୍ସାହ ଓ ଉଦ୍ଦିପନା ବିଜୁ ବାବୁଙ୍କୁ ପାଖରୁ ଦେଖିବା ପାଇଁ ।

ଆମେମାନେ ନିଦ, ଭୋକ ସବୁ ଭୁଲି ଯାଇଥିଲୁ । ଯେଉଁଦିନ ସେ ଆସିବାର ଥିଲା ଆମ ଗାଁର ପିଲାମାନେ ତାଙ୍କୁ ସଂଖୁଳି ଆଣିବା ପାଇଁ ତିନି କିଲୋମିଟର ଆଗକୁ ଚାଲିଯାଇଥିଲୁ । ଗୋଟେ ରଥ ନିର୍ମିତ ହେଇଥିଲା ଯେଉଁଥିରେ ବିଜୁବାବୁ ଖୋଲାରେ ଆସିବେ ଓ ଲୋକମାନଙ୍କୁ ଦର୍ଶନ ଦେବେ ।

ବିଜୁବାବୁ ରଥରେ ଛିଡ଼ାହେଇ ଦୁଇ ହାତ ଯୋଡ଼ି ଲୋକମାନଙ୍କୁ ନିଜର ଅଭିବାଦନ ଜଣାଉଥିଲେ । ଲୋକମାନେ ସହସ୍ର ସଂଖ୍ୟାରେ ଦୌଡୁଥିଲେ ତାଙ୍କ ପଛେ ପଛେ । ସେମାନଙ୍କର ବିଶ୍ୱାସ ଥିଲା ବିଜୁବାବୁ ନିଜେ ଶାସନକୁ ଗଲେ ଲୋକମାନଙ୍କର ତଥା ମାତୃଭୂମିକୁ ରକ୍ଷା କରିପାରିବେ । ମୁଁ ଆଶ୍ଚର୍ଯ୍ୟ ହେଇ ଯାଇଥିଲି ଲୋକମାନେ ବିଜୁବାବୁଙ୍କୁ ଏତେ ଭଲ ପାଉଥିବାର ଦେଖି । ପ୍ରକୃତରେ ଏହାହିଁ ଥିଲା ବିଜୁବାବୁଙ୍କର ରାଜନୈତିକ ସଫଳତା ଓ ନେତା ହେବାର ସାର୍ଥକତା ।

ଗାଁ ଛକ ଷ୍ଟେଜରେ ବିଜୁବାବୁ ଭାଷଣ ଦେବାକୁ ଉଠିଥିଲେ । ସମଗ୍ର ଛକରେ ଲୋକମାନେ କବାଟ ତାଟି ଖୋଲିଦେଇ ଚାଲି ଆସିଥିଲେ । ବିଜୁବାବୁଙ୍କ ଗୋଟିଏ ଗୋଟିଏ ଶବ୍ଦ ଉଚ୍ଚାରଣରେ ସମଗ୍ର ଜନତାଙ୍କ ଆଖିରେ ଲୁହ ଆସି ଯାଉଥିଲା । ସେତେବେଳକୁ ତାଙ୍କର ବୟସ ଅଧିକ ହେଇଯାଇଥିବାରୁ ସେ ବେଶି କଥା କହିପାରୁ ନଥିଲେ । ହେଲେ ଯେତିକି କିଛି କହୁଥିଲେ ସେସବୁକୁ ଲୋକମାନେ ଦେବବାଣୀ ବୋଲି ମନେ କରୁଥିଲେ ।

ବାସ୍ତବିକ ଏ ଜୀବଦଶାରେ ସେଭଳି ଲୋକପ୍ରିୟ ନେତା ମୁଁ ଖୁବ୍ କମ୍ ଦେଖିଛି ।

(ଆଗଥରକୁ)

## ଧାରାବାହିକ ଉପନ୍ୟାସ



# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଚ୍ଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ଭାଗ-୧୭
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ପାଞ୍ଚବର୍ଷ ତଳେ କୌଣସି ଆତ୍ମୀୟଙ୍କର ବ୍ରେନ୍ ଅପରେସନ୍‌ବେଳେ ସେ ଦିଲ୍ଲୀସ୍ଥିତ ଏମ୍‌ସ୍‌ରେ ଦୁଇଟି ଅଦ୍ଭୁତ ଘଟଣା ପ୍ରତ୍ୟକ୍ଷ କରିଥିଲେ, ଯାହା ତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ପ୍ରାଗ୍‌ଐତିହାସିକ ଯୁଗର ଆଦିମାନବର ରୂପ ନେଇ ଜନ୍ମ ହୋଇଥିବା ଗୋଟେ ପିଲା ଉତ୍ତର ପ୍ରଦେଶରୁ ଆସିଥିଲା । ପିଲାଟିର ସାରା ଦେହ କଳା ଅଥଚ ଲମ୍ବା ଘଞ୍ଚ ଲୋମରେ ପରିପୂର୍ଣ୍ଣ ଥିଲା । ମୁହଁଟି ଦିଶୁଥିଲା ଗୋଟେ ସିମ୍ପାଞ୍ଜିର ମୁହଁପରି । ହାତଗୋଡ଼ ଠିକ୍ ବଣ ମଣିଷର ହାତଗୋଡ଼ ପରି ଲମ୍ବା, ହାଡୁଆ ଏବଂ ଆବଶ୍ୟକତା ଠାରୁ ଅଧିକ ଶକ୍ତ ଥିଲା । ସେତେବେଳେ ଏ ପିଲାଟି କେବଳ ତାଙ୍କୁ ନୁହେଁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲା । ଆହୁରି ଏକ ବ୍ୟତିକ୍ରମ ଥିଲା ଯେ, ପିଲାଟିର ପଛ ପାଖରେ ଦୁଇଇଞ୍ଚର ଗୋଟିଏ ଲାଞ୍ଜ ବି ଥିଲା । ଈଶ୍ୱରଙ୍କର ଏ ପ୍ରକାର ସୃଷ୍ଟି ଜେନେଟିକ୍ସ ଇଂଜିନିୟର୍ ଏବଂ ଡାକ୍ତରମାନଙ୍କ ପାଇଁ ଥିଲା ଏକ ଆହ୍ୱାନ ।

ପ୍ରାୟ ମାସାଧିକ କାଳ ରହଣି ଭିତରେ ଆଉ ଏକ ଘଟଣା ତାଙ୍କୁ ଖୁବ୍ ମର୍ମାହତ ଓ ଦୁଃଖୀ କରିଥିଲା ବି । ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ଗୋଟେ ଦମ୍ପତିଙ୍କ ସହ ତାଙ୍କର ପରିଚୟ ହୋଇଥିଲା ଯେଉଁମାନେ ମାସାଧିକ କାଳ ରୋଗୀମାନଙ୍କ ଆଟୋଷ୍ଟାଣ୍ଡ ୱେଟିଂରୁମ୍‌ରେ ଅପେକ୍ଷା କରି ବସି ରହୁଥିଲେ । ସେମାନେ ସେହି ଦିଲ୍ଲୀରେ ହିଁ ରହୁଥିଲେ ଏବଂ କୌଣସି ଗୋଟିଏ ଛୋଟିଆ କଂପାନୀରେ ଚାକିରୀ କରୁଥିଲେ । ସେମାନଙ୍କର ପ୍ରଥମ ସନ୍ତାନ ଭାବେ ଜନ୍ମ ହୋଇଥିବା ପୁତ୍ର ସନ୍ତାନଟି ଭିତରେ ଦେଖାଦେଲା ଏକ ଅଦ୍ଭୁତ ବ୍ୟତିକ୍ରମ । ଯଦିଓ ପ୍ରାଥମିକ ଅବସ୍ଥାରୁ ସେମାନେ ଡାକ୍ତରଙ୍କ ଚିକିତ୍ସା ଓ ପରାମର୍ଶ ଭିତରେ ଥିଲେ । ତଥାପି ଜନ୍ମ ପରେ ପରେ ଜଣା ପଡ଼ିଲା ଯେ ଶିଶୁଟିର ହୃତପିଣ୍ଡଟିରେ ଗୋଟେ ବଡ଼ଧରଣର କଣା ହୋଇଛି । ଫଳରେ ତାକୁ ଭେଣ୍ଟିଲେଟର୍ ଭିତରେ ଦୀର୍ଘ କୋଡ଼ିଏ ଦିନ ହେଲା ଚିକିତ୍ସା କରାଯାଉଛି । ଭଲ ହେଉନି । ଏ ଘଟଣା ଶୁଣି ସାରିଲା ପରେ ଦୀନନାଥଙ୍କର ସେଦିନ ପୂର୍ବଜନ୍ମସମ୍ପର୍କିତ ଧାରଣା ଦୃଢ଼ ହୋଇ ଯାଇଥିଲା । ହୃତ୍‌ପିଣ୍ଡ ଅପରେସନ୍ ବେଳେ ହୁଏତ କୌଣସି ଲୋକ ମରିଯାଇଛି ଏବଂ ପୁନରାୟ ଜନ୍ମ ହେଲା ବେଳକୁ ତାକୁ ସେହି ଅବସ୍ଥାପ୍ରାପ୍ତ ହୋଇଛି ।

ସମୟ ଓ ସମୟର ରୁଗ୍‌ଣତାଜନିତ ଯନ୍ତ୍ରଣାରେ ଆଜି ପ୍ରତିଟି ମଣିଷ ଜର୍ଜରିତ । ସଂପ୍ରତି ପୃଥିବୀରେ ସ୍ୱଚ୍ଛନ୍ଦରେ ନିଶ୍ୱାସ ପ୍ରଶ୍ୱାସ ନେବା ବି କଷ୍ଟ । ଲୋକମାନଙ୍କର ଲୁଟ୍ କରିବାର ଅଭୀପ୍‌ସା ଏହାକୁ ଆହୁରି ଯନ୍ତ୍ରଣାରେ ସିକ୍ତ କରିଦେଇଛି ! ଚିକିତ୍ସା ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ରୋଗ ଏବଂ ରୋଗୀମାନଙ୍କର ସଂଖ୍ୟା ବଢ଼ିଛି ସିନା, କମିନାହିଁ ।

ସମସ୍ତେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିଲେ ଯେ, କାଲି ପିଲାଯିବ କଟକ ଯଦି ଡାକ୍ତର ରେଫର୍ କରନ୍ତି ।

ଦୀନନାଥ ଫେରି ଆସିଲେ ଘରକୁ । ପୁଣିଥରେ ଗାଧୋଇ ଠାକୁର ଘରେ ଅଧଘଣ୍ଟାଏ କଟେଇ ବାହାରିଲେ । ସେତେବେଳେ ଖୁବ୍ ଗମ୍ଭୀର ଏବଂ ଶାନ୍ତ ଦିଶୁଥିଲେ ସେ । ରାତ୍ରିଭୋଜନ ଅନ୍ତେ ବାହାରିଥିଲେ ଡାକ୍ତରଖାନା, ଏସ୍.ଏନ୍.ସି.ୟୁ. ସାମ୍ନାରେ ନାତିକୁ ଜଗି ରହି ରାତ୍ରି ବିତେଇବେ ବୋଲି ।

କିନ୍ତୁ ଜୀତେଶ ଓ ଲିପୁ ଉଭୟେ ସେ କାର୍ଯ୍ୟ ଚଳେଇ ନେବେ ବୋଲି କହି ଦୀନନାଥଙ୍କୁ ଡାକ୍ତରଖାନା ଯିବାକୁ ଦେଇ ନଥିଲେ ।

|| ୧୦ ||

ଏକପ୍ରକାର ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ସ୍ୱପ୍ନଟିଏ ଦେଖୁ ଦେଖୁ ଦୀନନାଥଙ୍କର ରାତି ପାହି ଯାଇଥିଲା । ବିଛଣା ଉପରେ ଉଠି ବସିଲେ ସେ । ସ୍ମରଣ କଲେ କାଳିଆକୁ । ଭୋର ପାଞ୍ଚଟା, ଚାରିଆଡ଼େ ଫର୍ଚ୍ଚା ପଡ଼ିଆସିଲାଣି । ଜୀତେଶ ଆଉ ଲିପୁ ଅଛନ୍ତି ମେଡ଼ିକାଲ୍‌ରେ । ଭବେଶ ଆଉ ସମୁଦୁଣୀ ଶୁଭଦା ପାଖରେ । ମେଡ଼ିକାଲ୍‌ରେ ନାତି ପାଖରେ କିଛି କାମ ନଥିଲେ ବି, ଜଗି ବସିଥିବେ ଦୁଇଜଣଯାକ ପୁତୁରା । ଉପରେ ଫାଙ୍କା ଆକାଶ, ତଳେ ଅରମା ଓ କଡ଼ରେ ନର୍ଦ୍ଦମା । ଚେୟାର୍ ଦୁଇଖଣ୍ଡ ଉପରେ ମଶା ଡାଆଁଶରେ ପିଟି ହୋଇ ହୋଇ ରାତି କଟେଇଥିବେ । ଆଉ ସେପଟେ ସମୁଦୁଣୀ ଓ ଭବେଶ । ଏତେ ଟିକେ ରୁମ୍ ଭିତରେ ତିନିଜଣ । ସେଥିରେ ଶୁଭଦା ଅପରେସନ୍‌ଜନିତ ଯନ୍ତ୍ରଣାରେ ଶୋଇପାରୁ ନଥିବ । ତାକୁ ଜଗି ଜଗି ସେ ଦୁଇଜଣଙ୍କର ବି ଅନିଦ୍ରାରେ ରାତି କଟିଯାଇଥିବ ।

ଦଣ୍ଡେ ବିଛଣାରେ ବସି ମନେ ପକେଇଲେ ସ୍ୱପ୍ନଟିକୁ । ସ୍ପଷ୍ଟ ଉଦ୍‌ଭାସିତ ହୋଇଉଠିଲା ସ୍ୱପ୍ନର ଦୃଶ୍ୟପଟଟି । ଗୋଟିଏ ଗାଁର ଦୃଶ୍ୟ । କେଉଁ ଗାଁ କେଜାଣି ! ଜଣା ନାହିଁ । ସେମିତି ଗୋଟେ ଗାଁ ଜୀବନରେ ବାସ୍ତବିକ୍ ଦେଖିଛନ୍ତି କି ନାହିଁ, ତାଙ୍କର ସ୍ମରଣ ହେଲା ନାହିଁ । ଧାଡ଼ି ଧାଡ଼ି ଦୁଇ ମହାଲା ଘର ସେ ଗାଁଟିରେ । ଗୋଟେ ଚାଳଘର ଉଚ୍ଚପିଣ୍ଡାରେ ବସିଛନ୍ତି ସମୁଦୁଣୀ ଭାଗ୍ୟବତୀ ଦେବୀ । ମୁଣ୍ଡରେ ବାଳତକ ପାଚି ଧୋବଫର୍‌ଫର୍ ଦିଶୁଚି । ପଶ୍ଚିମାଭିମୁଖୀ ଘର ବୋଲି ଦାଣ୍ଡପିଣ୍ଡାରେ ଅପରାହ୍ନର ନରମ ଖରା ଲୁଚକାଳି ଖେଳୁଛି । ମଥାନ ତଳକୁ ଝୁଲି ପଡ଼ିଲେଣି ସୂର୍ଯ୍ୟଦେବତା । ଆଉ ଟିକେ ପରେ ଗୋଧୂଳି ମାଡ଼ି ଆସିବ, ସଂଜ ହେବ ।

ଭାଗ୍ୟବତୀଙ୍କ କୋଳରେ ଏସ୍.ଏନ୍.ସି.ୟୁ. ଭିତରୁ ନାତି କିପରି ପଳେଇ ଯାଇ ଶୋଇଛି ତାଙ୍କ କୋଳରେ । ଭାଗ୍ୟବତୀ ତାକୁ ହଳଦୀ ତେଲ ମାଖି ଦେଉଛନ୍ତି । ଛାଟିପିଟି ହୋଇ ରାହାଧରି କାନ୍ଦୁଛି ନାତି । ରାଶିତେଲ ଓ ହଳଦୀ ଜର୍‌ଜର୍ ନାତିର ଦେହଟି ଦିଶୁଚି ସୁନାର ଦେହ ପରି । ତା' ଉପରେ ନରମ ଖରା ପଡ଼ି ଆହୁରି ଚିକ୍‌ଚିକ୍ କରୁଛି । ହେଲେ ନାତି ଥୟଧରୁ ନାହିଁ । ଚିହିଡ଼ା ଛାଡ଼ି କାନ୍ଦୁଛି ବୋଲି ଭାଗ୍ୟବତୀ କୋଳରେ ଝୁଲଉ ଝୁଲଉ ନାନାବାୟା ଗୀତ ଗାଉଛନ୍ତି ।

"ଧୋ'ରେ ବାୟା ଧୋ',
ଯେଉଁ କିଆରୀରେ ଗହଳ ମାଣ୍ଡିଆ,
ସେଇ କିଆରୀରେ ଶୋ' ।"

ନାତି ତାଙ୍କର ଶାନ୍ତ ହେଉନାହିଁ । ଆହୁରି ଚିଲେଇ ଚିଲେଇ କାନ୍ଦୁଛି । ଗାଁ ଦାଣ୍ଡରେ ପୁଚି ଖେଳୁଥିବା ଛୋଟ ଝିଅମାନେ ତାକୁ ହାତ ଠାରି ଡାକୁଛନ୍ତି । ହେଲେ ହଳଦୀ ମଖା ସରୁନାହିଁ । ନିଜ କୋଳ ଉପରେ ମୁହଁ ମାଡ଼ି ଶୁଆଇ ଦେଇ ତା' ପିଠିସାରା ବୋଳି ଲାଗିଛନ୍ତି ହଳଦୀ । ସ୍ୱରଧରି ଆଉ ପଦେ ଲୁଲାବାୟା ବୋଲୁଛନ୍ତି -

"ବାଇ ଚଢ଼େଇରେ ବାଇ ଚଢ଼େଇ
ତୋ' ମା' ଯାଇଛି ଗାଈ ମଣେଇ ।
ଗୋଠରୁ ଆଣିବ କଅଁଳ କ୍ଷୀର
ମୋ କୁନା ପିଇବ ମିଶାଇ ନୀର ।"

ସେ ପାଖ ପିଣ୍ଡାରେ ସପ ପକେଇ ବସିଛନ୍ତି ଦେବାନନ୍ଦ ବାବୁ । ପାଟିରେ ପାନ ଚୋବେଇ ଚୋବେଇ କଥା ହେଉଛନ୍ତି ତାଙ୍କର ଜଣେ କକେଇ ସାଂଗରେ । ସହରର ଖବର ପଚାରି ବୁଝୁଛନ୍ତି । ଗାଁ ଦାଣ୍ଡରେ ଦଳେ ପିଲା ପୁଚି ଖେଳରେ ଦାଣ୍ଡ କମ୍ପେଇ ଦେଉଛନ୍ତି ଗୀତ ଗାଇଗାଇ ।

"ଠିଆ ପୁଚି ନାରଙ୍ଗ
ଗୋଡ଼ ଦି'ଟା ସାରଙ୍ଗ ।
ସାରଙ୍ଗ ବାଡ଼ିକି ଯାଇଥିଲି
ସାରଙ୍ଗ ଶୁଖୁଆ ଆଣିଥିଲି ।
ଅଧେ କଲି ଭଜା, ଅଧେ ରଖିଲି
କଂଚା ।"

ଘରକାମରେ ବ୍ୟସ୍ତ ଅଛି ଶୁଭଦା । କାମସାରି କୂଅ ମୂଳରୁ ଗୋଡ଼ହାତ ଧୋଇ ଘର ଭିତରକୁ ପଶିଲା ବେଳକୁ ନାତିର ନଜର ପଡୁଛି ମା' ଉପରେ । ଛାଟିପିଟି ହୋଇ ଆହୁରି ଜୋରରେ କାନ୍ଦୁଛି ଶୁଭଦାକୁ ଦେଖି । ଜେଜୀମା'ଙ୍କ କୋଳରୁ ଡେଇଁ ପଡୁଛି ମା' ପାଖକୁ ଯିବବୋଲି । ଅଥଚ ଭାଗ୍ୟବତୀ ଦେବୀ ନାତିକୁ କୋଳରେ ବସେଇ ଝୁଲଉଛନ୍ତି -

"ଝୁଲରେ ହାତୀ ଝୁଲ,
ବା' ପାଣି ଖାଇ ଫୁଲ୍ ।"

ନାତି ଆହୁରି ଜୋର୍‌ରେ କାନ୍ଦୁଛି । ଭାଗ୍ୟବତୀ ଦେବୀ କହୁଛନ୍ତି -

"ଆଲୋ ହେ ଶୁଭଦା ! ତୋର ଏବେ କାମ ସରିଲା ନା ନାହିଁ ! ନେ ତୋ ପୁଅକୁ । ତେଲ ହଳଦୀ ମାଖି ଦେଇଛି । ତାକୁ କଳେ କ୍ଷୀର ଦେଇ ଶୁଆଇ ପକା ।"

ଶୁଭଦା ପଣତକାନିରେ ହାତପୋଛି ପୁଅକୁ ନେଉଛି କୋଳକୁ । ପୁଅ ଶାନ୍ତ ହେଉଛି ।

ଏମିତି ଏକ ନାଟକୀୟ ଦୃଶ୍ୟରେ ନିଦ ଭାଂଗି ଯାଇଥିଲା ଦୀନନାଥ ବାବୁଙ୍କର । ତାଙ୍କୁ ଲାଗୁଥିଲା, ସେ ଯେମିତି ନିଜ ସ୍ମୃତିର ପ୍ରେକ୍ଷାଳୟରେ ବସି ବସି ଅଭିନୟଟିକୁ ମନଭରି ଦେଖୁଥିଲେ । ହଠାତ୍ ଲାଇନ୍ କଟିଗଲା । ଆଉ ତାଙ୍କ ପାତଳ ହାଲୁକା ନିଦ ବି ଭାଂଗିଗଲା ।

ବିଛଣାରୁ ଉଠିଆସିଲେ ଦୀନନାଥ ବାବୁ ବାହାରକୁ । ସଂପୂର୍ଣ୍ଣ ରାତି ପାହି ଗଲାଣି । ରାସ୍ତାରେ ଲୋକମାନେ ଚଳପ୍ରଚଳ ହେଲେଣି ।

ଲମ୍ବୋଦର ବାବୁଙ୍କୁ ଛାଡ଼ିଦେଲେ ଆଉ ଚାରିପାଞ୍ଚ ଘର ଦୀନନାଥଙ୍କର ପଡ଼ିଶା । ସେମାନଙ୍କ ଭିତରୁ କେହି କେହି ଉଠିଲେଣି । ଆଉ କେହି ବି ଉଠି ନାହାନ୍ତି । ଲମ୍ବୋଦର ବାବୁ ଓ ତାଙ୍କ ସ୍ତ୍ରୀ ଲତିକାକୁ ଛାଡ଼ି ଦେଲେ ଆଉ କେହି ଭଲରେ କିମ୍ବା ମନ୍ଦରେ ପଦେ କଥା ହେବାକୁ କୁଣ୍ଠିତ । ଆଜିକାଲି ସହରରେ ରହୁଥିବା ମଣିଷମାନେ ବୋଧହୁଏ ଏମିତି । ଭିନ୍ନ ଭିନ୍ନ ସ୍ଥାନରୁ ଉଡ଼ିଆସି ଗୋଟିଏ ଗଛରେ ବସା ବାନ୍ଧିଥିଲେ କି ସଂପର୍କ ଖୁବ୍ ଶିଥିଳ । ଗାଁ ପରି ନୁହେଁ । ଏମାନଙ୍କ ଭିତରୁ କାହାକୁ ଦୀନନାଥ ବାବୁ ଭଲରେ ମନ୍ଦରେ ପଦେ ପଚାରିଲେ 'ହଁ' କିମ୍ବା 'ନାହିଁ'ର ଉତ୍ତର ମିଳେ । କାଳକାଳକୁ ପଡ଼ୋଶୀ ଭାବେ ଜୀବନ ନିର୍ବାହ କରିବେ ବୋଲି ଜାଣି ମଧ୍ୟ କେହି କାହାକୁ ଭରସି କଥା ହୁଅନ୍ତି ନାହିଁ । କେବଳ ଲମ୍ବୋଦରବାବୁ ଓ ଲତିକା ନାତିର ଏପରି ଅବସ୍ଥାରେ ବାରବାର ଫୋନ୍ କରି ବୁଝିଛନ୍ତି ଯାହା । ନହେବା ଦୁଇଦିନ କାଳ ତାଙ୍କର ଏମିତି ସଂକଟ ବେଳାରେ ସବୁ ଜାଣିମଧ୍ୟ କେହି ଦରଦୀ ଭାବେ ପଦେ ଭଲମନ୍ଦ ବୁଝି ନାହାନ୍ତି ।

ଏଇପ୍ରକାର ବାତାବରଣକୁ ନେଇ ବେଳେ ବେଳେ ଅଡୁଆ ଲାଗେ ଦୀନନାଥ ବାବୁଙ୍କୁ । ଏବେ ମଣିଷ ଏତେ ଯାନ୍ତ୍ରିକ, ସ୍ୱାର୍ଥସର୍ବସ୍ୱ ଓ ଆତ୍ମକୈନ୍ଦ୍ରିକ ହୋଇ ଯାଉଛି କିପରି ? କାଉଟିଏ ଅନ୍ୟ ଏକ କାଉକୁ ଦେଖିଲେ କା' କା' କରି ସମ୍ଭାଷଣ ଜଣେଇ ପାରୁଛି । ସେମାନଙ୍କ ଭିତରୁ କେହି ଭୂଲୁଣ୍ଠିତ ହେଲେ କି ବିପଦରେ ପଡ଼ିଲେ, ସେଠି ଶହ ଶହ ସଂଖ୍ୟାରେ କାଉ ଜମା ହୋଇ ସମବେଦନା ଜଣାନ୍ତି । (କିନ୍ତୁ ହାୟ ! ଏବେ ସେ କାଉ ପଲ ନାହାନ୍ତି । ରାତି ପାହିଲେ ସହରରେ ସେମାନଙ୍କର ଆଉ କା' କା' ରାବ ଶୁଭୁନାହିଁ !) ଅଥଚ ମଣିଷ ହୋଇ ମଣିଷଟିଏ ଦେଖିଲେ କେମିତି ଭରସି କଥା ପଦୁଟିଏ ହୋଇ ପାରୁନାହିଁ । ଏଇଥିପାଇଁ ବଡ଼ ବିଚିତ୍ର ଲାଗେ ଏ ଦୁନିଆଁ ଦୀନନାଥ ବାବୁଙ୍କୁ ।

ଦୁଆର ଖୋଲି ଗେଟ୍ ଖୋଲିଲା ବେଳକୁ ଦୃଶ୍ୟ ହେଲେ ଚନ୍ଦ୍ରକାନ୍ତ ବାବୁ । ସବୁ ଘଟଣା ଜାଣି ବି ପଦୁଟିଏ କିଛି ପଚାରିଲେ ନାହିଁ । ବରଂ ଦୀନନାଥ ବାବୁ ଭାବୁଥିଲେ ନିଜର ଦୁଃସ୍ଥିତି ତାଙ୍କୁ ଜଣେଇବେ ବୋଲି । କିନ୍ତୁ ନା ! ସେତକ ସୁଯୋଗ ତାଙ୍କୁ ମିଳିଲା ନାହିଁ । ସେ ତାଙ୍କ ଗେଟ୍ ଖୋଲିସାରି ଘର ଭିତରକୁ ମୁହେଁଇଲେଣି । ବାସ୍ତବିକ୍ ଏମିତି କାହିଁକି ହୁଏ ? କେଜାଣି ! (କ୍ରମଶଃ)



ଅନୁବାଦ- ବିନୟ କୁମାର ଦାସ

ମୂଳ ହିନ୍ଦୀ- ଡ. ଲତା ଅଗ୍ରବାଲ

# ଅମୃତର ସ୍ୱାଦ





ଦୁଇତିନ ଦିନ ହେଲା ଦେହ ଅସୁସ୍ଥ । ଜ୍ୱର ଛାଡୁ ନାହିଁ । ସେଇଥିରେ କାମକୁ ଯିବାକୁ ପଡୁଛି ରାଧାକୁ । ଦିନେ କାମ ବନ୍ଦ କଲେ ସେଦିନର ପଇସା ମାଲିକାଣୀ ତା ମାସିକ ଦରମାରୁ କାଟିନେବ । ଦୁଇଟା ଘରେ କାମ ଧରିଛି । ଯେତିକି ମିଳୁଛି, ସେଥିରେ ଚଳିବାକୁ ହେବ । ସ୍ୱାମୀ ଏକ ରାସ୍ତା ଦୁର୍ଘଟଣାରେ ପ୍ରାଣ ତ୍ୟାଗ କଲା ପରେ ଘରର ସବୁ ଦାୟିତ୍ୱ ତା ଉପରେ । ଦିନେ ଦିନେ ତାକୁ ଉପାସ ରହିବାକୁ ପଡୁଛି । ହେଲେ ପୁଅ କୁଲ୍ଲୁକୁ ତ କିଛି ନା କିଛି ଖାଇବାକୁ ଦେବ ସେ । ଅଭାବ କଣ ବୁଝିବା ଭଳି ବୟସ ହୋଇନି କୁଲ୍ଲୁର । ସେଦିନ କାମରୁ ଘରକୁ ଫେରିବା ମାତ୍ରେ କୁଲ୍ଲୁ କହିଲା , "ମା, ଏ ଦୁଧର ସ୍ୱାଦ କେମିତି କି ?"

"ହଠାତ୍ ଏମିତି ପ୍ରଶ୍ନ କାହିଁକି ରେ କୁଲ୍ଲୁ ?"

"କୁହନା ମା ...କେମିତି ତା ସ୍ୱାଦ ?"

"ବାବୁରେ..ଯେଉଁ ଗଳିକୁ ଆମେ ଯାଇ ପାରିବା ନାହିଁ, ସେ ଗଳିର ରାସ୍ତା ପଚାରି କଣ ଲାଭ ପାଇବା ।"

"ମୋତେ ଏତେ କଥା କହିବା ଦରକାର ନାହିଁ ..ମୋତେ ଖାଲି କୁହ , ଦୁଧର ସ୍ୱାଦ କେମିତି ?" ଜିଦ୍ ଧରିବା ଢଂଗରେ କହିଲା କୁଲ୍ଲୁ ।

"ଶାଗ ଭାତ ପଖାଳ ଆମର ନିତିଦିନିଆ ଖାଦ୍ୟ ରେ ବାବୁ । ଏଇଥିରେ ଆମର ଶାନ୍ତି । ସେତିକି ବି ବହୁତ କଷ୍ଟରେ ମିଳୁଛି । ସେ ଦୁଧର ସ୍ୱାଦରୁ କଣ ମିଳିବ ଆମକୁ ? ମୁଁ ବହୁତ ଥକି ଯାଇଛି । ଏବେ ମୋ ସହିତ ଏ ବାଜେକଥା କହନା ।"

"ହଉ, ତାହେଲେ ମୋତେ ଖାଲି ଏତିକି କହିଦିଅ, ସତରେ କଣ ଦୁଧର ସ୍ୱାଦ ଅମୃତ ପରି ?"

"ତୋ ମୁଣ୍ଡକୁ ଏମିତି ସବୁ ଅଜବ ପ୍ରଶ୍ନ ଆସୁଛି କଣ ପାଇଁ ? କଣ ହୋଇଛି ତୋର ?"

"ଏଣୁତେଣୁ କହି ମୋ ପ୍ରଶ୍ନକୁ ଏଡାଇ ଚାଲିଚ ତୁମେ ..କୁହନା ଦୁଧର ସ୍ୱାଦ କେମିତି ?"

"ତୁ ଛାଡିବୁନି ଦେଖୁଛି । ହଉ, ମୋତେ ଆଗ କହିଲୁ, ଏ କଥା ତୁ ମୋତେ ପଚାରୁଛୁ କାହିଁକି ? ସତକଥା କହିବୁ..ମିଛ କହିଲେ ତୋ ପ୍ରଶ୍ନ ର ଉତର ଦେବି ନାହିଁ ।"

"କଥା କଣକି ମା, ଆଜି ହରିଆ ଆମ ବସ୍ତିର ଅନ୍ୟ ପିଲାମାନଙ୍କୁ କହୁଥିଲା ସେ ଆଜି ଦୁଧ ପିଇଛି । ଆଃ..କି ସ୍ୱାଦ ..ଠିକ୍ ତ ଅମୃତ । ସତ ନା ମା ?"

"ତୁ ମିଛ କହିଲୁ ।"

"ନା, ମାଆ..ମିଛ ନୁହେଁ । ସତ କହୁଛି ।"

"ପୁଣି ମିଛ । ଆରେ ହରିଆ ମାଆ ତ ମୋ ପରି ପରଘରେ କାମ କରି ବହୁତ କଷ୍ଟରେ ଚଳୁଛି । ସେ ତା ପୁଅକୁ କୋଉଠୁ ଦୁଧ ଦେବ ପିଇବାକୁ ?"

"ଆଜି ନା ତା ମାଲିକାଣୀ ଘରର ଦୁଧ ପାତ୍ରରେ ବିଲେଇ ମୁହଁ ମାରିଦେଲା । ସେ ସେହି ଦୁଧକୁ ବାହାରେ ଢାଳି ଦେଉଥିଲେ, ହରିଆ ମା ସେତକ ମାଗିକି ନେଇ ଆସିଥିଲା । ସେହି ଦୁଧ ପିଇଥିଲା ହରିଆ ।"

"ଓ..ତାହେଲେ କଥା ଯାଇ ଏଇଠି ।"

"ମା, ତୁମ ମାଲିକାଣୀ ସେମିତି କେବେ ଦୁଧ ବାହାରେ ଢାଳି ଦେଉନାହାନ୍ତିନା ? ସେମିତି ହେଲେ ମୁଁ ବି ପିଇ ପାରନ୍ତି । ଚାଖନ୍ତି ତାର ସ୍ୱାଦ କେମିତି । ମୋର ଭାରି ଇଚ୍ଛା ହେଉଛି ମା ଦୁଧ ପିଇବା ପାଇଁ । ସତରେ କଣ ମୁଁ ଦୁଧ ପିଇ ପାରିବି ନାହି ?"

କୁଲ୍ଲୁର ଏ ବିକଳ ଆବେଦନ ରାଧା ମନରେ ଗଭୀର ରେଖାପାତ କଲା । ପିଲାଟା ସତରେ କେତେ ଡହଳ ବିକଳ ହେଉଛି ଦୁଧର ସ୍ୱାଦ ଜାଣିବା ପାଇଁ । ସେ ଗୋଟିଏ ଗ୍ଲାସ ପାଣିରେ କିଛି ଅଟା ଆଉ ଗୁଡ ମିଶାଇ କୁଲ୍ଲୁକୁ ଦେଲା ପିଇବା ପାଇଁ । ଏକା ନିଃଶ୍ୱାସରେ ସେ ପିଇଦେଲା ସେତକ ।

"ଆଃ, କି ବଢିଆ । ମା, ମୁଁ ଟିକେ ଆସୁଛି ।" ସେ କୁଆଡେ ଯିବ ବୋଲି ବାହାରୁଥିଲା ।

"କୁଆଡେ ବାହାରିଲୁ ?"

"ମୁଁ ବି ହରିଆ ଭଳି ଆଜି ଦୁଧ ପିଇଛି ବୋଲି ବସ୍ତି ପିଲାଙ୍କୁ କହିଦେଇ ଆସେ । ଦୁଧ ତ ନୁହେଁ ..ଅମୃତ ପିଇଛି ମୁଁ ।"

ରାଧା ଆଖିରେ ଲୁହ ଭରି ଗଲା । ଏ ଲୁହ ତା ଦାରିଦ୍ର୍ୟକୁ ଉପହାସ କରୁଥିବା ଲୁହ ନୁହେଁ । ବରଂ ତା ପୁଅର ବିଶ୍ୱାସକୁ ସେ ଛଳନାର ମିଛ ପୁଟ ଦେଇ ତାକୁ ଠକି ଦେଇଥିବାର ଦୁଃଖର ଅସହ୍ୟ ପୀଡନ ।

||||| ୦ |||||

+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯

# ଷାଠିଏ ପରେ ଭତ୍ତା !

**ଇଂ.ବିଦ୍ୟାଧର ପଣ୍ଡା**

ନୂଆବର୍ଷରେ ଗାଁକୁ ଯାଇ ମନ୍ଦିର ଛକ ଜଳଖିଆ ଦୋକାନର ଘୋଡାପଟା ଉପରେ ଜଣେ ମୋତେ ପଚାରିଲା, 'ଏବେ କେତେ ବୟସ ହେଲା ? ମୁଁ କହିଲି, ଛପନ। କହିଁକି ପଚାରିଲେ?' – 'ନାଇଁମ କାଲି ସରପଂଚ ଭତ୍ତା ପାଇବା ପାଇଁ ଚିଠା କରୁଥିଲା ତ, ସେଥିପାଇଁ ପଚାରିଲି ଯେ ତୋତେ ମିଳିବାକୁ ଆଉରି ଚାରିବର୍ଷ ବାକି ଅଛି। ନିବିନା ଗଲେ ନୂଆରେ ଯଦି କିଛି ନିୟମ ଆସିଲା ତେବେ କିଛି କହିହେବନି।' ସେଠାରେ ବସିଥିବା ଜନୈକ ଭଦ୍ରବ୍ୟକ୍ତି କହିଲେ ଏହି ଭତ୍ତାଯୋଗୁଁ ଅନେକ ଗରିବଗୁରୁବା ବଂଚିଯାଉଛନ୍ତି, ନହେଲେ ଭୋକରେ ରୁହନ୍ତେ। ମୁଁ ଉପସ୍ଥିତ ଜଣେ ଅବସର ପ୍ରାପ୍ତ ଶିକ୍ଷକଙ୍କୁ ବିନମ୍ରତାର ସହ ପ୍ରଶ୍ନ କଲି, "ସତରେ କ'ଣ ଆମେ ଭୋକରେ ରହୁଛେ ?" ସେ ମହାଶୟ ଜଣକ ମୋ ମୁହଁକୁ ଆଶ୍ଚର୍ଯ୍ୟରେ ହଁ କହିଲେ, ଅସମ୍ଭବ। ଆଜିକାଲି ଖାଦ୍ୟାଭାବରୁ ଭୋକରେ ରହୁଥିବା କଥା କେହି ସହଜରେ ବିଶ୍ୱାସ କରିବେନି। କାରଣ କଳ କାରଖାନା ବଢିଛି। ଟଙ୍କିକିଆ ଚାଉଳ ମିଳୁଛି। ମଝିରେମଝିରେ ଅଟା, ଡାଲି ଓ ତେଲ ପାଇଁ ବି ସରକାର ସାହାଯ୍ୟ କରୁଛନ୍ତି। କେମିତି କିଏ କାହିଁକି ବା ଭୋକରେ ରହିବ? କିନ୍ତୁ ମୁଁ ଇଂଟରନେଟରୁ ଏମିତି ପଢିବାକୁ ପାଇଲି ବୋଲି କହି ସେମାନଙ୍କୁ ଅଧିକ ତଥ୍ୟ ପ୍ରଦାନ କଲି। ୨୦୧୭ ମସିହା ଅକ୍ଟୁବର ୧୨ତାରିଖରେ ଏକ ଆନ୍ତର୍ଜାତୀୟ ଭୋକିଲା ଦେଶମାନଙ୍କର ସୂଚକାଙ୍କ ପ୍ରକାଶିତ ହୋଇଛି। ଏହାକୁ ପ୍ରସ୍ତୁତ କରିଛନ୍ତି ଆନ୍ତର୍ଜାତୀୟ ଖାଦ୍ୟ ନିୟମ ଅନୁସଂଧାନ ସଂସ୍ଥା (International Food Policy Research Institute- IFPRI), ଯାହାକୁ ଆମେ ସନ୍ଦେହ କରିବା ଅନୁଚିତ୍। ଏହି ରିପୋର୍ଟ ଅନୁସାରେ ଆମ ଦେଶ ଭାରତ କ୍ରମିକ ସଂଖ୍ୟା ୧୦୦ରେ ଥିବା ବେଳେ ପଡୋଶୀ ବାଂଗ୍ଲାଦେଶ ଓ ଇରାକ ୭୮ରେ ଅଛନ୍ତି। ସମୁଦାୟ ୧୧୯ଟି ଦେଶର ସର୍ଭେ ଭିତରେ ଆମ ଦେଶ ୧୦୦ତମ ସ୍ଥାନରେ ରହିବା ଲଜ୍ଜାକର ନୁହେଁ! ଶିକ୍ଷକ ଜଣକ ମୋ କଥାକୁ ହଜମ ନକରି ପାରି ଗୁଣୁ ଗୁଣଉଥିଲେ, କାହିଁ ମୋ ନଜରରେ ଏମିତି ଖାଦ୍ୟାଭାବରୁ କିଏ ଭୋକଓପାସରେ ଶୋଉଥିବା କଥା କେବେ ଆସିନି। କାହାଠାରୁ ମୁଁ ଏକଥା ଏଯାଏଁ କେବେ ଶୁଣିନି। ଏ ବିଷୟରେ ଅଧିକ କିଛି ଜାଣିବା ପାଇଁ ମୋତେ ଆଗ୍ରହର ସହ ପଚାରିଲେ, ଅଉ କ'ଣ ସବୁ ଲେଖାଯାଇଥିଲା ସେ ରିପୋର୍ଟରେ କହିଲୁ ? ସେତେବେଳକୁ ଏ ଆଲୋଚନା ଜମି ସାରିଥିଲା। ଅନ୍ୟ କେତେଜଣ ଗରମ' କପକୁ ଓଠରେ ଲଗଉଲଗଉ ଆମ କଥାକୁ କାନ ଡେରୁଥିଲେ। ଏପରି ଏକ ଗାଉଁଲି ସୁନ୍ଦର ପରିବେଶରେ ମୋତେ ପଢିଥିବା ସମ୍ପୂର୍ଣ୍ଣ ରିପୋର୍ଟକୁ ନିସଙ୍କୋଚରେ ପ୍ରକାଶ କରିବାରେ ବହୁତ ଆନନ୍ଦ ଆସିଲା।

ଏହା ପୂର୍ବଥର ସର୍ଭେ ସମୟରେ ଭାରତର କ୍ରମସଂଖ୍ୟା ୫୫ଥିଲା। କିନ୍ତୁ ୨୦୧୪ମସିହା ପରେ ଏହା ୪୫କ୍ରମ ତଳକୁ ଖସିଛି ବୋଲି ରିପୋର୍ଟରେ ଲେଖା ଅଛି। କିଛି ପଦ୍ମଫୁଲିଆ ନେତା କହୁଛନ୍ତି ଯେ ଅନ୍ୟଦେଶ ପାଇଁ ଏବକାର ଡାଟା ବ୍ୟବହାର କରାଯାଇଥିବା ବେଳେ ଆମଦେଶର ପୁରୁଣା ୨୦୧୨-୧୩ ମସିହାର ଡାଟା ବ୍ୟବହାର କରି ଏପରି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ଛାଡନ୍ତୁ ସେ ତର୍କ ବିତର୍କ କଥା। ସେ ରିପୋର୍ଟରେ ଆମ ଭାରତର ସ୍କୋରିଂ ୨୧.୯ ଥିବାବେଳେ ଆମ ରାଜ୍ୟର ୩୧.୪ ଅଛି। ଆମ ନେତାମାନଙ୍କ ପାଇଁ ଖୁସିର ବିଷୟ ଯେ ଆମ ତଳକୁ ବିହାର ଅଛି। ନୀତି ନିୟମ ତିଆରି କରିବା ଅଧିକାଂଶ ଲୋକ ସବୁ ସହରରେ ରହୁଥିବାରୁ ଆମ ଲୋକେ କିଛି ଭୋକରେ ରହୁଥିବା କଥା ତାଙ୍କର ଆଦୌ ବିଶ୍ୱାସ ହେଉନି। ଆଗରୁ ଯାହା ଥିଲା ଥିଲା, କିନ୍ତୁ ଏହି କରୋନା ଭୂତାଣୁ ଗ୍ରାସ କରିବା ପରେ ତର୍ଜମା କଲେ ଜଣାଯାଏ ଗାଁ ଗହଳିର ଅବସ୍ଥା ଏବେ ଅତି ଶୋଚନୀୟ। ଅନେକ ଲୋକଙ୍କୁ ତିନିଓଳି ପେଟପୂରା ଖାଇବାକୁ ମିଳୁନି। ଦିନ ମଜୁରିଆମାନେ ପ୍ରାୟ ତିନିମାସେ ଘରେ ବସି ଯାଇଥିଲେ, ସେମାନଙ୍କୁ ଯାହା ସରକାରୀ ସାହାଯ୍ୟ ମିଳିଲା ତାହା ପରିବାର ପାଇଁ ପର୍ଯ୍ୟାପ୍ତ ନୁହେଁ। ମହାନଦୀ କୂଳରେ ଅବସ୍ଥିତ ଆମ ଗାଁର ଟିକିନଖି ଖବର ଜଣାଥିବାରୁ ମୁଁ ପାଠକମାନଙ୍କ ଅବଗତି ନିମନ୍ତେ ଏତିକି ପ୍ରକାଶ କରିପାରେ ଯେ ଏବେ ବି ଆମ ଗହଣରେ କିଛି ଲୋକ ଭୋକରେ ଶୋଇବା ଦୃଷ୍ଟାନ୍ତ ନିଶ୍ଚିତ ଭାବରେ ରହିଛି। ଲୋକମାନେ ଜମିଜୁମା ପଡିଆ ରଖି ପାଖରେ ଗଢି ଉଠିଥିବା କଳକାରଖାନାରେ ଦିନମଜୁରିଆ ଭାବେ କାମ କରି ଚଳୁଥିଲେ। କିନ୍ତୁ ହଠାତ୍ କଳ କାରଖାନା ବନ୍ଦ ହୋଇଯିବା ପରେ ସେମାନେ ହାତବାନ୍ଧି ଘରେ ବସିଗଲେ। ତେଣୁ ପରିବାରର ଆର୍ଥିକ ଅବସ୍ଥା ବିଗିଡିଗଲା। ଏବେ ନାଁ କରିପାରୁଛନ୍ତି ନା କଳକାରଖାନାରେ କାମ ମିଳୁଛି ! କେତେକ କାରଖାନା କାମ ଆରମ୍ଭ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ପୁରୁଣା ଅବସ୍ଥାକୁ ଏପର୍ଯ୍ୟନ୍ତ ଫେରିପାରିନି।

ଆମ ଦେଶର ଗରିବି ଭୁକମାରିର ପ୍ରଧାନ କାରଣ। ବୋଝ ଉପରେ ଲଳିତା ବିଡା ପରି ଆକାଶ ଛୁଆଁ ଦରଦାମ ଏବେ ଲୋକମାନଙ୍କୁ ଆଉରି ବେଶି ହଇରାଣ କରୁଛି। ପରିବାପତ୍ରର ଦାମ ଦୁଇ ତିନିଗୁଣ ବଢିଯାଇଛି। ଗରିବଙ୍କ ପ୍ରମୁଖ ପରିବା ଆଳୁ କିଲୋ ଲିଶଟଙ୍କା, ପିଆଜ ସତୁରି ଟଙ୍କା ହେଲା ବେଳକୁ ମାଗଣା କଂଚାଲଙ୍କା ମାଗିଲେ ପରିବା ଦୋକାନି ମୁହଁ ମୋଡି ଦେଉଛନ୍ତି। ମୋ ନିଜର ଗୋଟେ ବଦ ଅଭ୍ୟାସ ହେଲା ଶହେ ଦେଢଶହ ଟଙ୍କାର ପରିବା କିଣିବା ପରେ ମାଗଣା କଂଚାଲଙ୍କା ମୁଠାଏ ନଆଣିଲେ ମନ ଶାନ୍ତି ହୁଏନି। ଏବେ କିନ୍ତୁ କେହି ବେପାରି ସେଥିରେ ଆଉ ରାଜି ନୁହଁନ୍ତି, କଂଚାଲଙ୍କା ପଶଗ୍ରାମକୁ ଦଶଟଙ୍କା ହିସାବରେ ଯୋଡୁଛନ୍ତି। ହାଟପାଳିକୁ ପାଳି ଦୋକାନି ବଦଳେଇ ବଦଳେଇ ସବୁ ଦୋକାନ ସରିଲାଣି। ପୁରୁଣା ଅଭ୍ୟାସ ମାଗଣା କଂଚାଲଙ୍କା ନମାଗି ଏବେ ବାଧ୍ୟରେ ଦଶଟଙ୍କା ଦେଇ କିଣିବା ନୂଆ ଅଭ୍ୟାସ କରିବାକୁ ପଡିଛି, ହେଲେ ମନ ମାନୁନି। ନିକଟ ଭବିଷ୍ୟତରେ ଏହା ଏବେ ତଳକୁ ଆସିବା ପରି ଦିଶୁନି। ସାଧାରଣ ଜିନିଷ ସହ ପିଆଜ ରସୁଣ ଆଳୁ ପରି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ ନିୟନ୍ତ୍ରଣ କଲେ ଗରିବ ଲୋକମାନଙ୍କର ଦୁଃଖ ଅନେକାଂଶରେ ଲାଘବ ହୁଅନ୍ତା। ବିଶ୍ୱବ୍ୟାଙ୍କର ତଥ୍ୟାନୁସାରେ ଏବେ ଆମଦେଶରେ ୧୨ ପ୍ରତିଶତ ଏପରି ଅଛନ୍ତି ଯାହାଙ୍କର ଖାଦ୍ୟାଭାସ ଭିନ୍ନ। ପୁଷ୍ଟିକର କି ନୁହେଁ ତାହା ପରକଥା, ସେଥିରେ କିଛି ଅଖାଦ୍ୟ କୁଣ୍ଡାଶାଗ, ଟାକୁଆ ଯାଉ ପରି ଜିନିଷ ମଧ୍ୟ ଅଛି। ୨୦୧୫ମସିହାରେ ଗୋଟିଏ ଆନ୍ତର୍ଜାତୀୟ ସଂସ୍ଥା (Mixed Modified Mixed Reference Period - MMRP) ଏକ ସର୍ଭେ କରି ତଥ୍ୟ ରଖିଛନ୍ତି, ଯାହାକି ଚିନ୍ତାଜନକ। ବିଶେଷକରି ଏହା ଅନୁନ୍ନତ ପଛୁଆ ପହାଡି ଅଂଚଳ ଏବଂ ଅନୁସୁଚିତ ଜନଜାତି ମାନଙ୍କୁ ଅତ୍ୟଧିକ ପ୍ରଭାବିତ କରୁଛି। ସମନ୍ୱିତ ଶିଶୁ ବିକାଶ ଯୋଜନା (Integrated Child Development Services - ICDS) ଏବଂ ଜାତୀୟ ଗ୍ରାମିଣ ସ୍ୱାସ୍ଥ୍ୟ ମିଶନ (National Health Mission - NHM) ଆଦି ଏବେ ଭଲକାମ କରୁଛନ୍ତି, ତଥାପି ତାଙ୍କ ଅଗୋଚରରେ ନଗଡା ପରି ଅନେକ ଜାଗା ଏବେ ବି ରହିଯାଉଛି। ଯଦି ଖାଦ୍ୟ ଶସ୍ୟଗୁଡିକର ଦରଦାମ ଏମିତି ଆଗକୁ ସବୁଦିନ ପାଇଁ ରହେ, ତେବେ ଆମେ ଦେଶ ଏବଂ ରାଜ୍ୟରେ ଆଉରି ଅନେକ ଲୋକ ଏହି ଭୋକିଲା ଚିଠାରେ ଆପେ ଆପେ ଯୋଡି ହୋଇଯିବେ। ତେଣୁ ସରକାରଙ୍କ ପକ୍ଷରୁ ତୁରନ୍ତ କିଛି ପଦକ୍ଷେପ ଏବେ ନିଆଯିବା ଅନିବାର୍ଯ୍ୟ।

୨୦୧୭ମସିହାରେ ନୀତି ଆୟୋଗ ଜାତୀୟ ପୁଷ୍ଟିକରଣ ରଣନୀତି ମାଧ୍ୟମରେ ଲୋକମାନଙ୍କର ପୌଷ୍ଟିକ ଖାଦ୍ୟର ବିବରଣି ସଂଗ୍ରହ କରିବାକୁ ଆରମ୍ଭ କରି ଅନେକ ଆଶ୍ଚର୍ଯ୍ୟ ଜନକ ତଥ୍ୟ ଲୋକଲୋଚନକୁ ଆଣିଲେ। ଏହା ଅନେକ ଜାଗାରେ ଫଳପ୍ରଦ ହେବାରୁ ଶୁଶୁମୃତ୍ୟୁ ହାରରେ ମଧ ଫରକ ପଡିଲା। ଗର୍ଭବତୀ ମହିଳାମାନେ ଅନେକାଂଶରେ ଉପକୃତ ହେବାର ଦେଖାଗଲା। ଆଶା ଦିଦିମାନେ କେବଳ ମହିଳା ଏବଂ ଛୁଆ ମାନଙ୍କ ପାଇଁ କାର୍ଯ୍ୟ କରି ସେମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେଲେ। ଏବେ ଜତୀୟ ସ୍ତରରେ ୨୦୨୨ ମସିହା ଭିତରେ କୁପୋଷଣ ମୁକ୍ତ ଭାରତ (India free from malnutrition) ନିର୍ମାଣ କରିବା ଦିଗରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନ୍ୟାୟ (NYAYA) ଯୋଜନା ମାଧ୍ୟମରେ କେତେକ ବୁଦ୍ଧିଜୀବୀ ଆଶା କରୁଛନ୍ତି ଆମେ ଦେଶର ସମସ୍ତ ଜଣସାଧାରଣଙ୍କ ପାଇଁ ଖାଦ୍ୟ ସୁରକ୍ଷା ଦେବାକୁ ସମର୍ଥ ହେବା। ୨୦୨୨ ମସିହା ଆସି ସରିବାକୁ ମାତ୍ର ଦୁଇବର୍ଷ ସମୟ ବାକି ଅଛି। ଯଦିଓ ଅସମ୍ଭବ ବୋଲି କିଛି ନାହିଁ, ତଥାପି ଏ କରୋନା କାଳର ଅବ୍ୟବସ୍ଥା ଏବଂ ଗତିବିଧି ଦେଖିଲା ପରେ ସବୁରି ମନରେ ସନ୍ଦେହ ହେଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ୨୦୧୭ ମସିହା ନଭେମ୍ବର ୩୦ ତାରିଖରେ ଏକ ଜାତୀୟ ପୃଷ୍ଟିକରଣ ଲକ୍ଷ୍ୟ ନାଁ ରେ ନଅ ହଜାର ଛୟାଳିଶ କୋଟି ସତର ଲକ୍ଷ ଟଙ୍କାର ବଜେଟ ସଂରକ୍ଷିତ ରଖାଯାଇ କାମ ଲିଛି। ଗତବର୍ଷ ସୁଧା ତିନିଶହ ପନ୍ଦର ଜିଲ୍ଲାରେ ସୁଫଳ ଆସିଛି ବୋଲି ସରକାରଙ୍କ ତରଫରୁ ଦାବି କରାଯାଉଛି, ଯାହା ପ୍ରାୟ ଅର୍ଦ୍ଧାଧିକ। ବାକି ଅଧାକୁ ଟିକେ ମନ ଲଗେଇ ବାବୁମାନେ ପରିଶ୍ରମ କଲେ ସମ୍ଭବ ହୋଇପାରେ, ଯାହା ସମୟ କହିବ।

୨୦୧୩ମସିହା ସେପ୍ଟେମ୍ବର ମାସରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନି ପାରିତ ହୋଇଥିଲା। ଭାରତ ସରକାରଙ୍କ ପକ୍ଷରୁ ଏହା ଥିଲା ପ୍ରଥମ ବଡ ପଦକ୍ଷେପ। ଏହି ଆଇନିର ମହତ ଉଦ୍ଦେଶ୍ୟ ଥାଇ ମଧ୍ୟ ସବୁ ରାଜନୈତିକ ଦଳର ଶତ ପ୍ରତିଶତ ସହଯୋଗ ମିଳିଲାନି। କିଛି ପରିବାର ଯୋଗ୍ୟ ଥାଇ ମଧ୍ୟ ସେମାନଙ୍କୁ ଏହି ଆଇନିର ପରିସର ଭିତରେ ରଖି ଯଥୋଚିତ ସାହାଯ୍ୟ କରିବାରେ ଆମଦେଶର ପ୍ରଶାସନ ସମର୍ଥ ହେଲାନି, ତେଣୁ ସେମାନେ ପ୍ରକୃତ ସୁବିଧା ସୁଯୋଗରୁ ବଂଚିତ ହେବା ଫଳରେ ଆମଦେଶର ଭୋକିଲା ଏବଂ ପୃଷ୍ଟିହୀନତା ସୂଚକାଙ୍କ ଗୁଡିକ ପ୍ରଭାବିତ ହେବା ସ୍ୱାଭାବିକ୍ କଥା। ଏବେ ଆଜିର ବିଶ୍ୱ ମାନଚିତ୍ରରେ ଆମଭାରତକୁ ଗୋଟିଏ ଉନ୍ନତଦେଶ ବୋଲି ପ୍ରତିଷ୍ଠା କରିବା ପୂର୍ବରୁ ପ୍ରଥମେ ଭାରତର ପ୍ରତ୍ୟେକ ନାଗରିକଙ୍କୁ ଏହି ଖାଦ୍ୟ ସୁରକ୍ଷା ଆଇନିରେ ଅନ୍ତର୍ଭୁକ୍ତ କରି ସୁଷମ ଖାଦ୍ୟର ବିଶେଷ ଅଧିକାର ଦେବା ଅନିବାର୍ଯ୍ୟ। ଆମ ଦେଶରେ ନୀତି ନିୟମ ଯଥେଷ୍ଟ ଅଛି, କିନ୍ତୁ ଏହାକୁ ଲାଗୁକରିବାରେ ସେମିତି ଆନ୍ତରିକତା କିଛି ଦେଖାଯାଉନି। ଯାହାଫଳରେ ଭଲ ନିୟମଗୁଡିକର ସୁଫଳ ଆମକୁ ମିଳୁନି। ଆମ ଓଡିଶାର ଗରିବି ସୂଚୀରେ ଏବେ ୩୨.୫୯ଅଙ୍କ, ଯାହାକି ଭାରତ ସଂଦର୍ଭରେ ୨୧.୯୨। ବିହାରରେ ଏହି ସଂଖ୍ୟା ଆମଠାରୁ ଆଉରି ଖରାପ, ତାହା ୩୩.୭୪। ଏସବୁ ବିଷୟରେ ସତ୍ୟାସତ୍ୟ ଜାଣିବାକୁ ହେଲେ ନେତାମାନଙ୍କୁ ଗାଁକୁ ଯିବାକୁ ହେବ। ବଡବଡ ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଲୋକପରିକା ନୁହେଁ, ଜଣେ ସାଧାରଣ ଲୋକ ପରି ଜଣେ ଦୁଇଜଣଙ୍କୁ ସାଥିରେ ଧରି ସାଧାପୋଷାକରେ ଗଲେ ନିଛକ ସତର ଅଭାସ ମିଳିବ, ଯାହାକି ସେମାନଙ୍କୁ ନୀତି ନିର୍ଦ୍ଧାରଣ କରିବା ଦିଗରେ ସହାୟକ ହେବ। ଏମିତିରେ ସାଧାରଣ ଲୋକଙ୍କର ପ୍ରକୃତ ଅବସ୍ଥା ନଜାଣି ଷାଠିଏ ବର୍ଷ ପୁରିଲେ ପରେ ମାସିକ ପାଂଚଶହ ଟଙ୍କା ଭତ୍ତା ବାଂଟିଦେଲେ କ'ଣ ଲୋକମାନେ ଭୋକରୁ ମୁକ୍ତ ହୋଇପାରିବେ !

+ ଏଲ୍-୧୭/ ୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯, ମୋ- ୯୪୩୯୧୨୮୦୫୦





# ରଜନୀଙ୍କ ରାଜଧାନୀ ଗୁଗୁଲ୍

## ॥ ମରିନାହିଁ ମହାରଥୀ ସରିନାହିଁ ରାଜନୀତି ॥

ଏ କଳିଙ୍ଗ ଗଣନାଟ୍ୟର ନୂଆ ନାଟକର ନାଆଁ ନୁହେଁ, ପିପିଲିରେ ଯାହା ଚାଲିଛି ସେଇଆ ଲେଖୁଛୁ । ଆରେ ବାପ୍‌ରେ ମହାରଥୀଙ୍କ ଜୀବିତାବସ୍ଥାରେ ଯେତିକି ରାଜନୀତି ନଥିଲା, ଏବେ ମୃତ୍ୟୁ ପରର ରାଜନୀତି ମୁଣ୍ଡକୁ ଟିଣ କରିଦେଉଛି । ଖାସ୍ ଟିକେଟ ପାଇବା ପାଇଁ ମ୍ୟାଡାମ୍ ମହାରଥୀଙ୍କୁ ଆମେ ଜାଣିଛୁ । ଜଣେ ଅଧ୍ୟାପିକା ଭାବରେ ନୁହେଁ ଜଣେ ସୁଲେଖିକା, ସୁବକ୍ତା ଭାବରେ ମ୍ୟାଡାମ୍ ମହାରଥୀ ବେଶ୍ ଜଣାଶୁଣା । ମହାରଥୀଙ୍କ କିନ୍ୟା ବି ଚର୍ଚ୍ଚାରେ ଥିଲେ ତାଙ୍କ ଅଭିନେତା ପତିଙ୍କୁ ନେଇ । ହେଲେ ମହାରଥୀ ନନ୍ଦନଙ୍କ ବିଷୟରେ ଆମେମାନେ ଜାଣିନଥିଲୁ, ନିର୍ବାଚନମଣ୍ଡଳୀ ଲୋକଙ୍କୁ ଜଣାଥିବ । ହେଲେ ସମ୍ଭାବ୍ୟ ଟିକେଟ୍‌କୁ ନେଇ ମହାରଥୀ ପରିବାର ଭିତରେ ମା' ପୁଅଙ୍କ ରାଜନୀତି ଜୋର୍ ଧରିଛି । କେହି କେହି କହୁଛନ୍ତି ଟିକେଟ୍ ହାତେଇବା ପାଇଁ ଏଇଟା ଫ୍ୟାମିଲି ପଲିଟିକ୍ସ । ତେବେ ସେ ଯାହା ହେଉ ସମସ୍ତଙ୍କର ନଜର ଶଂଖପତିଙ୍କ ଉପରେ ।

## ॥ ବୁନୁଭାଇଙ୍କ ମଉନ ବ୍ରତ ॥

ତିଥି ନକ୍ଷତ୍ର ଦେଖି ବାବାଜୀ ମାତାଜୀମାନେ ମଉନବ୍ରତ ପାଳନ କରନ୍ତି । ଆମେ କିନ୍ତୁ ଚଳନ୍ତି ବାବାଜୀ ବ୍ରହ୍ମଚାରୀ ବୁନୁଭାଇଙ୍କ କଥା କହୁଛୁ । ଆଜିକାଲି ବୁନୁଭାଇଙ୍କ ନିରବତା ଦେଖିଲେ ଜଣାପଡୁଛି, ଭାଇ ଏବେ ମଉନବ୍ରତ କରିଛନ୍ତି । ଦିନ ଥିଲା ଷ୍ଟେଟ୍ କ୍ୟାପିଟେଲର ମେୟର ପଦ ଅଳଂକୃତ କରିଥିଲେ । ଟୋକାଟାକାଳିଆ କର୍ମୀଗୁଡ଼ାକ ବୁନୁଭାଇଙ୍କ ପାର୍ଟିରୁ 'ଧ' ଶୁଣିଲେ ଧରି ପକାଉ ଥିଲେ । ଯୁଆଡ଼େ ଯାଉଥିଲେ ଗାଡ଼ିମାନଙ୍କର ଲମ୍ବାଧାଡ଼ି ପଛରେ ଲାଗି ଯାଉଥିଲା । ତିନି ତିନୋଟି ବିଧାନ ସଭା ତାଙ୍କ ଅଣ୍ଡର୍‌ରେ । ଏବେ କିନ୍ତୁ ଦୃଶ୍ୟପଟ ନିଆରା । ମେୟର ପଦବୀ ଗଲା ପରେ ବିଧାୟକ ଆସନ ହାତେଇଲା ପରେ ଆଉ ପୂର୍ବରୁ ସେ କାଟ୍‌ତି ନାହିଁ । ଜିଦ୍ କରି ସିନା ବିଧାୟକ ଆସନ ନେଲେ । ଭାବିଥିଲେ ନାଲିବତୀ ମିଳିବ । ହେଲେ ସେମିତି କିଛି ଘଟିଲା ନାହିଁ । ଏବେ ବୁନୁଭାଇ ଖାଲି ଭାବୁଛନ୍ତି । ଅନ୍ତରବେଦନା କାହା ଆଗେ ବଖାଣିବେ ।

## ॥ କୁଳପତି ଚୟନ ପ୍ରକ୍ରିୟା ॥

ମହାମହିମ ରାଜ୍ୟପାଳ ହେଉଛନ୍ତି ବିଶ୍ୱବିଦ୍ୟାଳୟ ମାନଙ୍କର କୁଳାଧିପତି । ଏହା ଏକ ସାମ୍ବିଧାନିକ ପଦବୀ । ଓଡ଼ିଶାର ସୌଭାଗ୍ୟ ଜଣେ ବାଗ୍ମୀ ପଣ୍ଡିତଙ୍କୁ ରାଜ୍ୟପାଳ ଭାବରେ ପାଇଛି । ତେବେ କୁଳପତି ନିଯୁକ୍ତିରେ ମାନ୍ୟବର କୁଳାଧିପତି ଯେଉଁ ପ୍ରକ୍ରିୟାର ଆୟଭାରମ୍ଭ କଲେ ତାହା ବୁଦ୍ଧିଜୀବୀ ମାନଙ୍କୁ ଆଘାତ ଦେଇଛି । ସାଧାରଣତଃ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କିଛି ପ୍ରଫେସର ମାନଙ୍କୁ ଏହି ପଦବୀ ଅଳଙ୍କୃତ କରିଥିବାର ସୁଯୋଗ ମିଳିଥାଏ । କିନ୍ତୁ ନିକଟରେ ମହାମହିମ କୁଳାଧିପତି କୁଳପତି ଚୟନ ନିମନ୍ତେ ଏକ ଲିଖିତ ପରୀକ୍ଷା ନିଜ ତତ୍ତ୍ୱାବିଧାନରେ ଅନୁଷ୍ଠିତ କରାଇଲେ ଯାହାକି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଅବଶ୍ୟ ଏହା କୁଳାଧିପତିଙ୍କ କ୍ଷମତାର ଅନ୍ତର୍ଭୁକ୍ତ । ଏଥିରେ କେହି ପ୍ରଶ୍ନ ଉଠାଇବା ସମୀଚିନ ନୁହେଁ ।

# ବିଭକ୍ତ ଭାରତ

ଧର୍ମୀୟ ଉନ୍ମାଦନାରେ ଭାରତବର୍ଷ ବିଖଣ୍ଡିତ ହେଲାବେଳେ ସଂକଟରେ ପଡିଥିଲା ଯେଉଁ ସ୍ନେହ, ସମ୍ପର୍କ ଓ ବିଶ୍ୱାସ, ସେଇସବୁ ଜୀବନ୍ତ ଦଲିଲ୍‌ର କଳ୍ପରୂପ.. ଗଳ୍ପଗୁଚ୍ଛ...ଦୀପକଙ୍କ ନିଜସ୍ୱ ଶୈଳୀରେ... ପ୍ରତି ସଂଖ୍ୟାରେ ।



୨୪



ଦୀପକ ରଂଜନ ମିଶ୍ର

## ॥ ପୁନଶ୍ଚ ବିଚ୍ଛେଦ ॥



ଗୁର୍‌ଦିଆଲ୍ ସିଂହ (୧୯୩୩-୨୦୧୬)

ରେଡ୍‌କ୍ଲିଫ୍ ପାଚେରୀ ଉଠେଇ ଦିଅନ୍ତି ମାନଚିତ୍ରରେ ଗାର ଟାଣି । ଖଣ୍ଡିତ ହୋଇଯାଏ ମାଟି । ରାତି ପାହିଲା ବେଳକୁ ରକ୍ତବର୍ଣ୍ଣା ସାଜେ ଧରିତ୍ରୀ ମାତାର ପଣତ । ତଥାପି ମଣିଷ ପଣିଆଁ ମରେନି । କେଉଁଠି ନା କେଉଁଠି ମାନବତାର ବିଜୟ ଜୈତ୍ରୀ ଅତି ଅଳ୍ପ ଉଚ୍ଚରେ ହେଲେ ମଧ୍ୟ ଉଡୁଥାଏ ଫରଫର ହୋଇ । ସେ ବିଜୟ କେତନ ଆଜି ବି ଉଡୁଛି । ବାରମ୍ବାର ସୂଚେଇ ଦେବାର ପ୍ରୟାସ କରୁଛି ସବୁର ଉପରେ ମଣିଷ ବୋଲି । ପଞ୍ଜାବୀ ଭାଷାର ପ୍ରଖ୍ୟାତ ଗାଳ୍ପିକ ଗୁର୍‌ଦିଆଲ୍ ସିଂହ ସେଇଭଳି ଉଦ୍ୟମର ଶବ୍ଦଚିତ୍ରଟିଏ ଉତ୍ତୋଳନ କରିବାକୁ ଚେଷ୍ଟା କରିଛନ୍ତି ଆପଣା ଲେଖନୀ ରୂପୀ କେମେରା ମାଧ୍ୟମରେ ......

ପିଲାମାନେ ଠେଙ୍ଗା, ଦା', ପଥର ଇତ୍ୟାଦି ଧରି ନିର୍ଭୟରେ ସାରାରାତି ମେଳାରେ ଚକ୍‌କର କାଟିଲା ଭଳି ଜଗିଥାନ୍ତି ଗାଁକୁ । କାହା ଘରେ କି ବିଲରେ ନିଆଁ ଜଳାହେବାର ଆଭାସ ପାଇଲେ ସେମାନେ ତତ୍‌କ୍ଷଣାତ୍ ସେଠି ପହଞ୍ଚି ଯାଉଥାନ୍ତି । ଗତ ତିନିଦିନ ଭିତରେ ପଞ୍ଚାୟତ ତରଫରୁ ନ'ଜଣଙ୍କ ପାଖରୁ ପଚାଶ ଟଙ୍କା ଲେଖା ଫାଇନ୍ ଆଦାୟ ସରିଥାଏ । ହାଡ଼ଥରା ଶୀତ, କାଲୁଆ ପବନ କିମ୍ବା ରାତିରେ ନିଆଁ ନଜଳାଇବାର ସରକାରଙ୍କ ତରଫରୁ ଆଦେଶ ସେଇ ପହରା ଦେଉଥିବା ପିଲାଙ୍କ ଉତ୍ସାହକୁ ତିଳେ ମାତ୍ର କମ୍ କରି ପାରି ନଥାଏ । ସେମାନେ କେନାଲ୍‌ର ବଡ଼ ପୋଲ ଉପରକୁ ଉଠି ଗୁଳି ଫୁଟିବାର ଶବ୍ଦ ଶୁଣୁଥାନ୍ତି । ବନ୍ଧୁକରୁ ନିର୍ଗତ ଅଗ୍ନିକଣା ତାଙ୍କ ମନରେ ଦୀପାବଳିର ଭ୍ରମ ସୃଷ୍ଟି କରୁଥାଏ । ଶୀତରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ବେଳେ ବେଳେ ସେମାନେ ଧାଉଁଥାନ୍ତି ଗାଁର ଉତ୍ତର ମୁଣ୍ଡକୁ । ଗୁଡ଼ ଓ ନଡ଼ିଆ ଖଣ୍ଡ ପାଟିରେ ପକାଉଥାନ୍ତି ପକେଟ୍‌ରୁ କାଢ଼ି । ଦିନେ ରାତି ବାରଟା ବେଳକୁ ଦୁଇଟି ଉଡ଼ାଜାହାଜ ପଶ୍ଚିମ ପଟୁ ପୂର୍ବଦିଗକୁ ଅତି ଅଳ୍ପ ଉଚ୍ଚତାରେ ଉଡ଼ି ଆସୁଥିବା ସେମାନଙ୍କ ନଜରରେ ପଡ଼େ । ପାଞ୍ଚ ମିନିଟ୍ ମଧ୍ୟରେ ସେ ଦୁହେଁ ପୁଣି ଫେରିଯାଆନ୍ତି ପଶ୍ଚିମାଭିମୁଖୀ ହୋଇ । କେନାଲ କୂଳରେ ପହରା ଦେଉଥିବା ପିଲାମାନେ ଧାଇଁ ଧାଇଁ ତୋଟା ପାଖରେ ପହଞ୍ଚି ଯାଆନ୍ତି । ଆଖୁ କିଆରୀରେ ପାଣି ମଡ଼ାଉଥିବା ନରେନ୍ ଚିତ୍କାର କରି ତାଙ୍କୁ ସେଆଡ଼କୁ ଯିବାରୁ ବାରଣ କରେ । ପାଖକୁ ଆସି ଆସ୍ତେ କରି କହେ, "ଦୁଇଟି ଉଡ଼ାଜାହାଜରୁ ଏବେ ଏବେ କିଛି ପାରାଚୁଟ୍‌ଧାରୀ ଓହ୍ଲେଇଛନ୍ତି ସେଇ ପାଖରେ ।" ପିଲାଏ ତାକୁ ଘେରିଯାଇ ଉତ୍ସୁକତାର ସହ ପଚାରନ୍ତି ସେ ତା' ନିଜ ଆଖିରେ ସେମାନଙ୍କୁ ଓହ୍ଲେଇଥିବା ଦେଖିଛି କି ବୋଲି । "ହଁ ହଁ ଦୁଇଟି ଜାହାଜ ଏଇ ବାଟ ଦେଇ ଗଲେ ମୋ ଆଖି ସାମ୍ନାରେ । ତୁମେସବୁ ଭାବୁଛ ମୁଁ ମିଛ କହୁଛି ? ମୋ କଥାରେ ବିଶ୍ୱାସ ହେଉନି ତେବେ ଗୋଟେ କାମକର । ମୁଁ ଏଇଠି ଜଗି ରହୁଛି । ତୁମେ ଯାଇ ଗାଁରୁ କିଛି ଲୋକଙ୍କୁ ଡାକିଆଣ । ହଁ ସରପଞ୍ଚଙ୍କୁ କହିବ ସେ ପୋଲିସ୍ ଷ୍ଟେସନ୍‌ରେ ଖବର ପହଞ୍ଚାଇବାର ବ୍ୟବସ୍ଥା କରିବେ ।" ପିଲାମାନେ ହୋ ହୋ ହୋଇ ହସନ୍ତି । ସେମାନଙ୍କୁ ଭୟଭୀତ କରେଇବା ଉଦ୍ଦେଶ୍ୟରେ ନରେନ୍ ଏମିତି ମନଗଢ଼ା କଥା କହୁଥିବ ନିଶ୍ଚିତ । ଯା'ର କୁହାଳିଆ ଗୁଣ କାହାକୁ ବା ଅଛପା ଅଛି ଗାଁରେ ଯେ । "ଚାଚା, ତୁମେ ଠାକୁରଙ୍କ ରାଣ ପକାଇ କହି ପାରିବ ସେମାନଙ୍କୁ ନିଜ ଆଖିରେ ଦେଖିଛ ବୋଲି ?" କାଳିଆ ଗମାତ କରେ । "ମୁଁ ରାଣ କାହିଁକି ପକାଇବି ? ଗାଈ ମାରିଛି କି ?" ନରେନ୍ ବିରକ୍ତ ହୋଇ କହେ, "ତୁମେ ଏମିତି ବ୍ୟବହାର କରୁଛ ସତେ ଯେମିତି ମୁଁ ପାକିସ୍ଥାନୀ ଗୁପ୍ତଚର ! ମୋ କଥାକୁ ଅବିଶ୍ୱାସ କରୁଛ ଯଦି ତେବେ କରିପାର । ମୋର ସେଥିକୁ ଖାତିର୍ ନାହିଁ । ସେମାନେ ବନ୍ଧ ଭାଙ୍ଗିବେ ଯଦି ଭାଙ୍ଗନ୍ତୁ । ତୁମେ ଗଲେ ଯାଅ ନହେଲେ ନାଇଁ । ଯେତେବେଳେ ଗାଁରେ ଆସି ଗ୍ରେନେଡ୍ ମାଡ଼ ହେବ ସେତେବେଳକୁ ମୋ କଥା ହେତେଇବ ।" ନରେନ୍ କଥାରେ କିଛିଟା ସତ୍ୟତା ଥିବା ସମସ୍ତେ ଅନୁଭବ କରନ୍ତି । କିଛି ଯାଆନ୍ତି ଗାଁରେ ଖବର ଦେବାକୁ । ଅଧଘଣ୍ଟାଏ ଭିତରେ ଗାଁର କିଛି ବୟସ୍କ ଲୋକ ତିନିଜଣ ଗ୍ରାମରକ୍ଷୀଙ୍କ ସହ ଆସି ସେଇ ତୋଟାକୁ ଚାରିପଟୁ ଘେରି ଯାଆନ୍ତି । ଦଶ ପନ୍ଦରଜଣ ପୁଣି ଆସି ତାଙ୍କ ସହ ଯୋଗ ଦିଅନ୍ତି । ସରପଞ୍ଚ ଓ ନମ୍ବରଦାର ନରେନ୍‌କୁ ପଚରା ଉଚୁରା କରି ଲୋକ ପଠାନ୍ତି ପୋଲିସ୍ ଷ୍ଟେସନ୍‌କୁ । କେନାଲ ଉପରମୁଣ୍ଡରେ ଥିବା ବନ୍ଧଟି ଭାଙ୍ଗିଯାଇଥିବା ଭଳି ହୋ ହଲ୍ଲା ସାରା ଗାଁରେ । ଘରେ ଘରେ ଗୋଟେ ହିଁ ଆଲୋଚନା ସେଇ ପାରାଚୁଟ୍‌ଧାରୀଙ୍କ ବିଷୟରେ ।

ଭୋର, କୁକୁଡ଼ା ଡକା ବେଳକୁ କୁହାଳିଆ ନରେନ୍‌ର ଅଧା କଥା ସତ ବୋଲି ଜଣାପଡ଼ିଯାଏ । ତୋଟା ଭିତରୁ ନହେଲେ ବି କେନାଲ କୂଳରୁ ଗୋଟେ ପାରାଚୁଟ୍ ଧାରୀ ଧରାପଡ଼େ । ପିଲାମାନେ ତା' ହାତ ଦୁଇଟିକୁ ପଛପଟେ ଶକ୍ତଭାବେ ବାନ୍ଧି ଗାଁର ଢାବା ନିକଟକୁ ନେଇଆସନ୍ତି । ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ଗୋଟେ ଛୋଟ କୋଠରୀ ଭିତରେ ବନ୍ଦ କରି ରଖାହୁଏ ତାକୁ । ବହୁଲୋକ ରୁଣ୍ଡ ହୋଇଯାଆନ୍ତି ସେଇ ପାକିସ୍ଥାନୀଟିକୁ ଦେଖିବା ଉଦ୍ଦେଶ୍ୟରେ । ସକାଳୁ ଗାଧେଇ ପାଧେଇ ବାବା ଗୁରୁମୁଖ୍ ସିଂହ ଜପ୍‌ଜୀ ପାଠ କରି କରି ଗୁରୁଦ୍ୱାରା ଆଡ଼କୁ ଗଲାବେଳେ ବାଟରେ ଏତେ ସକାଳଟାରେ ଭିଡ଼ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି । କାନକୁ ସେତେଟା ଶୁଭୁ ନଥିବାରୁ ଏଇ ସବୁ ବିଷୟରେ କିଛି ହିଁ ଜଣା ନଥାଏ ତାଙ୍କୁ । ଠିଆ ହୋଇଥିବା ବସନ୍ତ ଭିଣ୍ଡେର୍‌ର କାନ୍ଧକୁ ହଲାଇ ସେଠି କ'ଣ ହେଉଛି ବୋଲି ପଚାରନ୍ତି । ବସନ୍ତ ତା' ମୁହଁଟି ବାବାଙ୍କ କାନ ପାଖକୁ ଆଣି ଜୋର୍‌ରେ କୁହେ, "ପାକିସ୍ଥାନୀ ଗୁପ୍ତଚର ଗୋଟେ ଧରା ପଡ଼ିଛି ଚାଚା ।" ଖବରଟି ଶୁଣି ଖୁସି ହେବା ପରିବର୍ତ୍ତେ ଚିନ୍ତିତ ହୋଇ ବାବା କହନ୍ତି, "କ'ଣ ପାଇଁ ଏଠିକୁ ଆସିଛି, ବୋକା କୋଉଠିକାର ।" ବସନ୍ତ ଜୋର ଦେଇ କହେ, "ବନ୍ଧ ଭାଙ୍ଗି ସାରା ଗାଁକୁ ଭସେଇବା ଉଦ୍ଦେଶ୍ୟରେ ଆଉ ନହେଲେ କ'ଣ ?" ବାବା ଗୁରୁମୁଖ୍ ଆଉ କିଛି ନକହି ଆଗେଇ ଯାଆନ୍ତି ଗୁରୁଦ୍ୱାରା ଆଡ଼କୁ । ହେଲେ ସେଦିନ ପ୍ରାର୍ଥନା ତଥା ଅର୍‌ଦାସ ବେଳେ ସେ ଭାରି ଅନ୍ୟମନସ୍କ ରହନ୍ତି । ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରି ଫେରିବା ବେଳେ ଢାବା ପାଖରେ ପୁଣି ଗୋଡ଼ ଅଟକିଯାଏ ତାଙ୍କର । ଏତିକିବେଳକୁ ଭିଡ଼ ଆହୁରି ବଢ଼ି ଯାଇଥାଏ । ସତେ ଯେମିତି ସାରା ଗାଁ ଆସି ଉପସ୍ଥିତ ଗୁପ୍ତଚରଟିକୁ ଦେଖିବା ପାଇଁ । "ଆଚ୍ଛା, କିଏ ସେଇ ଲୋକ ଦେଖି" କହି ବାବା ବାରଣ୍ଡା ଉପରକୁ ଉଠି ଯାଆନ୍ତି । ଉପସ୍ଥିତ ଲୋକେ ବାବାଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ଅଳ୍ପ ଘୁଞ୍ଚିଯାଆନ୍ତି । ଲୋକଟି ତଳେ ବସିଥାଏ ଦୁଇ ଆଣ୍ଠୁ ସନ୍ଧିରେ ମୁଣ୍ଡ ଜାକି । ଅତିଶୟ ଥଣ୍ଡା ଯୋଗୁଁ ତା' ଶରୀର ନୀଳ ପଡ଼ିଯାଇଥାଏ । ଆର୍ମୀ କୁର୍ତ୍ତା ଓ ଜର୍ସୀ ସ୍ଥାନେ ସ୍ଥାନେ ଛିଣ୍ଡିଯାଇଥାଏ ଯେମିତି ତାକୁ କଣ୍ଟାବୁଦା ଭିତର ଦେଇ ଘୋଷଡ଼ା ହୋଇଛି । ବାବା ନଇଁପଡ଼ି ତା'କୁ ଭଲକରି ଚାହିଁ ଧୀର କଣ୍ଠରେ କହନ୍ତି, "ଲୋକଟି ଆମ ଗାଁ ଘୁଲ୍ଲା ତେଲି ଭଳି ଦେଖାଯାଉଛି ।" ବାବାଙ୍କ କଥା ଶୁଣି ଗୁପ୍ତଚରଟି ମୁଣ୍ଡ ଉପରକୁ ଉଠାଇ ତାଙ୍କୁ ଚାହିଁ ହସିବା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ବାବାଙ୍କୁ ସିଧାସଳଖ ଚାହିଁ ସେ ବଡ଼ପାଟିରେ କହେ, "ଚାଚା ଗୁରୁମୁଖ୍ ସିଂହ ! ସଲାମ୍ ୱାଲେକୁମ୍ ! ସତ୍ ଶ୍ରୀ ଅକାଲ୍ !" ସମସ୍ତେ ଅବାକ୍ ହୋଇ ଚାହିଁ ରହିଥାନ୍ତି । ବାବା ଆଉ ଟିକିଏ ତା ପାଖକୁ ଘୁଞ୍ଚିଯାଇ ପଚାରନ୍ତି, "ଓୟେ ପୁତ୍ତର୍ ! ତୁ ଘୁଲ୍ଲାର ବେଟା ଇଲ୍ମା କିରେ ?" ସେ ସ୍ମିତ ହସ ସହ ଆଖି ମିଟିମିଟି କରି ସମ୍ମତି ପ୍ରକାଶ କରେ । ବାବା ଇଲ୍ମା କାନ୍ଧରେ ହାତରଖି ତା' ସାମ୍ନାରେ ବସିପଡ଼ନ୍ତି । କହିବାକୁ ଶବ୍ଦର ଘୋର ଅଭାବ ଅନୁଭବ କରୁଥାନ୍ତି ବାବା । ତାଙ୍କୁ କେବଳ ଆଉଁଶି ଚାଲନ୍ତି ସତେ ଯେପରି ଗତ ଯୁଦ୍ଧବେଳେ ଶହୀଦ ହୋଇଯାଇଥିବା ତାଙ୍କ ପୁଅ 'ନିଧିନା' ଘରକୁ ଫେରି ଆସିଛି ।

ଭିଡ଼ ଭିତରୁ ଜଣେ ଅତି ଉଦାସ ମନରେ ଆଗେଇ ଆସି ଇଲ୍ମାର ବନ୍ଧା ହୋଇଥିବା ହାତଯୋଡ଼ିକୁ ଖୋଲିଦେଇ କହେ, "ତୁ ଟିକେ ବି ବଦଳିନୁବେ ବଦ୍‌ମାସ୍ । ପୂର୍ବଭଳି ଏବେ ବି ଆମକୁ ଭୁଆଁ ବୁଲାଉଛୁ । ଅଧାଦିନ ଚାଲିଗଲାଣି ତୁ ଆପଣା ପରିଚୟ ନଦେଇ ମୁହଁ ଜାକି ବସିରହିଛୁ ? ବାଳୁଙ୍ଗା କୋଉଠିକାର !" ଇୟେ ଧନ ମନ୍ନୀର ବଡ଼ପୁଅ ଜିନ୍ଦର୍ । ସେ ଆଉ ଇଲ୍ମା ଘନିଷ୍ଠ ବନ୍ଧୁ ଥିଲେ ପିଲାଦିନେ । ଦୁହେଁ ଦ୍ୱିତୀୟ ଶ୍ରେଣୀ ଯାଏଁ ପଢ଼ିଛନ୍ତି ସାଙ୍ଗରେ । ସାଥୀ ହୋଇ ଗାଈ ଚରେଇଛନ୍ତି, କେତେ ଗଛ ଚଢ଼ିଛନ୍ତି, ଥଟ୍ଟାମଜା କରିଛନ୍ତି । ଜିନ୍ଦର୍‌କୁ ଚିହ୍ନିଲା ପରେ ଇଲ୍ମା ଡେଇଁପଡ଼ି ତାକୁ କୁଣ୍ଢାଇ ପକାଏ ଛଳ ଛଳ ଆଖିରେ । କହେ, "ଶଃଳା, ତୁ ଏତେସମୟ ହେଲା ଏଠି ଅନ୍ୟ ଗ୍ରହର ଲୋକ ଭଳି ଠିଆ ହୋଇଛୁବେ । ହେ ପ୍ରଭୁ, ମୋତେ କ୍ଷମା କର... ମୋତେ କ୍ଷମା କର ।" ସେଠି ଉପସ୍ଥିତ ଲୋକେ ଅବାକ୍ ହୋଇ ଚାହିଁ ରହିଥାନ୍ତି । କିଛିକ୍ଷଣ ପୂର୍ବେ ଯିଏ ଶତ୍ରୁ ଥିଲା, ପଡ଼ୋଶୀ ଦେଶର ଗୁପ୍ତଚର ଥିଲା, ସିଏ ଏବେ କାନ୍ଦୁଛି ଜିନ୍ଦର୍‌କୁ ଖୁବ୍ ଜୋର୍‌ରେ ଭିଡ଼ିଧରି । ବାବା ଗୁରୁମୁଖ୍ ବି ନିଜକୁ ସମ୍ଭାଳି ପାରନ୍ତିନି । ଆପଣା ଆଖିରୁ ଲୁହ ପୋଛିବା ସହ ଇଲ୍ମାର ପିଠିକୁ ଆଉଁଶି ପକାଇ କହନ୍ତି, "ଆଜି ଖୁବ୍ ସୌଭାଗ୍ୟର ଦିନ ଯେ ଆମେ ତୋତେ ଭେଟିଲୁ । ବିଶ୍ୱନିୟନ୍ତାଙ୍କ ଯୋଜନା ବି ଚମତ୍କାର । ଈଶ୍ୱର ପ୍ରକୃତରେ ମହାନ୍ !" ପହରା ଦେଉଥିବା ପିଲାମାନେ ଯେଉଁ ଖଟରେ ପୂର୍ବେ ବସିଥିଲେ ସେଇ ଖଟରେ ଇଲ୍ମାକୁ ନେଇ ବସେଇଦିଏ ଜିନ୍ଦର୍ । ବାବା ସେଇ ପାଖରେ ପଡ଼ିଥିବା ଆଉ ଗୋଟିଏ ଖଟରେ ବସନ୍ତି । ସଭିଏଁ ଏଇ ତିନିଜଣଙ୍କୁ ବଲବଲ କରି ଚାହିଁ ରହିଥାନ୍ତି । ଯେମିତି ତିନିହେଁ ଅଚିହ୍ନାଲୋକ । ଜିନ୍ଦର୍ ଏଣୁ ତେଣୁ ଗୁଡ଼ାଏ ଗପେ ତା ବନ୍ଧୁସହ । ତାଙ୍କ ବ୍ୟବହାର ଦେଖିଲେ ଲାଗେ ସତେ ଯେମିତି ଦୁହେଁ ଗୋଟେ ମାଁ ପେଟରୁ ଜନ୍ମିତ ଭାଇ । ଢେରଦିନ ପରେ ପରସ୍ପରକୁ ଭେଟୁଛନ୍ତି । ଘୁଲ୍ଲା ତେଲୀର ପୁଅ ଗାଁକୁ ଫେରିଥିବା କଥା, ଜଙ୍ଗଲର ନିଆଁ ଭଳି କ୍ଷଣକେ ସାରା ଗାଁରେ ପ୍ରଚାରିତ ହୋଇଯାଏ । ସେ ପାରାଚୁଟ୍‌ଧାରୀ ବିଦେଶୀ ଗୁପ୍ତଚର ନୁହେଁ ହୋ, ଆମ ଗାଁ ପିଲା । ସୀମା ପାଖେ ଯୁଦ୍ଧ କରୁ କରୁ ଲୁଚି ଏପଟକୁ ଚାଲିଆସିବାରେ ସଫଳ ହୋଇଛି । ବିଚରା ସ୍ୱେଚ୍ଛାରେ ଆସି ପହରା ଦେଉଥିବା ପିଲାଙ୍କ ପାଖରେ ଆତ୍ମସମର୍ପଣ କରି ମୋତେ ବାନ୍ଧ ବୋଲି ଅନୁରୋଧ କରିଛି । ଗାଁର ବୟସ୍କ ଲୋକେ ଘୁଲ୍ଲା ତେଲୀର ପୁଅ ଇଲ୍ମାକୁ ଦେଖିବାକୁ ଆସନ୍ତି । ଜିନ୍ଦର୍ ଭଳି ତା'ର ଅନ୍ୟ ଘନିଷ୍ଠ ବନ୍ଧୁମାନେ ତାକୁ ଆସି କୁଣ୍ଢେଇ ପକାନ୍ତି । ପୁରୁଣା ଦିନକୁ ସ୍ମରଣ କରି ନିକଟ ସମ୍ବନ୍ଧୀୟଙ୍କ ବିଷୟରେ ପଚାରନ୍ତି । ଯେଉଁ ହତଭାଗା ବନ୍ଧୁମାନେ ଭାରତ ପାକିସ୍ଥାନ ନିର୍ମାଣ ବେଳେ ହଣା ହୋଇଛନ୍ତି ସେମାନଙ୍କ କଥା ମନେ ପକାଇ ଆଖିରୁ ଲୁହ ପୋଛନ୍ତି ।

ଅପରାହ୍ଣ ବେଳକୁ ପୋଲିସ୍‌କୁ ସାଥୀରେ ନେଇ ସରପଞ୍ଚ ଓ ନମ୍ବରଦାର ଆସି ପହଞ୍ଚନ୍ତି ଗାଁରେ । ସେମାନେ ବି ଏଇ ପରିବର୍ତ୍ତିତ ପରିସ୍ଥିତି ଦେଖି ଅବାକ୍ । ଗାଁଲୋକେ ପୋଲିସ୍ ଅଫିସରଙ୍କୁ କେତେ ହାରି ଗୁହାରି କରନ୍ତି ଗାଁର ପୁଅ ଇଲ୍ମାକୁ ଛାଡ଼ିଦେବା ପାଇଁ । ହେଲେ ଅଫିସର ବି ତ ନିୟମରେ ବନ୍ଧା ଜଣେ ମଣିଷ । ଆଖିରୁ ଲୁହ ବୋହି ଯାଉଥିଲେ ବି ସିଏ ଆପଣା ଅପାରଗତା ପ୍ରକାଶ କରିବାକୁ ବାଧ୍ୟ । ଆଇନତଃ କାର୍ଯ୍ୟାନୁଷ୍ଠାନ ନିହାତି ଗ୍ରହଣ କରିବାକୁ ହେବ । ଅନ୍ତିମ ନିଷ୍ପତ୍ତି କୋର୍ଟ ହାତରେ । ଇଲ୍ମାର ଓଠରେ ଧାରେ ହସ ଖେଳିବା ସହ ପୂର୍ବ ଅପେକ୍ଷା ତାର ଆଖି ଖୁବ୍ ଉଜ୍ଜ୍ୱଳ ଦେଖାଯାଏ । ସେ ଆନନ୍ଦମନରେ ପୋଲିସ୍ ଅଫିସରଙ୍କୁ କହେ, "ସରଦାର୍‌ଜୀ, ମୋର ଗୋଟେ ଅନୁରୋଧ ରକ୍ଷା କରିବେ । ମୋତେ ସେଇ ନାଳ କଡ଼େ କଡ଼େ ନେଇଯିବେ ଯେଉଁଠି ଜିନ୍ଦର୍ ଭାଇ ଆଖୁଚାଷ କରିଛି । ମୋର କିଛି ବାଲ୍ୟବନ୍ଧୁଙ୍କୁ ବି ମୋ ସହ ପୋଲିସ୍ ଷ୍ଟେସନ୍ ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଅନ୍ତୁ । ମୁଁ ଖୁବ୍ ଅନୁଗୃହୀତ ରହିବି.... ଆମେ ଆମ ହୃଦୟର କଥାଗୁଡ଼ିକୁ ଏତେବେଳ ଯାଏ ପରସ୍ପରକୁ କହି ପାରିନୁ ପରା ।" ହଠାତ୍ କିଛି ମନେ ପଡ଼ିଗଲା ଭଳି ବାବା ଠିଆହୋଇ ପଡ଼ି ଇଲ୍ମା ପାଖକୁ ଆସି କହନ୍ତି, "ଓୟେ ପୁତ୍ତର୍, ମୋତେ କହ, ତୋ ବାପା କେମିତି ଅଛି ? ତୋ ମା'ର ଦେହ ଭଲ ରହୁଛି ନା ଆଜିକାଲି ? ପୂର୍ବେ ସେ ଖୁବ୍ ରୋଗିଣା ଥିଲାରେ । ତୋ ସାନ ଭଉଣୀ, ତୋ ବଡ଼ଭାଇ, ସମସ୍ତେ ଠିକ୍‌ଠାକ୍ ଅଛନ୍ତି ତ ?"

ତା' ପରିବାର ଲୋକେ ସମସ୍ତେ ସୁସ୍ଥ ତଥା ଖୁସିରେ ଅଛନ୍ତି ବୋଲି ଇଲ୍ମା ମିଛରେ କହେ । ଅତୀତର କ୍ଷତକୁ ଉଖାରିବାକୁ ତା'ର ଇଚ୍ଛା ନଥାଏ ଏଇୟା କହି ଯେ, ତା'ବାପା ଓ ବଡ଼ଭାଇ ଦଙ୍ଗାକାରୀଙ୍କ ଦ୍ୱାରା ଟ୍ରେନ୍ ଭିତରେ ହଣା ହୋଇଥିଲେ ସୀମାରେଖା ପାରି ହେବାର ଦୁଇ କିଲୋମିଟର ପୂର୍ବରୁ । ଭଉଣୀ ଆପଣା ଇଜ୍ଜତ୍ ବଞ୍ଚାଇବାକୁ ଯାଇ ପ୍ରାଣ ବିକଳରେ ଚଳନ୍ତା ଟ୍ରେନ୍‌ରୁ ନଦୀଗର୍ଭକୁ ଡେଇଁ ପଡ଼ିଥିଲା । ଆଉ ଚାରିବର୍ଷ ପୂର୍ବେ ଶ୍ୱାସରୋଗରେ ପୀଡ଼ିତା ତା' ମା'ଙ୍କର ଦେହାନ୍ତ ଘଟି ସାରିଛି । ଇଲ୍ମା ଭଲଭାବରେ ଜାଣିଥାଏ ଯେ ଏତେସବୁ ଅଘଟଣ ପାଇଁ ଏଇ ଗାଁର ଲୋକଙ୍କୁ ଦାୟୀ କରାଯାଇ ପାରିବନି । ବାବା ଗୁରୁମୁଖ୍ ସିଂହ ତଥା ଆଉ କେତେଜଣ ଶୁଭଚିନ୍ତକ ସେମାନଙ୍କୁ ତାଙ୍କ ସଂରକ୍ଷଣରେ ନେଇ ପାକିସ୍ଥାନ ଯାଉଥିବା ଟ୍ରେନ୍‌ରେ ଚଢ଼େଇ ଦେଇଥିଲେ ସୁରକ୍ଷିତ ଭାବେ । ସେଇଥିପାଇଁ ତ ଦୀର୍ଘ ତିରିଶ ବର୍ଷ ହେଲା ଇଲ୍ମା ଭିତରେ ତୀବ୍ର ଆକର୍ଷଣ ରହିଛି ଏଇ ଗାଁ ତଥା ତା'ର ଗ୍ରାମବାସୀଙ୍କ ପ୍ରତି । ଏଇଟା ପରା ତା' ନିଜ ଗାଁ । ଏଇ ମାଟିରେ ସେ ଜନ୍ମ ହୋଇଛି, ଗୁରୁଣ୍ଡି ଗୁରୁଣ୍ଡି ପୁଳା ପୁଳା କରି ଯା'କୁ ଖାଇଛି । ଭୁଲି ପାରିବ କେମିତି ଯେ ? ସେଇଲାଗି ତ ଜାଣି ଜାଣି ଯୁଦ୍ଧକ୍ଷେତ୍ରରୁ ପଳାଇ ଆସିଛି ଏଇଭଳି ଭାବେ .... ଆସନ୍ନ ମୃତ୍ୟୁକୁ ବି ଭୟ ନକରି .... ନିଜକୁ ଆଦୌ ରକ୍ଷା କରିବାକୁ ଚେଷ୍ଟା ବି କରିନି । ପୋଲିସ୍ ଜିପ୍‌ରେ ଚଢ଼ିଲା ବେଳକୁ ନଇଁ ନଇଁ ବୁଢ଼ୀଟେ ଆସି ତା' ମୁଣ୍ଡ ଆଉଁଶି ଆଶିଷ ଅଜାଡ଼ି କହେ, "ପୁତ୍ତର୍, ତୋ ମା'କୁ କହିବୁ, ସନ୍ତୋ ଆଜି ବି ତାକୁ ମନେ ରଖିଛି ବୋଲି । ତୁ ଜାଣିଛୁ, ସେ ମୋର ଅତି ଘନିଷ୍ଠ ବାନ୍ଧବୀ ଥିଲା ।" ଆଉ କିଛି ବି କହି ପାରେନି ବିଚାରୀ । ଧାର ଧାର ବୋହି ଯାଉଥିବା ଲୁହକୁ ଆପଣା ଓଢ଼ଣୀରେ ପୋଛି ଚୁପ୍ ହୋଇଯାଏ । ଇଲ୍ମାର ବି ଏଣେ ଅସମ୍ଭାଳ ଅବସ୍ଥା । ମୁଣ୍ଡ ତଳକୁ ପୋତିଦିଏ ନିଜ ଲୁହଭର୍ତ୍ତି ଆଖି ଲୁଚେଇବା ଉଦ୍ଦେଶ୍ୟରେ । ଥପ୍ ଥପ୍ ଝରିପଡ଼େ ଲୁହ । ଜିପ୍ ଗଡ଼ିଯାଏ ଆଗକୁ । ପଛରେ ଉଡୁଥିବା ଧୂଳି ଆଡ଼କୁ ଢଳଢଳ ଆଖିରେ ଅନେଇ ରହିଥାନ୍ତି ଗୁରୁମୁଖ୍ ସିଂହଙ୍କ ସହ ଗ୍ରାମବାସୀମାନେ । ସତେ ଯେମିତି ପୂର୍ବେ ହଜିଯାଇଥିବା ଦୁର୍ମୂଲ୍ୟ ବସ୍ତୁଟିଏ ଯାହାର ଏତେବର୍ଷ ପରେ ସନ୍ଧାନ ପାଇଥିଲେ ସେମାନେ, ତାହା ତାଙ୍କ ପାଖରୁ ପୁଣିଥରେ ଛଡ଼େଇ ନିଆଯାଉଛି । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୮ ଫେବୃଆରୀ, ୨୦୨୧



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ଆଉଜା କବାଟ (୨୯)



## ସାରସ୍ୱତ ସ୍ରଷ୍ଟାଙ୍କର ଶବ୍ଦଭ୍ରମ

ଡ. ରାଧାରଂଜନ ପଟ୍ଟନାୟକ

କିଛି ଲେଖିଲେ କିଛି କହିଲେ ଆରମ୍ଭ ହୋଇଯାଏ ସମାଲୋଚନାର ଲମ୍ବା ଫର୍ଦ୍ଦ। ସତେ ଯେମିତି ସକାରାତ୍ମକ କଥାକୁ ଶୁଣିବା ପାଇଁ ପ୍ରସ୍ତୁତ ନାହାଁନ୍ତି ଆତ୍ମଘୋଷିତ ମହା ପଣ୍ଡିତବର୍ଗ। ଏଇ କିଛିଦିନ ପୂର୍ବରୁ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମାତୃଭାଷା ହିଁ ଆମର ପ୍ରାଣସ୍ପନ୍ଦନ ବୋଲି ଅନେକ ଭାଷଣ ବି ଦେଇଛନ୍ତି। ସତେ ଯେମିତି ଏଇମାନେ ହିଁ ଓଡ଼ିଆ ଭାଷା ସାହିତ୍ୟକୁ ଠିକ୍ ଭାବରେ ଅନୁଶୀଳନ କରିଛନ୍ତି। ଯଦି ବିଚାର କରାଯାଏ ଦେଖାଯିବ ଯେ, ଅନେକଙ୍କ ସନ୍ତାନ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ମାଟି ଛୁଇଁ ନାହାନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ସାମାନ୍ୟତମ ବି ଧାରଣା ନାହିଁ। ମାତ୍ର ସେଇମାନଙ୍କର ଅଭିଭାବକ ବୋଲାଉଥିବା ଓଡ଼ିଆ ପ୍ରେମୀମାନେ କ'ଣ ନିଜକୁ ନିଜେ ସମୀକ୍ଷା କରିଛନ୍ତି କି? କେତେଦିନ ଛଳନାର ଛଉ ଘରେ କେବଳ ଛଉନାଚ କରୁଥିବା? କେତେ ଦିନ ଓଡ଼ିଆ ଭାଷାର ବିକାଶ ନାମରେ ନିଜ ବିଜ୍ଞାପିତ ଚେହେରାକୁ ଅନ୍ୟ ସମ୍ମାରେ ପ୍ରଦର୍ଶିତ କରୁଥିବା??

ଅନ୍ୟପକ୍ଷରେ ଦେଖିବାକୁ ଗଲେ ଓଡ଼ିଆ ଭାଷାର ଶାବ୍ଦିକ ପ୍ରୟୋଗ ପ୍ରତି କେହି ଧ୍ୟାନ ଦେଉ ନାହାନ୍ତି। ଅଯଥା ଭ୍ରମାତ୍ମକ ଶବ୍ଦ ପ୍ରୟୋଗ କରି ଓଡ଼ିଆ ଭାଷାର ଭାବୀ ପିଢ଼ିଙ୍କୁ ଭୁଲ୍ ରାସ୍ତାରେ ନେଉଛନ୍ତି। ଓଡ଼ିଆରେ କବିତା, ଗଳ୍ପ ଏବଂ ଉପନ୍ୟାସ ଲେଖିଦେଲେ ଯେ ଜଣେ ଖୁବ୍ ପ୍ରତିଭାବାନ୍ ସାହିତ୍ୟିକ ହୋଇଯିବ, ତାହାର କିଛି ଅର୍ଥ ନାହିଁ। ଜଣେ ସୃଜନସ୍ରଷ୍ଟା ପାଖରେ ପ୍ରସଙ୍ଗଭିତ୍ତିକ ଜ୍ଞାନ ସହ ବ୍ୟାକରଣଗତ ଜ୍ଞାନ ବି ରହିବା ଅପରିହାର୍ଯ୍ୟ।

ଶୁଦ୍ଧ ଲିଖନ ଏବଂ ଶୁଦ୍ଧ ପଠନ ଠାରୁ ଦୂରେଇ ରହୁଥିବା ସ୍ରଷ୍ଟା କେବେବି କାଳଜୟୀ କବି ବା ଲେଖକର ସ୍ୱୀକୃତି ପାଇ ନଥାଏ। ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଫକୀର ମୋହନଙ୍କ ପର୍ଯ୍ୟନ୍ତ ଅନେକ ସ୍ୱଳ୍ପ ଶିକ୍ଷାଧାରୀ ଯୁଗାଜୟୀ ସ୍ରଷ୍ଟା ଥିଲେ ବି ସେମାନଙ୍କ ଚିନ୍ତା, ଚେତନା ତଥା ଭାବକଳ୍ପରେ ବ୍ୟାକରଣଗତ ଜ୍ଞାନର ମାର୍ଜିତ ରୂପ ହିଁ ସର୍ବଦା ପ୍ରତିପାଦିତ ହେଉଥିଲା। ଯାହା ବି ଲେଖୁଥିଲେ ଭାଷାଗତ ସାମଞ୍ଜସ୍ୟ ସର୍ବୋପରି ତ୍ରୁଟିବିହୀନ ପଦ ହିଁ ରଚନା କରୁଥିଲେ। ଅନ୍ୟ ପକ୍ଷରେ ଆଦୌ ବିଦ୍ୟାଳୟ ମାଟି ମାଡ଼ି ନଥିବା ସନ୍ଥକବି ଭୀମଭୋଇ ଓଡ଼ିଆ ଭାଷାର ମୂଳ ଉପାଦାନ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ସେ ଜାଣିଥିଲେ ଠିକ୍ ଭାବେ ଶବ୍ଦ ପ୍ରୟୋଗ ନହେଲେ ସ୍ରଷ୍ଟାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ।

ଲକ୍ଷ୍ୟ କରିବାର କଥା, ଯଦି ବ୍ୟାକରଣଗତ ଜ୍ଞାନ ତଥା ବନାନ ଶୁଦ୍ଧି ଉପରେ ଧ୍ୟାନ ନ ଦିଆଯାଏ, ତେବେ ଅନ୍ଧମାନଙ୍କର ହାତୀ ବର୍ଣ୍ଣନା ଭଳି ଦୃଶ୍ୟମାନ ହେବ। ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ ଯେ, ଭାଷା ଜ୍ଞାନ ଦୁର୍ବଳ ହେଲେ ସାହିତ୍ୟକୃତି ଦୁର୍ବଳ ହୋଇଯାଏ। ସଫଳ ସାହିତ୍ୟକଟିଏ ପାଇଁ ଉତ୍ତମ ଭାଷା ଜ୍ଞାନର ଯେତିକି ଆବଶ୍ୟକତା ରହିଛି, ବ୍ୟାକରଣଭିତ୍ତିକ ଜ୍ଞାନ ମଧ୍ୟ ସେତିକି ଜରୁରୀ। ଏ ଦିଗରେ ଆମ ଭାଷା ସାହିତ୍ୟର ସ୍ରଷ୍ଟାମାନେ ସାଧାରଣତଃ ଉଦାସ ଜଣା ପଡ଼ନ୍ତି। ଫଳରେ ସେମାନଙ୍କର ସୃଷ୍ଟି ସ୍ୱାକ୍ଷର ଅର୍ଥଦ୍ୟୋତନା ହରାଇ ବସେ। ଏ ସମ୍ପର୍କରେ "ଝଂକାର"ର ସମ୍ପାଦକ କବି ସରୋଜ ରଂଜନ ମହାନ୍ତି କହନ୍ତି- "ଓଡ଼ିଆ ଭାଷା ସାହିତ୍ୟର ଅନେକ ଅଧ୍ୟାପକ, ଅଧ୍ୟାପିକା ବୃତ୍ତିଗତ କାରଣରୁ ପି.ଏଚ୍.ଡି. ନିବନ୍ଧ ଲେଖିଥିଲେ ମଧ୍ୟ ଡିଗ୍ରୀ ହାସଲ ପରେ ଅନ୍ୟକୌଣସି ଗବେଷଣାତ୍ମକ ନିବନ୍ଧ ହୁଏତ ଆଦୌ ଲେଖିନାହାନ୍ତି ବା ଯାହା ଲେଖିଛନ୍ତି, ତାହା ଭାବବୋଧ ରହିତ।" (ଝଂକାର, ୨୦୦୯ ନଭେମ୍ବର ସଂଖ୍ୟା)

ସମ୍ପ୍ରତି ଅନେକ ସ୍ରଷ୍ଟା ଅନ୍ୟ ଉପରେ ଅଠା ବୋଲି ନିଜର ଭୁଲ୍‌କୁ ଯଥାର୍ଥ ବୋଲି ଉପସ୍ଥାପନ କରିବା ଏକ ଅସହାୟ ଯୁକ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ। ଠିକ୍ ଭାଷା ପ୍ରୟୋଗ ନ କଲେ ପାଠକଟିଏ ପ୍ରକୃତ ଅର୍ଥ ଗ୍ରହଣ କରିପାରେ ନାହିଁ। ଏକଦା ଗୋଟିଏ ପିଲାକୁ ମୁଁ ପ୍ରଶ୍ନ କଲି ଅତିବାହିତ ଶବ୍ଦର ଅର୍ଥ କ'ଣ? ସେ ତୁରନ୍ତ ଉତ୍ତର ଦେଲା, ବିତାଇବା ବା କଟାଇବା। ସେହି ଶବ୍ଦଟିକୁ ଯେତେବେଳେ ମୁଁ ବାକ୍ୟଗଠନ ପାଇଁ କହିଲି, ସେତେବେଳେ ତା'ର ଗଠନ ପ୍ରଣାଳୀ ଥିଲା ଆଶ୍ଚର୍ଯ୍ୟଜନକ। ଠିକ୍ ଏଇମିତି "ଗତକାଲି ସେଲୁନ୍‌ରେ ମୋର ବାଳ ଅତିବାହିତ କଲି।" ଏହା ଭାବଗତ ଏବଂ ବ୍ୟାକରଣଗତ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଭୁଲ୍। ପିଲାଟି ସମ୍ଭବତଃ ଅତିବାହିତ ଶବ୍ଦର ଅର୍ଥ କେବଳ କଟାଇବା ଜାଣିଛି। ତା'ର ଜ୍ଞାନବୋଧର ଏଇମିତି ଏକ ଅସଙ୍ଗତିପୂର୍ଣ୍ଣ ବାକ୍ୟ ଆସିବା ସ୍ୱାଭାବିକ। କାରଣ ଅତିବାହିତ ଶବ୍ଦଟିର ପ୍ରୟୋଗ ପଦ୍ଧତିର ସମ୍ପର୍କର ବିଶ୍ଳେଷାତ୍ମକ ଜ୍ଞାନର ଅଭାବ ରହିଛି।

ଅନ୍ୟ ଏକ ଉଦାହରଣ ନିଆଯାଇପାରେ। କୌଣସି ଏକ ପିଲାକୁ ବଣଭୋଜି ସମ୍ପର୍କରେ ବାକ୍ୟଗଠନ କରିବା ପାଇଁ କହିବାରୁ ସେ କହିଲା, "ଗତ କାଲି ଚାନ୍ଦିପୁରରେ ସାରସ୍ୱତ ବଣଭୋଜି ହେଲା। ପିଲାଟି ବଣଭୋଜି କ'ଣ ଜାଣିଛି; କିନ୍ତୁ କେଉଁ ଶବ୍ଦ ପାଖରେ ଏ ବଣଭୋଜି ଶବ୍ଦଟି ବସିବା କଥା ତାହା ସେ ଜାଣେ ନାହିଁ। ସେଥିପାଇଁ ସେ ଏଭଳି ଭୁଲ୍ ବାକ୍ୟଟିଏ ପ୍ରକାଶ କଲା। ଏହାର ଠିକ୍ ଉତ୍ତରଟି ସାରସ୍ୱତ ସ୍ରଷ୍ଟାମାନଙ୍କର ବଣଭୋଜି ହୋଇଥାନ୍ତା। ଏଇ ସୂକ୍ଷ୍ମ ପାର୍ଥକ୍ୟକୁ କେବଳ ସେ ପିଲା ନୁହେଁ; ବରଂ ଆମଭଳି ଅନେକ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ବୁଝିବା ପାଇଁ ଅକ୍ଷମତା ପ୍ରକାଶ କରୁଛୁ। ଯଦି ଏଇଭଳି ବ୍ୟାକରଣଗତ ତ୍ରୁଟି ବାରମ୍ବାର ରହେ, ତେବେ ଓଡ଼ିଆ ଭାଷାର ବିକାଶ କରିବା ନା ବିନାଶ ଆଡ଼କୁ ନେଇଯିବା! ଏହା ଏବେ ଅନୁଶୀଳନର ବିଷୟ। ସାରସ୍ୱତ (ସରସ୍ୱତୀ + ଅ) ସରସ୍ୱତୀ ସମ୍ବନ୍ଧୀୟ। ସାରସ୍ୱତ୍+ଅ (ସମୁଦ୍ର ସମ୍ବନ୍ଧୀୟ) ସାରସ୍ୱତ ଶବ୍ଦଟିକୁ ଆଲୋଚନା କଲେ ସରସ୍ୱତୀ ସମ୍ବନ୍ଧୀୟ ବୁଝାଇବ। ସାରସ୍ୱତ ଶବ୍ଦ ପରେ ସାରସ୍ୱତ କଳ୍ପ (ବ୍ରହ୍ମାଙ୍କ ଦିବସ), ସାରସ୍ୱତ ବ୍ରତ (ମତ୍ସ୍ୟ ପୁରାଣ ବର୍ଣ୍ଣିତ ସରସ୍ୱତୀଙ୍କ ଉପାସନା ମୂଳକ) ସାରସ୍ୱତୋତ୍ସବ (ଶ୍ରୀପଞ୍ଚମୀ) ଏଇଭଳି ଏହି ସାରସ୍ୱତ ଶବ୍ଦଟିକୁ ପ୍ରୟୋଗ କରାଯାଇପାରେ। (ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ସପ୍ତମ ଖଣ୍ଡ ପୃଷ୍ଠା ୮୪୩୭) କିନ୍ତୁ ସାରସ୍ୱତ ଶବ୍ଦ ପାଖରେ ବଣଭୋଜି ଯୋଗ କରି ଓଡ଼ିଆ ଭାଷାର ଉତ୍ପୀଡ଼ନ କରିବା ଠିକ୍ ନୁହେଁ। ଅନ୍ୟ ଏକ ଉଦାହରଣ ନିଆଯାଇପାରେ - କୌଣସି ଏକ ଦୋକାନ ସାମ୍ନାରେ ଓଡ଼ିଆ ସାଇନ୍ ବୋର୍ଡ଼ଟିଏରେ ଉଲ୍ଲେଖ ଅଛି, "ଏଠାରେ ଚା ଏବଂ ସାଇକେଲ ମରାମତି ହୁଏ।" ଏହା ଓଡ଼ିଆ ଭାଷାର ଏକ ଗୁରୁଚାଣ୍ଡାଳ ଦୋଷ। ଏଥିପ୍ରତି ସଜାଗ ରହିବା ଆବଶ୍ୟକ। ପ୍ରତ୍ୟେକ ଶବ୍ଦର ଏକ ନିର୍ଦ୍ଦିଷ୍ଟ ଅର୍ଥ ରହିଛି। ଯେମିତି ଗୃହର ଅର୍ଥ ଘର, ଭଗ୍ନର ଅର୍ଥ ଭାଙ୍ଗିବା। ଯେତେବେଳେ ଗୃହ ସହିତ ଭଗ୍ନକୁ ଯୋଡ଼ିଦିଆଯାଏ ତାହା ଗୃହଭଗ୍ନ ହୋଇଯାଏ। ଏହାର ଅର୍ଥ ସ୍ତ୍ରୀ ମୃତ୍ୟୁକୁ ହିଁ ବୁଝାଏ। ଯେଉଁ ପଦର ସଂସ୍ଥାପନ ଯେଉଁ ସ୍ଥାନରେ ନିର୍ଦ୍ଧାରିତ, ସେଥିରୁ ବିଚ୍ୟୁତ ହେଲେ ତାହା ଅନ୍ୱୟଗତ ବିଚ୍ୟୁତି କୁହାଯାଏ। ଏଭଳି ସୂକ୍ଷ୍ମ ପାର୍ଥକ୍ୟକୁ ଏବର ସ୍ରଷ୍ଟାମାନେ ବିଚାରକୁ ନେଉ ନାହାନ୍ତି। ତେଣୁ ଭାଷାରେ ଅନ୍ୱୟଗତ ବିଚ୍ୟୁତି ସ-ଚରାଚର ଦେଖିବାକୁ ମିଳୁଛି।

ଏମିତି କିଛି ଲେଖକ ଅଛନ୍ତି ଯେଉଁମାନଙ୍କର ଭାଷା ଜ୍ଞାନ ଖୁବ୍ କଞ୍ଚା। ଅଥଚ ସାହିତ୍ୟ ଜଗତରେ ଅନୁପ୍ରବେଶ କରି ଲେଖକ ବୋଲାଇବାର ଆଗ୍ରହ ଖୁବ୍ ପ୍ରଚଣ୍ଡ। "ନ୍ୟୁନତମ ବ୍ୟାକରଣ ଜ୍ଞାନ ନଥାଇ ଭାଷାରେ ସି ଅକ୍ଷର ବିବର୍ଜିତ କିଛି ବ୍ୟକ୍ତି ସାହିତ୍ୟ-ଶିରିପା ପିନ୍ଧିବାକୁ ଏତେ ବ୍ୟାକୁଳ ଯେ ତାଙ୍କର ତଥାକଥିତ ସାହିତ୍ୟକୃତି ଲୋକ ସମାଜରେ କିପରି ଉପହସିତ ହେଉଛି, ତାହା ଜାଣିପାରନ୍ତି ନାହିଁ।" (ସମ୍ପାଦକୀୟ : ଶବ୍ଦସନ୍ଧାନ, ଝଂକାର ଡିସେମ୍ବର ୨୦, ସରୋଜ ରଂଜନ ମହାନ୍ତି)

ଉପସଂହାରରେ ଏତିକି ଆଲୋଚନା କରାଯାଇପାରେ ଯେ, ସୃଜନ ସ୍ରଷ୍ଟାଟିଏ ଭାଷା ସମ୍ପର୍କରେ ଚର୍ଚ୍ଚା କଲାବେଳେ ବ୍ୟାକରଣ ପ୍ରତି ଦୃଷ୍ଟି ଦେବ ଏକାନ୍ତ ଜରୁରୀ। ନହେଲେ ଅର୍ଥଗତ ପାର୍ଥକ୍ୟ ଭଳି ଆମ ସାହିତ୍ୟ ଏକ ଦ୍ୱନ୍ଦାତ୍ମକ ସ୍ଥିତିରେ ପହଞ୍ଚି ଯିବ। ତେଣୁ ଭାଷାଜ୍ଞାନ ଏହା ସ୍ପଷ୍ଟ କରିଥାଏ ଯେ, ଭାଷା ଆହରଣ କେବଳ ଲିଖନ ପଦ୍ଧତିକୁ ବୁଝାଏ ନାହିଁ; ବରଂ ବ୍ୟାକରଣଗତ ପ୍ରୟୋଗାତ୍ମକ ଦିଗକୁ ଗୁରୁତ୍ୱ ଦେଇଥାଏ। ସୁତରାଂ ପ୍ରତ୍ୟେକ ସ୍ରଷ୍ଟା ନିଜ ସାହିତ୍ୟ ସମ୍ପଦକୁ ବୃଦ୍ଧି କରିବା ପୂର୍ବରୁ ଭାଷାର ପ୍ରାସଙ୍ଗିକତା ଏବଂ ବ୍ୟାକରଣଗତ ମୂଳତତ୍ତ୍ୱ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଭାଷା ଶିଖିବା ପାଇଁ ହେଲେ ଅନୁବାଦ ପଦ୍ଧତି, ପ୍ରତ୍ୟକ୍ଷ ପଦ୍ଧତି, ଶ୍ରବଣ ପଦ୍ଧତି, ଯୋଗାଯୋଗ ପଦ୍ଧିତି ସର୍ବୋପରି ସ୍ୱାଭାବିକ ପଦ୍ଧିତକୁ ଆଦରି ନେବା ଉଚିତ୍। ନହେଲେ ଆସନ୍ତା କାଲିର ଓଡ଼ିଆ ଭାଷା ଏକ ଅନ୍ଧକାରମୟ ଚମ୍ପା ଗଳିରେ କେବଳ ଶୋଇଥିବ ସିନା; ହେଲେ ଚମ୍ପା ଭଳି ଚମକିବ ନାହିଁ କି ତା'ର ବାସ୍ନାରେ ମହକିତ ହେବ ନାହିଁ-ଭାଷା ସାହିତ୍ୟର ଉପବନ। ମାତୃଭାଷାକୁ ଅବହେଳା ବା ପ୍ରବଞ୍ଚନା କଲେ ତାହା କ୍ରମଶଃ କ୍ଷୟ ଆଡ଼କୁ ଗତି କରେ। ତେଣୁ ଗଙ୍ଗାଧର ମେହେର କହିଛନ୍ତି - "ଯା'ଭାଷା ଦୁର୍ବଳ ସେ ନିଶ୍ଚେ ଅଧମ / କାହିଁ ହେବ ଆନେ ପ୍ରତିଯୋଗୀ କ୍ଷମ।"

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

# ସ୍ମୃତି ଶତଦଳ ୧୮୫



## ॥ ମୋ ମା' ସୁନାମଣି ଦେବୀ-୪ ॥

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମଣିଷର କେତେବେଳେ କେଉଁ ସମୟରେ ଯେ କାହା ସାଙ୍ଗରେ ସାକ୍ଷାତ୍ ହୋଇଯାଏ, ସେ କଥା ଭଗବାନଙ୍କ ଛଡ଼ା ଆଉ କେହି କହିପାରିବେ ନାହିଁ। କେତେବେଳେ କେଉଁଠି ରହିବା ପାଇଁ ଭାଗ୍ୟରେ ଲେଖାଅଛି, ସେକଥା ମଧ୍ୟ ପ୍ରଭୁଙ୍କ ବିନା ଆଉ କେହି ସ୍ଥିର କରିପାରିବେ ନାହିଁ। ବୋଉ ଗଲାପରେ ବ୍ରହ୍ମପୁରରୁ ନନାଙ୍କର ବଦଳି କେଉଁଝରକୁ ହୋଇଗଲା। ପ୍ରଥମେ ପ୍ରଥମେ ଜଙ୍ଗଲ ଘେରା କେଉଁଝରରେ ରହିବା ଏତେ ସହଜ ନଥିଲା। ବିଶେଷଭାବରେ ଟାଉନ୍‌ଠାରୁ କେଉଁଝର କଲେଜ ବହୁତ ଦୂର ଥିଲା। ତା' ସାଙ୍ଗକୁ ହାଡ଼ ଭଙ୍ଗାଶୀତ। ତଥାପି ସବୁ ନକରାତ୍ମକ ଭାବ ଭିତରେ ଏକ ସକାରାତ୍ମକ ଜିନିଷ ଥିଲା ନନାଙ୍କ ଅଫିସରେ, କାମର ଚାପ କମ୍ ଥିଲା ଏବଂ ଅଫିସ୍‌ଘର ପାଖରେ ଥିଲା। ଯଦିଓ ବ୍ରହ୍ମପୁରରେ ମୁଁ କିଛି କିଛି କବିତା ଲେଖି ବଡ଼ ବଡ଼ ସଭାରେ ଆବୃତ୍ତି କରିଥିଲି, ତଥା କଲେଜର ମାଗାଜିନରେ ମୋ କବିତା ପ୍ରକାଶ ପାଇଥିଲା କିନ୍ତୁ ଆମ କଲେଜର ପଛପଟେ ଥିବା ଝାଉଁବଣରେ ମୋର କାବ୍ୟିକ ସତ୍ତାର ଏକ ନୂତନ ଉତ୍ତରଣ ମୁଁ ଅନୁଭବ କରିଥିଲି ଏବଂ କ୍ରମେ କ୍ରମେ କେଉଁଝରର ସାହିତ୍ୟିକ ପ୍ରାଣସତ୍ତାର କେନ୍ଦ୍ରସ୍ଥଳ ଟାଉନ୍ ହଲ୍‌ର କବିତା ସଭାରେ ମୁଁ ଯୋଗଦେବାକୁ ବଦ୍ଧ ପରିକର ହେଲି। ଏକ ଗଭୀର ଆତ୍ମାନୁଭୂତି ଓ ଆବେଗର ସହ, ମୁଁ ପାଠପଢ଼ା ସଙ୍ଗେ ସଙ୍ଗେ କବିତା ଲେଖି ବସିଲି।

ବୋଉଥିବା ବେଳେ କେବଳ ମୋ ସାନଭାଇ ବାବୁଲିର ବ୍ରତଘର ହୋଇଥିଲା। ତାପରେ କେଉଁଝରରେ ହିଁ କୁନିଆର ବ୍ରତଘର ହେବା ସ୍ଥିର ହେଲା। କିନ୍ତୁ ବ୍ରତଘର କଥା କିଏ ବୁଝିବ? ଆମ୍ଭେମାନେ ଯେ କିଛି ଜାଣିନାହୁଁ – ତେଣୁ ଠିକ୍ ହେଲା, ଆଗ ମା' ଓ ଅଜା ଆସିବେ ଏବଂ ମା' ହିଁ ସବୁ କିଛି ବନ୍ଦୋବସ୍ତ କରିବ।

ବ୍ରହ୍ମପୁରରୁ ନନାଙ୍କର ଅନେକ ସମକର୍ମୀ ଏବଂ ଅଜା, ମା'ଙ୍କ ଛଡ଼ା ଆମର ପ୍ରାୟ ସବୁ ବନ୍ଧୁବାନ୍ଧବ ଯାଇ କେଉଁଝରରେ ପହଂଚିଲେ। ପ୍ରାକୃତିକ ଦୃଶ୍ୟରେ ଭରପୁର କେଉଁଝର ଏବଂ ବଡ଼ଘାଘରା ଓ ସାନଘାଘରାର ଦୃଶ୍ୟ ଦେଖି ସମସ୍ତେ ଅଭିଭୂତ ହୋଇଗଲେ। ମିହିର (କୁନିଆଁ)ର ବ୍ରତଘର ଭାରି ଭଲ ଭାବରେ ହେଲା। ମୁଁ କବିତାଟିଏ ଲେଖିଥିଲି ଏବଂ ବ୍ରହ୍ମପୁରରୁ ନନାଙ୍କ ସହକର୍ମୀ ଗୋବିନ୍ଦ ପାଣିଗ୍ରାହୀ ମଧ୍ୟ ଭାରି ସୁନ୍ଦର ଲେଖାଟିଏ ପଠାଇଥିଲେ –

"ଯୋଗ ସିନା ଦେଇପାରୁ ନାହିଁ ମିହିର ତୋ ବ୍ରତ ଉତ୍ସବରେ –" ହେଦସିନା ଏଠି ଅଛି, ମନ ଯାଇ କେଉଁଝର ବ୍ରତ ଉତ୍ସବରେ।

ବ୍ରତଘର ସରିବା ପରେ ମଧ୍ୟ ଆମେ ଅଜା, ମା'ଙ୍କୁ ସୁନ୍ଦରଗଡ଼ ଛାଡ଼ିନଥିଲୁ। ପ୍ରାୟ ୧ ମାସ ଯାଏ ଆମ ଘରେ ରହି ପୁଣି ସୁନ୍ଦରଗଡ଼ ଫେରିଗଲେ।

ତା' ପରେ ପରେ ମୋର ଏସ୍.ସି.ବି ମେଡ଼ିକାଲ କଲେଜରେ ଆଡ଼ମିଶନ ହେଲା – କିନ୍ତୁ ଅଜା ଏତେ ଆନନ୍ଦିତ ହୋଇ ପାରିନଥିଲେ। ସେ ଚାହିଁଥିଲେ ଭାବା ଆଣବିକ କେନ୍ଦ୍ରରେ ମୁଁ ବୈଜ୍ଞାନିକ ଟିଏ ହେବି।" କିନ୍ତୁ ମୁଁ ଏମ୍.ବି.ବି ଏସ୍ ପାଶ ପରେ ମା'ର ଆଣ୍ଠୁଗଣ୍ଠି ଦରଜ କି ଦେହ ଖରାପ ବେଳେ ଯେଉଁ ଔଷଧ ମା'କୁ ଦେଉଥିଲି ସେ ତାକୁ ଖାଇ ଭଲ ହୋଇ ଯାଇଥିଲା ଏବଂ ସମସ୍ତଙ୍କ ଆଗରେ କହୁଥିଲା "ମୋ କୁନି ନାତୁଣୀ ବୁଲୁ ଯେଉଁ ଔଷଧ ମତେ ଦେଇଥିଲା, ତାକୁ ମୁଁ ଖାଇ ଭଲ ହୋଇଯାଇଛି।" ଅସମ୍ଭବ ଏ ବିଶ୍ୱାସ, ଅସମ୍ଭବ ଏ ଆସ୍ଥା ଥିଲା ମା'ର ମୋ ଉପରେ।

ହାଉସ୍‌ମେନ୍‌ସିପ ସରିଲାପରେ ବାହାଘର ତାରିଖ ଠିକ୍ ହେଲା। ଏଥିପାଇଁ ମା' ଓ ଅଜା ତାଙ୍କ ପ୍ରିୟ ନାତୁଣୀର ବାହାଘର ପାଇଁ ମାସେ ଆଗରୁ ଆସି ରହିଥିଲେ ଏବଂ ସବୁ ପ୍ରକାରର ପ୍ରସ୍ତୁତି କରିଥିଲେ। ବେଭାର ଠାରୁ ଆରମ୍ଭ କରି ଝିଅ ବିଦାଯାଏଁ, ସବୁ ଜିନିଷ ମା' ବୁଝିଥିଲା। ଆମର ସବୁ ବନ୍ଧୁବାନ୍ଧବ ବାହାଘରକୁ ଆସିଥିଲେ। ମା' ତା'ର ସବୁଠାରୁ ପ୍ରିୟ ଆପଲ୍ ବସା ଦୁଲ୍ ମତେ ଉପହାର ଦେଇଥିଲା ଏବଂ ମୋ ବାହାଘରର ସବୁଠାରୁ ପ୍ରିୟ ଉପହାର ସେଇ କାନଦୁଲ୍‌ଟି ଆଜିଯାଏଁ ମୋର ଆଲ୍‌ମାରିରେ ସାଇତି ରଖିଛି ଏବଂ ସେ ଦୁଲ୍ ଦେଖିବା ବେଳେ, ତା ଭିତରୁ ସବୁବେଳେ ଦିଶି ଯାଉଛି ମା'ର ମୁହଁ। ବାହାଘର ପରେ ଆମର ପୋଷ୍ଟିଂ ପ୍ରଥମେ ରାଉରକେଲାରେ ହୋଇଥାଏ। ପରେ ପରେ ସରକାରୀ ଚାକିରୀ ବ୍ରଜରାଜନଗରରେ ହୋଇଥିଲା। ସେତେବେଳେ ଅଜାଙ୍କ ବୟସ ୯୭ ବର୍ଷ ହୋଇଥାଏ। ଏବଂ ମଝି ମଝିରେ ତାଙ୍କ ଦେହ ପ୍ରାୟ ଖରାପ ହୋଇଯାଉଥାଏ। ଆମେ ଏ ଖବର ଶୁଣି ବ୍ରଜରାଜନଗରରୁ ମୋଟର ସାଇକଲ୍‌ରେ ସୁନ୍ଦରଗଡ଼ ଯାଇ ଅଜାଙ୍କୁ ଦେଖି ପୁଣି ଫେରି ଆସୁ କିନ୍ତୁ ଇତି ମଧ୍ୟରେ ଅଜାଙ୍କର ଦେହାନ୍ତ ହୋଇଗଲା, ଯାହା ଆମ ପାଇଁ ସବୁଠୁ ବଡ଼ ଦୁଃଖଦ ଖବର ଥିଲା।

ଅଜା ଚାଲିଗଲା ପରେ ପରେ ମା' ଖୁବ୍ ଏକାକୀ ହୋଇ ଯାଇଥିଲା ଏବଂ ତାକୁ ମୋର ସାନମାଉସୀ (ବସନ୍ତ ମାଉସୀ) ଭୁବନେଶ୍ୱର ତାଙ୍କ ପାଖକୁ ନେଇ ଆସିଥିଲେ ଏବଂ ତା'ର ସବୁ କଥା ବୁଝୁଥିଲେ। ଆମର ବ୍ରଜରାଜନଗର ପରେ ବ୍ରହ୍ମପୁର ମେଡ଼ିକାଲ କଲେଜରେ ପୋଷ୍ଟିଂ ହୋଇଥିଲା। ଥରେ କଟକକୁ ଆସି ନନାଙ୍କୁ ସାକ୍ଷାତ କରି କଲାବେଳେ ମା'କୁ ଭୁବନେଶ୍ୱରରୁ ବ୍ରହ୍ମପୁର ନେଇ ଯାଇଥିଲୁ। ସେଠି ଆମ ଘରେ ୨-୩ ଦିନ ମା' ରହିଥିଲା ଏବଂ ତାକୁ ଛାଡ଼ିବାବେଳକୁ ଗୋଟିଏ ସୁନ୍ଦର ନୀଳ ବର୍ଡ଼ରଥିବା ଧଳା ରଙ୍ଗର ଶାଢ଼ୀ ଦେଇଥିଲୁ। ବହୁତ ମନା କଲାପରେ ମଧ୍ୟ ତାକୁ ପିନ୍ଧିଥିଲା ସେ, ପରେ ସେ ଶାଢ଼ୀକୁ ସେ ଏତେ ଭଲ ପାଉଥିଲା ଯେ, ଅନେକ ସମୟରେ ସେ ଶାଢ଼ୀଟିକୁ ପିନ୍ଧୁଥିଲା। ମୋ' ସାନଭଉଣୀ ବେବି ତାକୁ ଦିନେ ପଚାରିଲା- "ଆଇ, ତୁମେ ଏ ଶାଢ଼ିକୁ ବହୁତ ଭଲ ପାଉଚ ନାଁ ପିନ୍ଧିବାକୁ, କିଏ ଦେଇଥିଲା କି?" ମା ସାଙ୍ଗେ ସାଙ୍ଗେ କହିଲା - ଏ ଶାଢି ମତେ ମୋର ସବୁଠୁ ପ୍ରିୟ ନାତୁଣୀ ବୁଲୁ ଦେଇଛି।" ଉପହାରରେ କୌଣସି ମୂଲ୍ୟ ନଥାଏ, ଉପହାରଟିକୁ ଭଲପାଇବା ଓ ଆଦରରେ ଗ୍ରହଣ କରିବା ବେଳେ ନିର୍ଭର କରିଥାଏ ଉପହାର ଦେଇଥିବା ଓ ଉପହାର ଗ୍ରହଣ କରିଥିବା ଦୁଇଟି ହୃଦୟ ଭିତରେ – କାରଣ ମା' ମତେ ଏତେ ଭଲପାଏ ଯେ, ମୁଁ ଦେଇଥିବା ପ୍ରତ୍ୟେକଟି ଜିନିଷକୁ ସେ ଖୁବ୍ ଭଲ ପାଉଥିଲା ଓ ତା'ର ଆଲ୍‌ମାରୀରେ କର୍ପୁର ଦେଇ ଶାଢ଼ିଟିକୁ ସାଇତି ରଖିଥିଲା।

ଏ କଥା ଶୁଣି ମୁଁ କାନ୍ଦି ପକେଇଥିଲି। ସାଧାରଣ ଶାଢ଼ୀଟିକୁ ସ୍ନେହର ରେଶମୀ ସୂତାରେ ବୁଣିଦେଲେ ଏତେ ଅସାଧାରଣ ହୋଇଯାଏ? ପ୍ରକୃତରେ ଶାଢ଼ିର ମୂଲ୍ୟାୟନ ଟଙ୍କା ଦ୍ୱାରା ହୋଇନଥାଏ, ହୋଇଥାଏ ସ୍ନେହରେ, ଆଦରରେ ଓ ମମତାରେ। ଉପହାରର ଜିନିଷଟିକୁ ମୂଲ୍ୟ ନୁହେଁ କିଏ କେମିତି ମନରେ ଦେଇଛି, ତାହାହିଁ ଭଲ ପାଇବାର ମାପକାଠି ହୋଇଥାଏ"- ଏବେ ସେ କଥା ଭାବିଲେ ମନ ଦୁଃଖରେ ଭରି ଉଠେ। ସେତେବେଳେ ମୋ ମା' ଓ ବୋଉକୁ ବେଶୀ ଶାଢ଼ିଦେଇ ପାରିନଥିଲି, କିନ୍ତୁ ଏବେ ମା' ଓ ବୋଉକୁ ଅଗଣିତ ପାଟ ଶାଢି ପିନ୍ଧାଇ ଦେବାର ସାମର୍ଥ୍ୟ ଥିବାବେଳେ, ସେମାନେ ଆଉ ମୋ ପାଖରେ, ଇହଦୁନିଆରେ ନାହାଁନ୍ତି। ଏହା ହିଁ ଜୀବନର ନିଛକ ସତକଥା। ସେ ଦୁହିଁଙ୍କର ଋଣ ମୁଁ ସାରାଜୀବନ ସୁଝିପାରିବି ନାହିଁ।

କ୍ରମେ ଆମେ ବ୍ରହ୍ମପୁର ଛାଡ଼ି ପି.ଜି.ଆଇ ଚଣ୍ଡୀଗଡ଼ରେ ପି.ଜି. ଓ ସୁପର୍ ପି.ଜି କରିବାକୁ ଗଲୁଁ ଏବଂ ତା'ପରେ କଟକ ଏସ.ସି.ବି. ମେଡ଼ିକାଲ କଲେଜରେ ପୋଷ୍ଟିଂ, କଟକରୁ ମଧ୍ୟ ବହୁଥର ଆମେ ଆଇକୁ ଦେଖିବାକୁ ଭୁବନେଶ୍ୱର ଆସିଥିଲୁ। ଆମେ ଦୁଃଖରେ ଭାଙ୍ଗିପଡ଼ିଥିଲୁ, ଯେଉଁଦିନ ମା'ର ଦେହାନ୍ତ ହେଲା ଏବଂ ତା'ର ମରଶରୀରକୁ ସମ୍ମାନ ଜଣାଇ ଆସିଲା ପରେ ଲାଗିଲା – ଗୋଟିଏ ଯୁଗର ଅବସାନ ଘଟିଲା।

ମା' ସୁନାମଣି ଦେବୀ ଏମିତି ଝଟକୁଥିବ ଚିରକାଳ, ମୋ ସ୍ମୃତିରେ, ମୋ ମନରେ, ମୋ ହୃଦୟରେ ଏବଂ ଜୀବନରେ ଏବଂ ତାର ସ୍ମରଣ ହିଁ ମତେ ବାରଂବାର ଜୀବନ୍ୟାସ ଦେଉଥିବ।

ପୁନରପି ଜନମଂ ପୁନରପି ମରଣଂ
ପୁନରପି ଜନନୀ ଜଠରେ ଶୟନଂ

ଈଶ୍ୱର କ'ଣ ସତେ କରିବେ, ସେମିତି ଆଇକୁ ଜନ୍ମ ଜନ୍ମାନ୍ତର ଧରି ମୋର ମା' ରୂପରେ ପାଇ ପାରିବି ଏବଂ ହୃଦୟର ସିଂହାସନରେ ବସାଇ ପୂଜା କରିପାରିବି।

(କ୍ରମଶଃ)

# ପତ୍ରିକା ସମୀକ୍ଷା

**ସାଗରିକା**
ସଂପାଦିକା: ସୈରିନ୍ଧ୍ରୀ ସାହୁ
ପ୍ରକାଶକ : ସୃଷ୍ଟିଧର ପରିଡ଼ା
ସାଗରିକା ପ୍ରେସ, ଜେଲରୋଡ, ବାଲେଶ୍ୱର-୧
ମୂଲ୍ୟ-୨୫ ଟଙ୍କା




ମାନସମନ୍ଥନ ଏବଂ ତା'ର କ୍ରିୟା ପ୍ରତିକ୍ରିୟା ଓ ପରିଣତିର ପରିଣତ ସ୍ଥିତି ହେଉଛି ପତ୍ରିକା। ଏହା ଚେତନଶୀଳତାର ସମ୍ମିଳିତ ଦସ୍ତାବିଜ। ପତ୍ରିକାଟିଏ ଖାଲି ସମାଜର ଦର୍ପଣ ନୁହେଁ। ଏହା ସମ୍ମିଳିତ ମାନବ ସଂଗୋଷ୍ଠୀର ସମ୍ମିଳିତ ଶବ୍ଦ ତର୍ପଣ। ଏହାହିଁ ଭାଷା ଭାରତୀଙ୍କର ଉପାସନାର ଶ୍ରେଷ୍ଠାର୍ଘ ଅର୍ପଣ। କ୍ୟାଲେଣ୍ଡରରେ ମସିହା ବଦଳିବା ସହ କଟକଣା-କୋହଳ-କଳ୍ପନା ଜଳ୍ପନା ଭିତରେ କରୋନା ବଦଳାଉଛି ତା'ର ଷ୍ଟ୍ରେନ୍ ଏବଂ ଷ୍ଟ୍ରୋଟ୍‌ର ମେଥୋଡୋଲୋଜି। ହେଡ୍ ଅନ୍ ଏବଂ ହେଡ୍ ଗୋ' ଭିତରେ ବି ସାହିତ୍ୟ ଚର୍ଚ୍ଚା ଏବଂ ଚର୍ଯ୍ୟାର ପ୍ରବାହମାନତାର ପ୍ରମାଣ ହେଉଛି ପତ୍ରପତ୍ରିକା। ହେଡ୍‌ମାର୍କ (ପୂର୍ଣ୍ଣଛେଦ)ମାନଙ୍କର ସମାବେଶକୁ ପାଠକାଭୀମୁଖୀ କରାଇବା ପାଇଁ ସାହିତ୍ୟର ହେଡିଂ (ଶୀର୍ଷକ) କେତେବେଳେ ପେ ଡିଗ୍ରୀ ପୁଣି କେତେବେଳେ କନ୍‌ଟେମ୍ପୋରାରୀ। ଏହାସହ ରେଟ୍ରୋ କଲଚର୍‌କୁ ନେଇ ସାରସ୍ୱତ ମୂଲ୍ୟବୋଧ ଏବଂ ଆଭିଜାତ୍ୟ ତଥା ବୁନିଆଦିର କଥା କହିବା ପାଇଁ ଓଡ଼ିଶା ମାଟିର ଦୁଇତିନୋଟି କଳାଧଳା ପତ୍ରିକା ନିରାଡମ୍ବର ପରିପାଟୀ ଅଥଚ ବୌଦ୍ଧିକ ସାହିତ୍ୟ ଆଲୋଚନା, ସମୀକ୍ଷା, ପ୍ରବନ୍ଧ, କଥା ଓ କବିତାକୁ ନେଇ ସ୍ୱତନ୍ତ୍ର ସାଧନାରେ ରତ। ବର୍ଷ ୨୦୨୧କୁ ଶଙ୍ଖୋଳି ନେଲା ପରେ ବାଲେଶ୍ୱର ମାଟିରୁ ନିୟମିତ ପ୍ରକାଶିତ ସାଂପ୍ରତିକ ସାହିତ୍ୟର ଭିନ୍ନ ନାମ ସାଗରିକା (ଜାନୁଆରୀ-ମାର୍ଚ୍ଚ ୨୦୨୧) ସଂଖ୍ୟାର ପୃଷ୍ଠା ଓଲଟାଇ, ଯେକୌଣସି ସଚେତନ ପାଠକ ଉପରୋକ୍ତ କଥାକୁ ସଗର୍ବେ ସ୍ୱୀକାର କରିବେ।

ଆଲୋଚ୍ୟ ସାଗରିକାର ଏହି ସଂଖ୍ୟାର ରଙ୍ଗୀନ ପ୍ରଚ୍ଛଦରେ ଅର୍ଦ୍ଧ ଏବଂ ପୂର୍ଣ୍ଣ ପ୍ରସ୍ଫୁଟିତ ପୁଷ୍ପର ଡିଜିଟାଲ ଆର୍ଟ। ପାରମ୍ପରିକ ଭାବେ ବରିଷ୍ଠ କବି ଚକ୍ରପାଣି ପରିଚ୍ଛାଙ୍କ କବିତାର ଗୁରୁତ୍ୱପୂର୍ଣ୍ଣ ଧାଡ଼ି "ଆତତାୟୀର ଧାରୁଆ ଛୁରୀ/କାଟିଦେଇ ପାରେ/ କାହାର ନା କାହାର କଳିଜା/ ହାଣ ମୁହଁର ପଶୁ/ କେଉ ଭାଷାର ପ୍ରାର୍ଥନା ଗାଏ/ ନିଜ ଅନ୍ତିମ ଇଚ୍ଛା ବାବଦକୁ/ ମାଗିବସେ କଂସେଇର ଦୀର୍ଘଜୀବନ।"

ଏଥର ସାଗରିକା ପୃଷ୍ଠା ନିର୍ମାଣର ପ୍ରଥମ ନିହାଣ ସ୍ପର୍ଶ ପାଠକଙ୍କୁ କ୍ରମେ କ୍ରମେ ସୃଷ୍ଟି ଓ ସ୍ରଷ୍ଟାମାନଙ୍କ ନିକଟକୁ ନେଇ ଯିବା ପାଇଁ।

ଏବେ ତ ଆରମ୍ଭ ହୋଇଗଲାଣି ସବ୍‌ନମର ଫାଶୀ ଦଉଡ଼ି ନିର୍ମାଣ କାର୍ଯ୍ୟ। ଦୁଇଟି ବିଷୟରେ ସ୍ନାତକୋତ୍ତର ହାସଲ କରିଥିବା ନରହନ୍ତା ସବ୍‌ନମ୍ ପରି ବହୁ ଚରିତ୍ର ସାଂପ୍ରତିକ ସମାଜରେ ବେଧଡ଼କ୍ ଚଳାଇଛନ୍ତି ପରକୀୟା ପ୍ରୀତି। 'ବିଷାଦ ସଂଗୀତ' ଶୀର୍ଷକରେ ସୁଲେଖିକା ସଂପାଦିକା ସୈରିନ୍ଧ୍ରୀ ସାହୁ ଉଲ୍ଲେଖ କରିଛନ୍ତି ସେଇ ପ୍ରକାର ଆଉ ଏକ ଚରିତ୍ର 'ବିଷ୍ଣୁଭାଇଙ୍କ ସ୍ତ୍ରୀ'। ସଂପାଦିକାଙ୍କର ବିଷାଦ ସଂଗୀତର ଶେଷ ନୋଟ୍ - "ଝିଟିପିଟି କାନ୍ଥରେ ଲାଞ୍ଜ ପିଟୁଥିଲା ସତ୍ ସତ୍ ସତ୍ ସତ୍।"

ପତ୍ରିକାଟିର ବିଭିନ୍ନ ବିଭାଗ ମଧ୍ୟରୁ 'ଆଜିର ଗଳ୍ପ' ବିଭାଗର ପ୍ରଥମ ଗଳ୍ପ ଭାବରେ ସ୍ଥାନିତ ହୋଇଛି ସୁପ୍ରିୟା ମଲ୍ଲିକଙ୍କର 'ନାଲିଆସିଆ ଜହ୍ନ' କଥା ସୃଜନୀ। କଥା କିଆରୀରେ ମାଳୀ ଏଥିରେ ଫୁଟାଇଛନ୍ତି ଫୁଲ ବଦଳରେ ଗବ୍‌ବର ସିଂର ଗୁଳି। ସୁନନ୍ଦା ନାମ୍ନୀ ଚରିତ୍ରକୁ ନେଇ କାହାଣୀ ଭିତରେ ଫ୍ରଏଡୀୟ ବିମର୍ଶ ଏବଂ ବିଷର୍ଣ୍ଣତା। ଏହା ବାଦ୍ ବିଦ୍ୟାଧର ଗୁରୁଙ୍କର ଭସାବାଦଲ, ମାନଗୋବିନ୍ଦ ବାରିକଙ୍କର ଅନନ୍ୟ ମାନବିକତା, କାଳିକିଙ୍କରଙ୍କର ଦେଖିଥିବା ନଈବଢ଼ିର ଦୃଶ୍ୟ, ସଞ୍ଜୟ ଭଟ୍ଟଙ୍କର ଚିତ୍ର ଆଂକୁଥିବା ପୁଅ, ସନ୍ତୋଷ ବାରିକଙ୍କର ଅମୁକ୍ ମହାପାତ୍ର, ଅରବିନ୍ଦଦାସଙ୍କର ପରିଚୟ, ସୁଧାକର ନନ୍ଦଙ୍କର ଜନନୀର ଆତ୍ମତ୍ୟାଗ ଓ ଅନୀଲ କୁମାର ପାଢୀଙ୍କର କିଛି ସମୁଦ୍ର ପରି ଗଳ୍ପମାନଙ୍କର ଚିତ୍ର ଓ ଚରିତ୍ର ପାଠକଙ୍କୁ ଆମୋଦିତ କରିବ ନିଶ୍ଚୟ। ଅନୁବାଦ ଗଳ୍ପରେ ଏସ କେ ପୋଟେ କାର୍ଟଙ୍କର ମୂଳ ମାଲାୟାଲାମ୍ କାହାଣୀକୁ 'ପୁରୁଣା କୋର୍ଟ' ଶୀର୍ଷକରେ ଅଭିମନ୍ୟୁ ବେହେରା ଉପସ୍ଥାପନ କରିଥିଲାବେଳେ ଡଃ ଶ୍ରୀଗୋପାଳ କାବ୍ରାଙ୍କର ମୂଳହିନ୍ଦୀ କଥାର ଓଡ଼ିଆ ଲିପିକାର ସାଜିଛନ୍ତି ଅନୁବାଦକ ବିନୟ କୁମାର ଦାସ।

ଆତ୍ମଜୀବନୀ ସ୍ତମ୍ଭରେ ପାଠକ ପୂର୍ବପରି ଏଥର ମଧ୍ୟ ଭେଟିବେ ଡଃ କବିତା ବାରିକଙ୍କର 'ମୋ ଜୀବନ କେବେ କେମିତି'। ଗନ୍ ଆର୍ ଦୋଜ୍ ଡେଜ୍। ପୃଥ୍ୱୀ ଏମିତି ଏକ ଚିରଶୋକର ଭୂମି, ଯେଉଁଠି ଆମେ କାହାକୁ ନା କାହାକୁ ନିତି ନିତି ହରାଇ ଦେଇ ଖାଁ ଖାଁ ଶୂନ୍ୟତା ଭିତରେ ବଞ୍ଚିଥାଉ। ଡଃ ବାରିକଙ୍କର ସ୍ମୃତି ମଞ୍ଜୁଳ ଜୀବନୀ ବୟସ ଆଉ ଆୟୁଷର ବ୍ୟତିକ୍ରମ। ଜୀବନୀର ଏହି ଭାଗରେ ପାଠକ ବହୁ ଦିବଗଂତ ସାରସ୍ୱତ ବିଶୁଦ୍ଧ ଆତ୍ମାଙ୍କୁ ଭେଟିବେ ଓ ସସ୍ନେହ ମନେପକାଇବେ ନିଶ୍ଚୟ।

ପତ୍ରିକାଟିର ପ୍ରବନ୍ଧ ବିଭାଗରେ ନକୁଳ ଚନ୍ଦ୍ର ସାହୁ ଆସ୍ଥେଟିକ୍ କ୍ରିଟିସିଜିମ୍‌ର ଶିଖରକୁ ଯାଇଛନ୍ତି ବୋଲି କୁହାଯାଇପାରେ। ସମୀକ୍ଷାର ଡ୍ରଇଂ ଖାତାରେ ଚିଲିକା: ରୂପ ଓ ରୂପକଳ୍ପର ଦୀକ୍ଷା ଶୀର୍ଷକରେ ଶ୍ରୀଯୁକ୍ତ ସାହୁ ସ୍ୱଭାବ ବୋଧର ନାନ୍ଦନିକ ଭୂମି ଆବିଷ୍କାର କରିଥିଲା ବେଳେ ଜୁଡିସିଆଲ କ୍ରିଟିକ୍ ଡଃ ମଣୀନ୍ଦ୍ର କୁମାର ମେହେର ଗଙ୍ଗାଧର ସାହିତ୍ୟର ସମୀକ୍ଷକ ଚିତ୍ତରଞ୍ଜନଙ୍କର ଅନୁଶୀଳନରେ କହିଛନ୍ତି ରୁଚିମନ୍ତ ପୁନଃଅନୁଶୀଳନ। ଏହାସହ ଡଃ. କମଳାକୃଷ୍ଣ ତ୍ରିପାଠୀ, ଡଃ ସଂଘମିତ୍ରା ଭଂଜ, ଡଃ.ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପ୍ର.ଗିରିଜା ଶଂକର ଶର୍ମା ପ୍ରମୁଖଙ୍କର ଆଲୋଚନାର ସୂକ୍ଷ୍ମତା ଓ ସ୍ୱଚ୍ଛତା ପ୍ରତିପାଦିତ କରିଛି ଟିଜି ଉଇଲିୟମ୍‌ଙ୍କର ଉକ୍ତି - "The qualities required in a critic are primarily sensitivity, imagination, knowlodge, and judgment."

ସଂଖ୍ୟାଟିର କବିତା ବିଭାଗରେ ସାଂପ୍ରତିକ ସାହିତ୍ୟ ସହ ଚିରନ୍ତନୀ କାବ୍ୟ ପରମ୍ପରାର ଆଭାସ ଓ ଉଦ୍‌ଭାସ ଆଣିଛନ୍ତି ଓଡ଼ିଶାର ବହୁ ଅଗ୍ରଗଣ୍ୟ କବିଙ୍କଠାରୁ ଆରମ୍ଭ କରି ପ୍ରତିଶ୍ରୁତି ବଦ୍ଧ ଲେଖନୀକାରମାନେ। ସେଥିମଧ୍ୟରୁ ବରେଣ୍ୟ କବି ବଂଶୀଧର ଷଡ଼ଙ୍ଗୀଙ୍କର କବିତା ସୂତ୍ରଧର (୦୫) ସମେତ ବରିଷ୍ଠ କବି ରତ୍ନାକର ରାଉତଙ୍କର କବିତା 'ଭୁବନେଶ୍ୱର' ପାଠକଙ୍କୁ ବିମଳ ସାରସ୍ୱତ ପଠନାନନ୍ଦ ପ୍ରଦାନ କରିବାରେ ସମର୍ଥ ହେବ ନିଶ୍ଚୟ। ଏହାସହ ଡଃ. ନାରାୟଣ ପଣ୍ଡା, ଇପ୍‌ସିତା ଷଡ଼ଙ୍ଗୀ, ଇଂ ନନ୍ଦଦୁଲାଲ ଘଡ଼ାଇ, କିଶୋର ପାଣିଗ୍ରାହୀ, ଡଃ ରାଜକିଶୋର ପାଢ଼ୀ, ହରେକୃଷ୍ଣ ଦାସ, ସଦାଶିବ ଦାଶ, ଶ୍ରୀମତୀ ଚନ୍ଦନା ସାହୁ, ମହାପାତ୍ର ସବିତା ହୋତା, ଅଞ୍ଜଳି ପଣ୍ଡା, ହୃଷୀକେଶ ମହାନ୍ତି, ମିଲନ କୁମାର ମିଶ୍ର (ଭରଦ୍ୱାଜ), ସୁଶାନ୍ତ କୁମାର ପଟ୍ଟନାୟକ, ପ୍ରମୀଳା ଶତପଥୀ, ନୃସିଂହ ତରାଇ, ହଂସନାଥ ମୁଦୁଲି, କିଶୋର ମହାନ୍ତି, ଶିବଶଂକର ଦାସ, ବାବାଜୀ ଚରଣ ଜେନା ଓ ମଦନ ମୋହନ ଦାସଙ୍କ କବିତା ମୌଳିକ ଆବେଗ ଓ ଆବେଦନରେ ପାଠକଙ୍କୁ ବାନ୍ଧିରଖି ପାରିଲା ଭଳି।

ସୁନିର୍ବାଚିତ ଲେଖା, ବଳିଷ୍ଠ ସଂପାଦନା, ନିର୍ଭୁଲ ମୁଦ୍ରଣ ଏବଂ ସର୍ବୋପରି ପାଠକଙ୍କୁ ଉଚିତ୍ ମୂଲ୍ୟରେ ମୂଲ୍ୟବୋଧ ଭିତ୍ତିକ ପତ୍ରିକାଟିଏ ଭେଟି ଦେବାରେ ଯେ କୌଣସି ପତ୍ରିକାର ଅସଲ ଦାୟିତ୍ୱ, ପରିପାଟୀ ଏବଂ ସାରସ୍ୱତ ପ୍ରତିବଦ୍ଧତା ନିହିତ। ଫଟୋ ସର୍ବସ୍ୱ ବାହ୍ୟିକ ଜୀବନକୁ ଚେତନା ସର୍ବସ୍ୱ ଜୀବନର ଅନ୍ତଃପୁରକୁ ନେଇ ଯିବା ପାଇଁ ସାହିତ୍ୟ। ଜୀବନର ବାୟୋମେଟ୍ରିକ୍‌କୁ ଶବ୍ଦରେ ରୂପାନ୍ତରିତ କରିପାରୁଥିବା ପତ୍ରିକା ହିଁ ଦିନେ ଇତିହାସ ହେବ। ଏବେ ତ ରଙ୍ଗର ଋତୁ। ସାହିତ୍ୟକୁ ନେଇ ରଙ୍ଗ ଖେଳିବାରେ ତଥାପି ରୋକ୍ ଅଛି। କରୋନା।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ବିଧାନସଭାରେ ଉଠିଲା କେବିକେ ଅଂଚଳରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନା ଦାବି

ଭୁବନେଶ୍ୱର,୨୭।୦୨ (ନି.ପ୍ର): କେବିକେ ଅଂଚଳରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନା ଦାବି ଶନିବାର ଦିନ ବିଧାନସଭାରେ ଉଠିଛି । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇଛନ୍ତି । ଶୂନ୍ୟକାଳରେ ଶ୍ରୀ ମିଶ୍ର କହିଛନ୍ତି ଯେ ୨୦୧୪ ମସିହାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବିକେ ଅଂଚଳରେ କୃଷି ବିଶ୍ୱବିଦ୍ୟାଳୟ ଗଠନ କରିବା ସମ୍ପର୍କରେ ଘୋଷଣା କରିଥିଲେ । ଏହା ପରେ ସାତ ବର୍ଷ ବିତି ଗଲାଣି । ତେବେ କୃଷି ବିଦ୍ୟାଳୟର ସ୍ଥାପନା କାହିଁକି ହେଉ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ ।

## ଜିଲାସ୍ତରୀୟ ବଡି ବିଲ୍ଡିଂ ଚମ୍ପିଆନସିପ

# ଶେଖ ଏହେଶାନ 'ମିଷ୍ଟର ବାଲେଶ୍ୱର' ମନୋନୀତ




ବାଲେଶ୍ୱର,୨୭।୦୨ (ନି.ପ୍ର): ବାଲେଶ୍ୱର ଜିଲା ବିଡି ବିଲ୍ଡର୍ସ ଆସୋସିଏସନ ଓ 'ବାଇକନ୍ସ ଜିମ'ର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା 'ବଡି ବିଲଡିଂ ଚମ୍ପିଆନସିପ' ତଥା 'ମିଷ୍ଟର ବାଲେଶ୍ୱର-୨୦୨୧'ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା, ବାଲେଶ୍ୱର ବଡି ବିଲ୍ଡର୍ସ ଆସୋସିଏନସର ସମ୍ପାଦକ ତରୁଣ ଚାଟାର୍ଜୀ, ଯୁବନେତା ବିକ୍ରମ ପଣ୍ଡା, ମନୋଜ ଦାସ, ଉମାକାନ୍ତ ବେହେରା, ସଲିମ ରାଜା, ବିକ୍ରମ କେଶରୀ ଦାସ ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବାଇକନ୍ସ ଜିମର ମୁଖ୍ୟ ଅଭଷେକ ଦାସ ଏଥିରେ ସଭାପତିତ୍ୱ କରିବା ସହ ପ୍ରତିଯୋଗିତାର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ପ୍ରତିଯୋଗିତାର ୫ ବର୍ଗରେ ଜିଲାର ବିଭିନ୍ନ ଅଂଚଳରୁ ୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସର୍ବପ୍ରଥମେ ସମସ୍ତ ପ୍ରତିଯୋଗୀଙ୍କ ଓଜନ ଯାଞ୍ଚ ପରେ ମେନ୍ସ ବେଷ୍ଟ ଫିଜିକ ସେକ୍ସନ ଓ ଶେଷରେ ବଡି ବିଲଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ବିଡି ବିଲ୍ଡର୍ସ ଆସୋସିଏସନ ପକ୍ଷରୁ ରାଜ୍ୟସ୍ତରୀୟ ସିନିୟର ବିଭାଗ ମିଷ୍ଟର ଓଡିଶା ପାଇଁ ବାଲେଶ୍ୱରର ଶ୍ରେଷ୍ଠ ପ୍ରତିଯୋଗୀ ଟିମ ଚୟନ କରାଯାଇଥିଲା । ଏହି ଟିମ ଚୟନ ପରେ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀ ଶେଖ ଏହେଶାନଙ୍କୁ 'ମିଷ୍ଟର ବାଲେଶ୍ୱର' ଭାବେ ବିଜୟୀ ଘୋଷଣା କରାଯାଇଥିଲା । ଏଥି ସହିତ ୫ବର୍ଗର ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ ସହ ପୁରସ୍କୃତ କରାଯାଇଥିଲା । ଏଥିରେ ୫୫ କେଜି ବର୍ଗରେ ସଞ୍ଜୀବ ବେହେରା, ୬୦ କେଜି ବର୍ଗରେ ସଞ୍ଜୀବ ନାୟକ, ୬୫ କେଜି ବର୍ଗରେ ଶେଖ ଏହେଶାନ, ୭୦ କେଜି ବର୍ଗରେ କମଳାକାନ୍ତ ବେହେରା, ୭୫ କେଜି ବର୍ଗରେ ଜିତେନ ବାରିକ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର ଗ୍ରହଣ ସହ ରାଜ୍ୟସ୍ତରୀୟ 'ମିଷ୍ଟର ଓଡିଶା' ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି । ଅତିଥିମାନେ ସମସ୍ତ ପ୍ରତିଯୋଗୀ ଓ ବିଜୟୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ରେଲୱେ କଲୋନି ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର,୨୭।୦୨ (ନି.ପ୍ର): ବାଲେଶ୍ୱର ସହରର ରେଲୱେ କଲୋନି ନୋଡାଲ ୟୁପି ସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଓ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପଣ୍ଡା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ସିଆରସିସି ସଙ୍ଗୀତା ରଥ ଓ ପୂର୍ବତନ କାଉନସିଲର ଚିତ୍ତରଂଜନ ପଣ୍ଡା ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମାନବୀୟ ଜୀବନଧାରାରେ ଅବସର ଓ ଅବକାଶର ଗୁରୁତ୍ୱ ତଥା ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତ୍ୟେକ ଶୁଭାରମ୍ଭର ଗୋଟିଏ ପରିସମାପ୍ତି ରହିବା ଭଳି ଧାର୍ଯ୍ୟ ସମୟ ମଧ୍ୟରେ ନିଷ୍ଠାପୂର୍ଣ୍ଣ କର୍ତ୍ତବ୍ୟ ପାଳନ ହିଁ ଆମକୁ ସର୍ବଦା ସ୍ମରଣୀୟ ରଖିଥାଏ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅନସୂୟା ପଣ୍ଡା ଓ ସଦର ବ୍ଲକର ସହକାରୀ ଶିକ୍ଷାଧିକାରିଣୀ ତଥା ରେଲୱେ କଲୋନି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିଲତା ଦାସଙ୍କ ଅବସର ଗ୍ରହଣ ଆମ ସମସ୍ତଙ୍କ ପାଇଁ ହୋଇପାରେ ଦୁଃଖଦ ଘଟଣା । ମାତ୍ର ସମୟର ନିର୍ଦ୍ଦେଶ ଓ ନିୟମ ପାଳନ ପୂର୍ବକ ଆମ୍ଭେ ସମସ୍ତେ ତାଙ୍କର ଆଗାମୀ ନିରାମୟ ଜୀବନ କାମନା କରିବା ଉଚିତ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଦୁଇଜଣଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ଅବସରରେ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡା ଓ ଏବିଇଓ ଶ୍ରୀମତୀ ଦାସ ସନ୍ତୋଷ ପ୍ରକାଶ ସହ ଚାକିରୀ କାଳ ମଧ୍ୟରେ ନିଜ ନିଜର ଅନୁଭୂତି, ସହଯୋଗୀ କର୍ମଚାରୀଙ୍କ ଉତ୍ତମ ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ । ଆରତୀ ଦାସ, ସ୍ନେହଲତା ରଥ, ଅନିମା ମିଶ୍ର, ଅସ୍ମିତା ସାହୁ, ନିଲିୟମ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ରହି ବିଦାୟୀ ଶିକ୍ଷୟିତ୍ରୀ ଓ ଏବିଇଓଙ୍କ ସହ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ । ଶିକ୍ଷୟିତ୍ରୀ ସୁରମା ନନ୍ଦ ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୀତାଞ୍ଜଳି ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ରଖିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କିଥିଲେ ।

## ଝରାଫୁଲକୁ ନ୍ୟାୟ ଦାବିରେ ୧୦ ତାରିଖରୁ କଲେଜ ବନ୍ଦ କରିବ ଭଞ୍ଜସେନା

ବାରିପଦା,୨୭।୦୨ (ନି.ପ୍ର): ମୟୂରଭଞ୍ଜର ମେଧାବୀ ଛାତ୍ରୀ ଝରାଫୁଲର ହତ୍ୟାକୁ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ତାକୁ ନ୍ୟାୟ ମିଳିପାରିନାହିଁ । ମୁଖ୍ୟ ଅଭିଯୁକ୍ତ ରାକେଶର ସହଯୋଗିକୁ ମଧ୍ୟ ପୋଲିସ ଗିରଫ କରିପାରିନାହିଁ । ଏଣୁ ଗିଗତ ହିଛିଦିନ ତଳେ ଜିଲ୍ଲାର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନାର କର୍ମକର୍ତ୍ତା ମାନେ ଝରାଫୁଲ ଘରକୁ ଯାଇ ତାଙ୍କ ପରିବାର ବର୍ଗଙ୍କ ସହିତ ଆଲୋଚନା କରିଥିଲେ । ତେବେ ଅଦ୍ୟାବଧି ପୋଲିସ ତଦନ୍ତରେ ଗତିଶୀଳତା ଉପଲବ୍ଧ ହେଉନଥିବାରୁ ଏବାବଦରେ ଭଞ୍ଜସେନାର ସମସ୍ତ ସବଡିଭିଜନ ଓ ବ୍ଲକ କମିଟି କର୍ମକର୍ତ୍ତାଙ୍କୁ ନେଇ ଆଗାମୀ କାର୍ଯ୍ୟପନ୍ଥା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ, ଝରାଫୁଲକୁ ନ୍ୟାୟ ଯୋଗାଇ ଦେବା ଦାବୀରେ ଆସନ୍ତା ମାର୍ଚ୍ଚ ୧୦ ତାରିଖ ଦିନ ଜିଲ୍ଲାର ସମସ୍ତ କଲେଜ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟକୁ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଯେତେଦିନ ପର୍ଯ୍ୟନ୍ତ ଝରାଫୁଲକୁ ନ୍ୟାୟ ନମିଳିଛି, ସେତେଦିନ ପର୍ଯ୍ୟନ୍ତ ସମୟ କ୍ରମେ ଭଞ୍ଜସେନା ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ସେନାର ସଭାପତି ପିଂଟୁ ମାଇତି କହିଛନ୍ତି । ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ସତ୍ୟ ସ୍ୱରୂପ ଦାଶ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ଉପାଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ନିମାଇଁ ତ୍ରିପାଠୀ, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ଯୁବ ସଭାପତି ମାନସ ବେହେରା, ଛାତ୍ର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସମ୍ପାଦକ ସେକ ରାଜା ଖାନ, କାଜଲ ମହାନ୍ତ, କରଞ୍ଜିଆ, ଅଞ୍ଜନ ବରାଳ , ରାଇରଙ୍ଗପୁର ପ୍ରମୁଖଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୧ ଗିରଫ, ୭୪୧ ବାହନ ଜବତ

ଭୁବନେଶ୍ୱର,୨୭।୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୪୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୪,୯୪,୩୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# କୋଭିଡ ନିୟମ ଉଲଘଂନ ଅଭିଯୋଗରେ ୫ଦୋକାନ ସିଲ




ବାରିପଦା,୨୭।୦୨ (ନି.ପ୍ର): କୋଭିଡ ନିୟମ ଉଲଘଂନ ଅଭିଯୋଗରେ ଆଜି ସଂଧ୍ୟାରେ ବାରିପଦାରେ ୫ଟି ଦୋକାନ ସିଲ କରାଯାଇଥିବାର ଜଣାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ କୋଭିଡ ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିୟମ କଡାକଡି ପାଳନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଆଜି ସକାଳ ୬ରୁ ସଂଧ୍ୟା୬ଟା ପର୍ଯ୍ୟନ୍ତ ଭାରତ ବନ୍ଦ ଥିବା ବେଳେ ସନ୍ଧ୍ୟା ସମୟରେ ଦୋକାନ ବଜାର ଖୋଲା ରହିଥିଲା । ତେବେ ସନ୍ଧ୍ୟା ସମୟରେ ଦୋକାନ ନିକଟରେ କୋଭିଡ ନିୟମକୁ ଉଲଂଘନ କରି ବ୍ୟବସାୟ କରାଯାଉଥିବା ଦେଖିବାକୁ ମିଳିଥିଲା । ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପରିଦର୍ଶନରେ ଆସିଥିବା ବେଳେ କୋଭିଡ ଏସଓପିକୁ ଅବମାନନା କରୁଥିବାର ଦେଖି ବାରିପଦା ଟାଉନ ପୋଲିସ ସହାୟତାରେ ବାରିପଦା ତହସିଲଦାରଙ୍କ ଉପସ୍ଥିତିରେ କୋଭିଡ ନିୟମ ଉଲଂଘନ ଅଭିଯୋଗରେ ମୋଟ ୫ଟି ଦୋକାନ ଯଥା କୃଷ୍ଣଚନ୍ଦ୍ର ଗୋଲେଇ ଅଂଚଳର ଦୀପକ ଚୌଧୁରୀଙ୍କ ଚାହା ଦୋକାନ, ଶ୍ରୀକାନ୍ତ ବେହେରାଙ୍କ ପାନ ଦୋକାନ, ମହେଶ୍ୱର ମହାକୁଡ଼ଙ୍କ ପାନ ଦୋକାନ, ଦେବାଶିଷ ବେହେରାଙ୍କ ଡ୍ରାଇଫୁଡ ଦୋକାନ ଓ ଅଭୟ ଦାସଙ୍କ ଅଭୟ ଚାହା ଦୋକାନକୁ ପୋଲିସ ପକ୍ଷରୁ ସିଲ କରାଯାଇ ଡିାର ନଂ ୧୦୪୧ ତା ୨୬.୨.୨୧ ରିଖ ମୂଳେ ବାରିପଦା ଉପଜିଲ୍ଲାପାଳଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି । ବାରିପଦା ସହରର କୃଷ୍ଣଚନ୍ଦ୍ର ଗୋଲେଇ, ମେନ ମାର୍କେଟ, ହସ୍ପିଟାଲ ରୋଡ଼, ଭଂଜପୁର ଅଂଚଳରେ ଅନ୍ୟ ଦୋକାନୀ ମାନଙ୍କୁ ନିୟମ କଡାକଡି ପାଳନ କରିବାକୁ ସତର୍କ ସୂଚନା ଦିଆଯାଇଥିବା ସୂଚନା ଦେଇଛନ୍ତି ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ।

# ଉଦାହରଣ ସୃଷ୍ଟି କରିଛି ବଳଭଦ୍ରପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର



ଉଦଳା, ୨୭/୦୨(ନି.ପ୍ର)- ମୟୂରଭଞ୍ଜ ଜିଲ୍ଲାର ଉଦଳା ସହର ଠାରୁ ୧୫ କିମି ଦୂର ପଶ୍ଚିମ ଦିଗକୁ ଅର୍ଥାତ ଦେବକୁଣ୍ଡ ରାସ୍ତାରେ ଗଲେ ପଡ଼ିବ କୁଣ୍ଡାବାଇ ଗ୍ରାମପଞ୍ଚାୟତ । ଏହି ପଞ୍ଚାୟତ ଅଧିନରେ ରହିଛି ଏକ ଗ୍ରାମ ଜାହାର ନାମ ବଳଭଦ୍ରପୁର । ସମ୍ପୂର୍ଣ୍ଣ ଆଦିବାସୀ ଅଧୁଷିତ ଏହି ଅଞ୍ଚଳ ମାନଙ୍କରେ ଥିବା ଗ୍ରାମ ଗୁଡ଼ିକ ଉପରେ ସରକାରୀ ବାବୁ ମାନଙ୍କର ବେଶ ଭଲଭାବରେ ନଜର ପଡ଼େ । କାରଣ ଏହି ରାସ୍ତା ଦେଇ ନିୟମିତ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ମାନଙ୍କର ସୁଅଛୁଟେ ଶିମିଳିପାଳର ଅନ୍ୟ ଏକ ସୌନ୍ଦର୍ଯ୍ୟର ଗନ୍ତାଘର ଦେବକୁଣ୍ଡ ଦେଖିବା ପାଇଁ । ତେଣୁ ଏ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନର ସମସ୍ତ କଥା ପ୍ରାୟ ସରକାରୀ ବାବୁ ମାନଙ୍କର ନଜରରେ ଥାଏ । ଏ ଅଞ୍ଚଳର ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ, ଶିକ୍ଷୟତ୍ରୀଙ୍କର ଅଭାବ ନାହିଁ । ଅଧିକାଂଶ ବିଦ୍ୟାଳୟରେ ଛାତ୍ରବାସର ସୁବିଧା ମଧ୍ୟ ରହିଛି । କିନ୍ତୁ ଏଠାରେ ଶିକ୍ଷାର ଗୁଣାତ୍ମକ ମାନ ଏତେ ନିମ୍ନମାନର ଯେ ତାହା ଏଠାକୁ ଆସି ଦେଖିନଗଲେ ବିଶ୍ୱାସ କରିହେବ ନାହିଁ । ମୋଟା ଅଙ୍କରେ ଦରମା ନେଉଥିବା ସରକାରୀ ଶିକ୍ଷକ, ଶିକ୍ଷୟତ୍ରୀ ମାନେ କେବଳ ତାଙ୍କର ଚାକିରି ବଞ୍ଚାଇବା ପାଇଁ ପାଠ ପଢ଼ାଉଛନ୍ତି ତାହା ଏଠାକୁ ଆସି ଦେଖିଗଲେ ବେଶ ଭଲଭାବରେ ବୁଝି ହେବ । ଏତିକି ବେଳେ ବଳଭଦ୍ରପୁର ଗ୍ରାମର ଜଣେ ସ୍ଥାୟୀ ବାସିନ୍ଦା ବିଜୟ କୁମାର ମିଶ୍ର ଗ୍ରାମବାସୀଙ୍କୁ ବୈଠକ ଡ଼ାକି ତାଙ୍କର ନିଜସ୍ୱ ଉଦ୍ୟମରେ ଗଢ଼ିଛନ୍ତି ଏକ ଘରୋଇ ବିଦ୍ୟାଳୟ ଯାହାର ନାମ ରଖିଛନ୍ତି ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର । ଚଳିତ ବର୍ଷକୁ ଏହି ବିଦ୍ୟାଳୟର ବୟସ ୬ ବର୍ଷ ପୁରିଲା । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲା ଯାଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ମୋଟ ଛାତ୍ର ଛାତ୍ରୀ ସଂଖ୍ୟା ୪୧ ଅଟେ । ମୋଟ ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଶିକ୍ଷାଦାନ କାର୍ଯ୍ୟରେ ଲିପ୍ତ ଅଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଚଳିତ ବର୍ଷ ଏହି ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ୨ ଜଣ ଓ ତୃତୀୟ ଶ୍ରେଣୀରେ ୩ ଜଣ ମୋଟ ୫ ଜଣ ଛାତ୍ର ଛାତ୍ରୀ ସ୍କଲରସିପ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ପଞ୍ଚମଶ୍ରେଣୀରେ ୨ ଜଣ ପିଲା ନବଦ୍ୱୟ ବିଦ୍ୟାଳୟରେ ପଢ଼ିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିଧାନସଭାରେ ଶ୍ରୀମନ୍ଦିର ....

ପ୍ରଥମେ ମହାପ୍ରଭୁଙ୍କର ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ ସଂପୂର୍ଣ୍ଣ କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେଇ କାମ କରିବା ଏବଂ କାମ ଶୀଘ୍ର ଶେଷ କରିବା ପାଇଁ ନିଷ୍ଠାର ସହିତ ଉଦ୍ୟମ କରିବା । ପ୍ରତ୍ୟେକ ଓଡିଆ, ପ୍ରତି ଜଗନ୍ନାଥ ପ୍ରେମୀ ସମସ୍ତଙ୍କ ହୃଦୟରେ ଗୋଟିଏ ଇଚ୍ଛା, ମହାପ୍ରଭୁଙ୍କର ଏହି କାର୍ଯ୍ୟରେ ସାମିଲ ହେବା ତଥା ଏଥିରେ ନିଜର କିଛି ଅବଦାନ ରଖିବା । ଏଥିପାଇଁ ଆମେ ସମସ୍ତଙ୍କୁ ସୁଯୋଗ ଦେବା ଏବଂ ଶ୍ରୀମନ୍ଦିର ପରିକ୍ରମା ଯୋଜନା ପାଇଁ ତ୍ୟାଗ କରିଥିବା ପୁରୀବାସୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଆ ଜାତିର ସବୁଠାରୁ ବଡ ପରିଚୟ ହେଉଛନ୍ତି ଶ୍ରୀଜଗନ୍ନାଥ । ଆମ ଇତିହାସ, ସଂସ୍କୃତି, ପରମ୍ପରା ଓ ଆମ ବିଶ୍ୱାସ ସବୁ କିଛି ମହାପ୍ରଭୁଙ୍କୁ କେନ୍ଦ୍ର କରି ଗଢି ଉଠିଛି । ସେ ହେଉଛନ୍ତି ଓଡିଆ ଅସ୍ମିତାର ପ୍ରତୀକ । ଆମର ସୌଭାଗ୍ୟ ଯେ ଆମ ସମୟରେ ହିଁ ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ସେ ଆମକୁ ସୁଯୋଗ ଦେଇଛନ୍ତି । ଗଜପତି ମହାରାଜାଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବିଭିନ୍ନ ଷ୍ଟେକ୍ ହୋଲଡରସହିତ ବହୁବାରଆଲୋଚନା ପରେ ଶ୍ରୀମନ୍ଦିର ପରିକ୍ରମା ପ୍ଲାନ୍ ପ୍ରସ୍ତୁତ କରିଛି । ସାଧାରଣଭାବେ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଥାନ୍ତି । ମୁଁ ଦୃଢ ବିଶ୍ୱାସ କରେ ଯେ ଏହି ଯୋଜନା କେବଳ ସରକାରଙ୍କର ନୁହେଁ, ଶ୍ରୀମନ୍ଦିର ପ୍ରଶାସନର ମଧ୍ୟ ନୁହେଁ । ଏ ଯୋଜନା ହେଉଛି ସାଢେ ଚାରିକୋଟି ଓଡିଶାବାସୀଙ୍କର ନିଜ ଯୋଜନା ଏବଂ ଏହି ପବିତ୍ର ଗୃହ ସାଢେ ଚାରିକୋଟି ଓଡିଆଙ୍କର ପ୍ରତିନିଧିତ୍ୱ କରୁଛି । ତେଣୁ ଆପଣମାନଙ୍କ ଜରିଆରେ ଓଡିଶାର ଜନସାଧାରଣଙ୍କ ନିକଟରେ ଶ୍ରୀମନ୍ଦିର କରିଡର ପ୍ଲାନ୍ ଉପସ୍ଥାପନ କରି ନିଜକୁ ଧନ୍ୟ ମନେକରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହା ହେଉଛି ଓଡିଆ ଜାତି ପାଇଁ ତଥା ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ ମୂହୁର୍ତ୍ତ । ଏଭଳି ସୁଯୋଗ ବହୁତ କମ୍ ଆସେ । ଶ୍ରୀମନ୍ଦିର ହେଉଛି ଆମର ଅଧ୍ୟାତ୍ମିକ ଐତିହ୍ୟର କେନ୍ଦ୍ର ଯାହାକି ପୁରୁଷ ପୁରୁଷ ଧରି ଉତରାଧିକାରୀ ସୂତ୍ରରେ ଆମେ ପାଇଛେ । ଏହି ଅମୂଲ୍ୟ ସମ୍ପଦକୁ ଆମେ ଉତରାଧିକାରୀ ସୂତ୍ରରେ ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସାଇତି ରଖିଛୁ ।ଏହି ଭାବନା ନେଇ ଆମକୁ ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ ଦେଖିବାକୁ ହେବ ଏବଂ ମିଳିତ ଭାବରେ କାମ କରି ତାକୁ ସାକାର କରିବାକୁ ହେବ ବୋଲି ସେ କହିଥିଲେ । ଏହି ସଂକଳ୍ପକୁ ବିରୋଧୀ ବିଜେପି ଓ କଂଗ୍ରେସ ମଧ୍ୟ ସମର୍ଥନ ଜଣାଇବା ସହ ମତାମତ ରଖିଥିଲେ । ଏହାପରେ ସଂକଳ୍ପ ସମ୍ପର୍କରେ ସୂଚନା ଦେବା ପରେ ତାହା ପାରିତ ହୋଇଥିଲା ।

## ମାର୍ଚ୍ଚ ମାସର କରୋନା....

ଏଥିପାଇଁ ୟୁଜିସି, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ଜାରି ଗାଇଡଲାଇନ ପାଳନ କରିବାକୁ ହେବ । ତେବେ ଅନଲାଇନ ଶିକ୍ଷାଦାନ ଓ ପରୀକ୍ଷା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି । ପୂର୍ବରୁ ଯାତ୍ରା ପରିବେଷଣ ଉପରେ କଟକଣା ଜାରି ହୋଇଥିବା ବେଳେ ମାର୍ଚ୍ଚ ମାସରୁ କରୋନା କଟକଣା ମଧ୍ୟରେ ୨୦୦୦ ଲୋକଙ୍କୁ ନେଇ ଯାତ୍ରାର ଆୟୋଜନ କରିବାକୁ ଅନୁମତି ଦିଆଯାଇଛି । ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଅବଲମ୍ବନ କରି ପରସ୍ପର ମଧ୍ୟରେ ୬ ଫୁଟର ଦୂରତା ରଖିବାକୁ ଗାଇଡଲାଇନରେ କୁହାଯାଇଛି । ଏଥିରେ ପ୍ରବେଶ ପୂର୍ବରୁ ଥର୍ମାଲ୍ ସ୍କ୍ରିନିଂ କରାଯିବା ଏବଂ ଦର୍ଶକ ବସିବା ପାଇଁ ପଡ଼ିଥିବା ଚେୟାର ମଧ୍ୟରେ ୬ଫୁଟର ଦୂରତା ରଖିବାକୁ କୁହାଯାଇଛି । ସଂକ୍ରମଣକୁ ଏଡ଼ାଇବା ପାଇଁ ଅନଲାଇନ ଟିକେଟ ବୁକିଂ କରିବାକୁ କୁହାଯିବା ସହ ଏକାଧିକ ଟିକେଟ ବୁକିଂ କାଉଂଟର ଖୋଲିବାକୁ କହିଛନ୍ତି ରାଜ୍ୟ ସରକାର । ଏଥସହ ସହ କରୋନା ଲକ୍ଷଣ ଥିବା ଲୋକଙ୍କୁ ଭିତରକୁ ନ ଛାଡ଼ିବା ପାଇଁ କଡା ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାର ଗତ ଫେବ୍ରୁଆରି ମାସର ଗାଇଡଲାଇନରେ ୫୦୦ ଲୋକଙ୍କୁ ନେଇ ଯାତ୍ରା କରିବାକୁ ଅନୁମତି ଦେଇଥିଲେ । ହେଲେ ସ୍ଥାନୀୟ ପ୍ରଶାସନ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବା କାରଣ ଦର୍ଶାଇ ଯାତ୍ରା ପାଇଁ ଅନୁମତି ଦେଇ ନଥିଲେ । ଏ ନେଇ ସରକାର ତୁରନ୍ତ ଦୁଇ ହଜାର ଦର୍ଶକରେ ମଂଚ ଖୋଲିବାକୁ ଅନୁମତି ଦେବାକୁ ଦାବି କରି ଫେବ୍ରୁଆରି ୨୩ରେ ଯାତ୍ରା କଳାକାର ଓ କର୍ମଚାରୀ ସଂଘ ପକ୍ଷରୁ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଅପରପକ୍ଷରେ ପୂର୍ବଭଳି ବାହାଘର ଓ ଅନ୍ତିମ ସଂସ୍କାରରେ ସର୍ବାଧିକ ୫୦୦ ଜଣ ସାମିଲ ହୋଇପାରିବେ । ବାହାଘର ଓ ଶୁଦ୍ଧିକ୍ରିୟାରେ କରୋନା ଗାଇଡ଼ଲାଇନ୍ ପାଳନ ହେଉଛି କି ନାହିଁ ତାହା ଆୟୋଜକ ଯାଂଚ କରିବେ । ଯେଉଁମାନେ ମାସ୍କ ପିନ୍ଧି ନ ଥିବେ, ଆୟୋଜକ ସେମାନଙ୍କୁ ମାସ୍କ ଯୋଗେଇ ଦେବେ । ସବୁ ପ୍ରବେଶ ପଥରେ ରହି ଅତିଥିମାନେ ମାସ୍କ ପରିଧାନ କରିଛନ୍ତି କି ନାହିଁ ତାହା ଆୟୋଜକ ଯାଂଚ କରିବେ । କଂଟେନମେଂଟ ଜୋନ୍ ବାହାରେ ସାମାଜିକ, ଧାର୍ମିକ, ରାଜନୈତିକ, କ୍ରୀଡ଼ା, ମନୋରଂଜନ, ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇପାରିବ । କିନ୍ତୁ ଏସବୁ ସମାବେଶରେ ଗୋଟିଏ ସ୍ଥାନରେ ୫୦୦ରୁ ଅଧିକ ଲୋକ ଏକତ୍ର ହୋଇପାରିବେ ନାହିଁ । ସମାରୋହରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବ । ସେହିପରି ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜର ବ୍ୟବହାରକୁ ବାଧ୍ୟତାମୂଳକ କରାଯିବ । ଗାଇଡଲାଇନ ଅନୁଯାୟୀ ମୁନିସପାଲ୍ କମିସନର ଅଥବା ଜିଲ୍ଲା ପ୍ରଶାସନ କଂଟେନମେଂଟ ଜୋନ୍ ଗୁଡ଼ିକୁ ଚିହ୍ନଟ କରିବେ ଏବଂ ଏହି କଂଟେନମେଂଟ ଜୋନ୍ ଗୁଡିକର ସୂଚନା ସମ୍ପୃକ୍ତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଦେବେ । ଏହା ସହ ଜିଲ୍ଲାପାଳ ଏବଂ ରାଜ୍ୟ ସରକାର ନିଜ ନିଜ ୱେବସାଇଟରେ ଏହି ସୂଚନା ପ୍ରଦାନ କରିବେ ବୋଲି ଗାଇଡଲାଇନରେ କୁହାଯାଇଛି ।

## ଓଡିଶାରେ ବଢୁଛି ଦୈନିକ ....

ସଂକ୍ରମଣ ପ୍ରବଣ ରାଜ୍ୟରୁ ଫେରୁଥିବା ପ୍ରବାସୀଙ୍କ ପାଇଁ ସାମାନ୍ୟ ନିୟମ ବଦଳିଛି । ଏଣିକି ୫ଟି ରାଜ୍ୟରୁ ଫେରୁଥିବା ଲୋକଙ୍କ ଉପରେ ନଜର ରହିବ । ମହାରାଷ୍ଟ୍ର, କେରଳ, ପଂଜାବ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଫେରନ୍ତାଙ୍କ ଉପରେ ନଜର ରଖିବାକୁ କୁହାଯାଇଛି । ବିମାନବନ୍ଦର ଓ ରେଳଷ୍ଟେସନରେ ଯାଂଚ ବ୍ୟବସ୍ଥାକୁ କଡାକଡ଼ି କରାଯିବ । ସମସ୍ତ ଯାତ୍ରୀଙ୍କର ଥର୍ମାଲ ସ୍କ୍ରିନିଂ କରାଯିବ । ଯଦି କୌଣସି ଯାତ୍ରୀଙ୍କ ଠାରେ ଲକ୍ଷଣ ରହିଥିବ, ତେବେ ସାଙ୍ଗେ ସାଙ୍ଗେ ରାପିଡ୍ ଆଂଟିଜେନ୍ ଟେଷ୍ଟ କରାଯିବ । ସେହିପରି ୭୨ ଘଂଟା ଭିତରେ ଆରଟିପିସିଆର ପରୀକ୍ଷା କରାଇଥିଲେ ୭ ଦିନିଆ ସଂଗରୋଧରେ ରହିବେ ନାହିଁ ଯାତ୍ରୀ । ଏଥିସହ କୋଭିଡ ଟିକା ନେଇ ପ୍ରମାଣ ପତ୍ର ପାଇଥିଲେ ସଂଗରୋଧରେ ରହିବା ଅନାବଶ୍ୟକ । ଏହାବାଦ ଅନ୍ୟ ଯାତ୍ରୀମାନେ ୭ ଦିନିଆ ହୋମ ଆଇସୋଲେସନରେ ରହିଥିବା ବେଳେ ଯଦି ଲକ୍ଷଣ ଦେଖାଦିଏ, ତେବେ ଆରଟିପିସିଆର ଟେଷ୍ଟ ପାଇଁ ସେମାନଙ୍କ ନମୂନା ପଠାଯିବ । ଏଥିରେ ପଜିଟିଭ୍ ଚିହ୍ନଟ ହେଲେ, କରୋନା ପ୍ରୋଟୋକଲ ଅନୁଯାୟୀ ଚିକିତ୍ସା କରାଯିବ । କରୋନାର ଦ୍ୱିତୀୟ ଲହରୀ ଆସିଲେ, ଏହା ଅଧିକ ସଂକ୍ରମକ ହେବ ବୋଲି କହିଛନ୍ତି ବିଶେଷଜ୍ଞ । ଏଥିସହ ନୂଆ ଷ୍ଟ୍ରେନ୍ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଗତ ୨୪ ଘଂଟାରେ ଦେଶରେ ୧୬,୪୮୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ କେବଳ ମହାରାଷ୍ଟ୍ରରେ ୮,୩୩୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବାରଣାସୀ ଖିଡକିଆ ....

ତୈଳ କମ୍ପାନୀ ଇଣ୍ଡିଆନ ଅଏଲ କାର୍ଯ୍ୟ କରୁଛି । ଅପାର ସମ୍ଭାବନାର ଅଂଚଳ କାଶୀ ସମସ୍ତଙ୍କ ଶ୍ରଦ୍ଧାର କେନ୍ଦ୍ର । ଏକବିଂଶ ଶତାବ୍ଦୀରେ ସମସ୍ତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସରକାର ପ୍ରାଥମିକତା ଦେଉଥିବା ବେଳେ ବାରଣାସୀରେ ମଧ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ସୁଦୃଢ କରାଯାଉଛି । ଆଗାମୀ ଦିନରେ ଏଠାରେ ଧାର୍ମିକ, ବ୍ୟବସାୟ, କୃଷି ଆଧାରିତ ପର୍ଯ୍ୟଟନକୁ ଗୁରୁତ୍ୱ ଦେବା ଦିଗରେ ପଦକ୍ଷେପ ନିଆଯାଉଥିବା କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଏହି ଦୁଇଦିନିଆ ବାରଣାସୀ ଗସ୍ତକାଳରେ ଶ୍ରୀ ପ୍ରଧାନ କାଶୀ ଠାରେ ଥିବା ଦୀନଦୟାଲ ଉପାଧ୍ୟାୟ ସ୍ମୃତିସ୍ଥଳ ଗସ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ମହାମ ସନ୍ଥ, କବି ରବିଦାସଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କ ଜନ୍ମସ୍ଥାନ ସିର ଗୋବର୍ଦ୍ଧନପୁର ଗସ୍ତ କରି ରବିଦାସ ମନ୍ଦିର ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଶ୍ରୀମନ୍ଦିର ଚାରିପଟେ ଐତିହ୍ୟ....

କହିଛନ୍ତି, ବିକାଶ କାମ ହେଉ, କିନ୍ତୁ ବେଆଇନ ଭାବରେ ନୁହେଁ । ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ବିକାଶ କାମ ପାଇଁ ଏନଏମଏ ଓ ଏଏସଆଇର ଅନୁମତି କାହିଁକି ନିଆଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଏପରିକି ଐତିହ୍ୟ କରିଡର ନିର୍ମାଣ ସମ୍ପର୍କରେ ଅଭିଜ୍ଞତା ନଥିବା ଏକ ଠିକା ସଂସ୍ଥାକୁ କାମ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ବଡ଼ କଥା ହେଉଛି କିଛି ଦିନ ତଳେ ଜାତୀୟ କିର୍ତିରାଜି କର୍ତୃପକ୍ଷଙ୍କ ପ୍ରସ୍ତାବିତ ବାଇ–ଲ କୁ ବିରୋଧ ହେବା ପରେ ଏହାକୁ ହଟାଇ ନିଆଯାଇଛି । ଓଡ଼ିଶା ସରକାର ଶ୍ରୀମନ୍ଦିର ଚାରିପଟେ ଚଳାଇଥିବା ବିକାଶ କାମକୁ ଏହା ପ୍ରଭାବ କରିବ ବୋଲି ତୀବ୍ର ବିରୋଧ କରାଯାଇଥିଲା । କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରସ୍ତାବିତ ବାଇ–ଲକୁ ହଟାଇ ନେଇଥିବା ବେଳେ, ରାଜ୍ୟ ସରକାରଙ୍କ ବିକାଶ କାମକୁ ବେଆଇନ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ।

## ଉପଗ୍ରହ ଆମାଜୋନିଆ-୧ ....

ଶ୍ରୀ ଶକ୍ତି ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ଶ୍ରୀପେରୁମ୍ବୁଦୁରର ଜେପିଆର ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ ନାଗପୁରର ଜିଏଚ୍ ରାଇସୋନି କଲେଜ ଅଫ୍ ଇଞ୍ଜିନିୟରିଂ ଆଦି ୩ ଟି କଲେଜ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ହୋଇଥିବା ୟୁନିସାଟ୍ ର ମଧ ଉତକ୍ଷେପଣ କରାଯିବ । ଅନ୍ୟ ଉପଗ୍ରହ ମଧ୍ୟରେ ଭାରତର ସିନ୍ଧୁନେତ୍ର, ଆମେରିକାର ସାଇ-୧ ନାନୋକନେକ୍ଟ-୨ , ୧୨ ଟି ସ୍ପେସ୍ ବିଇଇ ଉପଗ୍ରହ ରହିଛି । ଆସନ୍ତାକାଲି ଏହି ଉପଗ୍ରହ ଗୁଡିକର ଯଦି ସଫଳ ଉତକ୍ଷେପଣ ହେବ ତାହେଲେ ଭାରତ ଇତିହାସ ରଚିବ । ଗୋଟିଏ ଥରରେ ମହାକାଶକୁ ଏତେ ପରିମାଣର ଉପଗ୍ରହ ପଠାଇବା ଭଳି ସଫଳତା ଭାରତକୁ ମିଳିବ ।

## ଘରୋଇ ହସ୍ପିଟାଲରେ ୨୫୦ଟଙ୍କାରେ....

ଦେଶରେ କିଛି ରାଜ୍ୟରେ ପୁଣି କରୋନା ତା'ର କାୟା ବିସ୍ତାର କରିଛି । ମହାରାଷ୍ଟ୍ରରେ ପୁଣି କରୋନାର ଲହର ଦେଖିବାକୁ ମିଳିଛି । ଦୈନିକ ଦେଶରେ ଚିହ୍ନଟ ହେଉଥିବା ସଂକ୍ରମିତଙ୍କ ମଧ୍ୟରୁ ଅଧା ସଂକ୍ରମିତ କେବଳ ମହାରାଷ୍ଟ୍ରରୁ ଚିହ୍ନଟ ହେଉଛନ୍ତି । ଏହାସହ ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ, ଗୁଜୁରାଟରେ ବି କରୋନା ପୁଣି ଥରେ କର ଲେଉଟାଉଥିବା ଦେଖିବାକୁ ମିଳିଛି ।

## ଆନ୍ଦୋଳନକାରୀ କୃଷକ କରିବେ ....

କୌଣସି ନିଷ୍କର୍ଷ ବାହାରି ପାରିନାହିଁ । ହେଲେ କୃଷକ ମାନେ ଆନ୍ଦୋଳନରୁ ଓହ୍ଲରିବାକୁ ପ୍ରସ୍ତୁତ ନାହାନ୍ତି । ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଟ୍ରାକ୍ଟର ରାଲି କରି ସରକାରଙ୍କ ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ କୃଷକ ସଂଗଠନ ମାନେ । ଏହା ଏହା ବି ଫଳପ୍ରଦ ନ ହେବାରୁ ଏବେ ସାଇକେଲ ରାଲି କରି ସରକାରଙ୍କ ଉପରେ ଚାପ ପକାଇବାକୁ ଚେଷ୍ଟା କରାଯାଉଥିବା ଅନୁମାନ କରାଯାଉଛି ।

ରବିବାର, ୨୮ ଫେବୃଆରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଐତିହ୍ୟର ସୁରକ୍ଷା ନିମନ୍ତେ ଆଗେଇ ଆସିଲେ ଯୁବଗୋଷ୍ଠୀ

ବାରିପଦା,୨୭।୦୨ (ନି.ପ୍ର): ପୂର୍ବର ଗଡଜାତ ରାଜ୍ୟ ତଥା ବର୍ତ୍ତମାନର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜର ଇତିହାସ ଓ ଐତିହ୍ୟ ଯୁବପିଢ଼ିଙ୍କ ନିମନ୍ତେ ପ୍ରେରଣାର ସ୍ରୋତ ହୋଇରହିଛି। ଏହି ଐତିହ୍ୟରୁ ଅନେକ କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହୋଇ ପଡିଛି। ଅନେକ ସମୟରେ ବହୁ ସ୍ୱତନ୍ତ୍ର ଦିବସ ପାଳନରେ ବହୁ ଅର୍ଥ ଖର୍ଚ୍ଚ କରାଯାଉଥିବା ବେଳେ ଜିଲ୍ଲାର ବହୁ କୀର୍ତ୍ତିରାଜି ଅଲୋଡା ହୋଇ ପଡିରହିବା ବେଶ୍ ଦୁଃଖ ଦାୟକ। ଏହିଭଳି ସମୟରେ ଜିଲ୍ଲାର ଐତିହ୍ୟ ଓ ଐତିହାସିକ ସ୍ଥଳ ଗୁଡିକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ଏଗୁଡିକର ପ୍ରଚାର ପ୍ରସାର ନିମନ୍ତେ ଆଗେଇ ଆସିଛନ୍ତି ମୟୂରଭଞ୍ଜର ଯୁବପିଢୀ। ମୟୂରଭଞ୍ଜର ଡୁକୁରା ଅଂଚଳରେ ରହିଥିବା ଐତିହାସିକ ନାଉପାଳ ଲୁହା ପୋଲଟି ଦୀର୍ଘ ଦିନ ଧରି ଲଟାବୁଦା ଭିତରେ ପଡି ରହିଥିବା ସହ ବିଭିନ୍ନ ଅନାବନା ଗଛ ବଢି ଏହି ଐତିହାସିକ ପୋଲଟିର ସୁରକ୍ଷା ନିମନ୍ତେ ଆହ୍ୱାନ ସୃଷ୍ଟି କରୁଥିଲା। ଆଜି ମୟୂରଭଞ୍ଜ ଲଭର୍ସ ଗ୍ରୁପର ସଦସ୍ୟ ମାନେ ଏହାକୁ ପରିଷ୍କାର କରିବା ସହ, ଲଟାବୁଦା ଓ ଅଦରକାରୀ ଗଛ ଗୁଡିକୁ ସଫା କରିଥିଲେ। ସାମ୍ବାଦିକ ଭବାନୀ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଜୟପ୍ରକାଶ ସିଂହ, ଭୀମସେନ ଦେ, କୁମାରେଶ୍ ନାୟକ, କିଶୋର କୁମାର ମହାନ୍ତି, ନିହାର ରଞ୍ଜନ ନନ୍ଦ, ସୁଶ୍ରୀ ନାୟକ, ରଶ୍ମିତା ପରିଡା, ଶ୍ରୁତି ସ୍ୱପ୍ନା, ସୁମନ ବାରିକ, ରାମଚନ୍ଦ୍ର ସାହୁ, କୈଳାଶ ଗିରି, ସଞ୍ଜୟ ମହାରଣା, ହିମାଂଶୁ ମହାନ୍ତ, ପ୍ରୟାସ ମହାପାତ୍ର ପ୍ରମୁଖ ଏହି ସଫେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହ ଜିଲ୍ଲାର ଯୁବ ବର୍ଗଙ୍କୁ ଏହିଭଳି କାର୍ଯ୍ୟକରିବା ନିମନ୍ତେ ଉତ୍ସାହିତ କରିଛନ୍ତି। ଜିଲ୍ଲାର ବିଭିନ୍ନ ଅଂଚଳରେ ରହିଥିବା ଐତିହ୍ୟ ସ୍ଥଳ ଗୁଡିକୁ ପହଂଚିବା ସମ୍ଭବ ହେଉନଥିବାରୁ ସମ୍ପୃକ୍ତ ଅଂଚଳର ଜନସାଧାରଣ ଆଗକୁ ଆସି ଏହି କୀର୍ତ୍ତିରାଜି ଗୁଡିକୁ ସୁରକ୍ଷା ପ୍ରଦାନ କରି ଉତ୍ତରପିଢି ନିମନ୍ତେ ଏହାକୁ ସାଇତି ରଖିବାକୁ ଆହ୍ୱାନ ଜଣାଇଛନ୍ତି। ଆଗକୁ ମଧ୍ୟ ଏ ପ୍ରକାର କାର୍ଯ୍ୟକ୍ରମ ଜାରି ରହିବ ବୋଲି ମୟୂରଭଞ୍ଜ ଲଭର୍ସର ସଦସ୍ୟ କୁମାରେଶ୍ ନାୟକ ପ୍ରକାଶ କରିଛନ୍ତି।

## କଂଗ୍ରେସ ଅଫିସ ଗଳିରେ ଜବରଦଖଲ ଉଚ୍ଛେଦ

ବାଲେଶ୍ୱର,୨୭।୦୨ (ନି.ପ୍ର): ଗତ କିଛିଦିନ ଧରି ସହରର ବିଭିନ୍ନ ଅଞ୍ଚଳରେ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ପ୍ରଶାସନ ପକ୍ଷରୁ ସହରର ନିଶି ହୋଟେଲ ଛକଠାରୁ ପ୍ରୁଫ ରୋଡ଼ ପର୍ଯ୍ୟନ୍ତ କଂଗ୍ରେସ ଅଫିସ ଗଳିରେ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ଏହି ଉଚ୍ଛେଦ କାର୍ଯ୍ୟରେ ସଦର ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନଟବର ପ୍ରଧାନଙ୍କ ସମେତ ପୌରପାଳିକାର ବରିଷ୍ଠ କର୍ମଚାରୀ ଏଥିରେ ଉପସ୍ଥିତ ରହି ଉଚ୍ଛେଦ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ପୋକଲିନ ସାହାଯ୍ୟରେ କଂଗେସ ଅଫିସ ଗଳିର ଉଭୟ ପାର୍ଶ୍ୱରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲା ପୁଲିସ ପକ୍ଷରୁ ୧ ପ୍ଲାଟୁନ ଫୋସ ମୁତୟନ କରାଯାଇଥିଲା। ଆଗାମୀ ଦିନରେ ସହରର ଅନ୍ୟାନ୍ୟ ଅଞ୍ଚଳରେ ବି ଏହିଭଳି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ସଦର ଅତିରିକ୍ତ ତହସିଲଦାର ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

## ଗାୟତ୍ରୀ ପରିବାର ପକ୍ଷରୁ ଗଙ୍ଗାମାତା ରଥଯାତ୍ରା



ବାରିପଦା,୨୭।୦୨ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଗାୟତ୍ରୀ ପରିବାର ପକ୍ଷରୁ ଘରେ ଘରେ ଗଙ୍ଗାମାତା କୁମ୍ଭ ପହଂଚାଇବାର ପ୍ରୟାସ ଆରମ୍ଭ ହୋଇଛି। ହର ହର ଗଙ୍ଗେ ଘର ଘର ଗଙ୍ଗେ କାର୍ଯ୍ୟକ୍ରମ ଜରିଆରେ ଏହି ଗଙ୍ଗାକୁମ୍ଭ ଜିଲ୍ଲାରେ ବଂଟନ କାର୍ଯ୍ୟ ଜାରି ରହିଛି। ସୂଚନା ଅନୁଯାୟୀ ଏହିବର୍ଷ ହରିଦ୍ୱାରରେ ମହାକୁମ୍ଭ କଟକଣା ପାଇଁ ଅତି ବିଶିଷ୍ଟ ପରିସ୍ଥିତିରେ ଆୟୋଜିତ ହୋଇଛି। ଗୋଟିଏ ସ୍ଥାନରେ ୧୨ ବର୍ଷ ପରେ କୁମ୍ଭ ପର୍ବ ଆୟୋଜନ ହୋଇଥାଏ। କୁମ୍ଭ ହେଉଛି ଭାରତୀୟ ସଂସ୍କୃତିର ମହାପର୍ବ। ଏହି ପର୍ବରେ ସ୍ନାନ, ଦାନ ଜ୍ଞାନ ମନ୍ଥନ ସହିତ ଅମୃତ ପ୍ରାପ୍ତିର କଥା କୁହାଯାଏ। ଏ ବର୍ଷ କରୋନା ମହାମାରୀର ସମୟ ଚାଲୁଥିବାରୁ ବଡ ସମ୍ମିଳନୀ ଗୁଡିକ ଉପରେ ପ୍ରଶାସନର ପ୍ରତିବନ୍ଧକ ରହିଛି। ଏଣୁ ଅତ୍ୟନ୍ତ ସୀମିତ ସଂଖ୍ୟକ ଲୋକ ପ୍ରତ୍ୟକ୍ଷ ଲାଭ ପାଇବେ। ଏହାକୁ ନଜରରେ ରଖି ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ସଂଚାଳକ ଗଣ (ଶାନ୍ତିକୁଞ୍ଜ ହରିଦ୍ୱାର) କୁମ୍ଭକୁ ସମସ୍ତଙ୍କ ନିକଟରେ ପହଂଚାଇବାର ବ୍ୟବସ୍ଥା କରିଛନ୍ତି। ଶାନ୍ତିକୁଞ୍ଜର ସୁବର୍ଣ୍ଣ ଜୟନ୍ତୀ ବର୍ଷର ପ୍ରଥମ ଚରଣରେ ମକର ସଂକ୍ରାନ୍ତି ଦିନ ଗଙ୍ଗା ମାତାଙ୍କ ପୂଜନ ସହିତ କୁମ୍ଭକୁ ଆଣିବାର ବ୍ୟବସ୍ଥା କରିଛନ୍ତି। ସାରା ରାଷ୍ଟ୍ରରେ ୧୦ ଲକ୍ଷ ପରିବାର ନିକଟରେ ପହଂଚାଇବା ବ୍ୟବସ୍ଥା କରିଛନ୍ତି।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଆଇନ ବିଭାଗର ପ୍ରଥମ ସାଙ୍ଗଠନିକ ବୈଠକ

ଭୁବନେଶ୍ୱର,୨୭।୦୨ (ନି.ପ୍ର): ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଆଇନ ବିଭାଗର ଏକ ସାଙ୍ଗଠନିକ ବୈଠକ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ଜିଲ୍ଲା କଂଗ୍ରେସ ଆଇନ ବିଭାଗର ଆବାହକ ଆଡଭୋକେଟ ମନୋଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ "ଆମ ସମ୍ବିଧାନ କେତେ ସୁରକ୍ଷିତ ?" ଶିର୍ଷକ ଆଲୋଚନା ଚକ୍ର ପ୍ରଦୀପ ପ୍ରଜ୍ୱଳନ କରାଯାଇ ଉଦ୍‌ଘାଟନ ହୋଇଥିଲା। ଏଥିରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି କହିଲେ ଯେ ଓକିଲ ବନ୍ଧୁମାନେ ଚାହିଁଲେ ସମ୍ବିଧାନକୁ ସୁରକ୍ଷିତ ରଖିବାରେ ମୁଖ୍ୟ ଭୂମିକା ନିର୍ବାହ କରିପାରିବେ। ବୈଠକରେ ପ୍ରଦେଶ କଂଗ୍ରେସ ଆଇନ ବିଭାଗ ଅଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର ନାଥ କର, ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ବରିଷ୍ଠ ଆଇନଜୀବି ଶ୍ରୀ ଶିବାନନ୍ଦ ରାୟ, ଭୁବନେଶ୍ୱର ବାର ସଭାପତି ଜିଆଉଲ ହକ, ମହିଳା କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ କହିଲେ ଯେ ଆଜି ବିଜେଡ଼ି ଓ ବିଜେପି ସରକାରରେ ସମ୍ବିଧାନ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। କଂଗ୍ରେସ ଦଳ ସମ୍ବିଧାନର ସୁରକ୍ଷା ଓ ଦେଶର ସଂହତି ପାଇଁ ସର୍ବଦା କାର୍ଯ୍ୟକରି ଆସିଛି। ଆଇନ ବିଭାଗ ସଂଗଠିତ ଭାବରେ ଜନସାଧାରଣଙ୍କର ସ୍ୱାର୍ଥକୁ ରକ୍ଷା କରିବାପାଇଁ ତତ୍ପରତାର ସହ କାର୍ଯ୍ୟ କରିବ ବୋଲି ବକ୍ତାମାନେ କହିଥିଲେ। ଆଇନଜୀବି ହଳଧର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଭୁବନେଶ୍ୱର ପ୍ରଫେସନାଲ କଂଗ୍ରେସର ସଭାପତି ଶ୍ରୀ ମିତ୍ରଭାନୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଓକିଲ ସଂଘର କର୍ମକର୍ତ୍ତା ମାନଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ଦାଶ, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ଲଲାଟେନ୍ଦୁ ଦାଶ, ଦେବରାଜ ମିଶ୍ର, ଶତ୍ରୁଘ୍ନ ବେହେରା, ଅଶୋକ ଦାଶ, ମନୋରଞ୍ଜନ ବୁଟୁ, ମାନସ ଆଚାର୍ଯ୍ୟ, ନାରାୟଣ ଜେନା, ଜୟକୃଷ୍ଣ ମଲିଆ, ସଂଜିବ ପୂଜାପଣ୍ଡା, ଶ୍ରୀଧର ବଳିଆର ସିଂ, ମନୋଜ ସାହୁ, ଯୋଗୀନାଥ ବାହୁବଳେନ୍ଦ୍ର, ଅଶୋକ ବଡ଼ ପଣ୍ଡା, ସୁବ୍ରତ ସେନାପତି, ମଂଟୁ ମଲ୍ଲିକ, ବୈଲୋଚନ ସାହୁ, ଶ୍ରୀୟାସ୍ମିତା ପଣ୍ଡା, କୁସୁମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପେଟ୍ରୋଲ ଓ ଡିଜେଲ ମୂଲ୍ୟ ହ୍ରାସ କରିବା ପାଇଁ ପଦକ୍ଷେପ ନିଅନ୍ତୁ ସରକାର : ନରସିଂହ ମିଶ୍ର

ଭୁବନେଶ୍ୱର,୨୭।୦୨ (ନି.ପ୍ର): ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ଭାବେ ବୃଦ୍ଧି ପାଇଛି । ଏହା ଦ୍ୱାରା ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ପେଟ୍ରୋଲ ଓ ଡିଜେଲ ଦର ହ୍ରାସ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ୨୦୧୪ ମସିହା ଆଗରୁ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧିକୁ ନେଇ ସେତେବେଳେ କହିଥିଲେ ଯେ ଯିଏ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ରୋକି ପାରୁ ନାହିଁ ସେ ହେଉଛି ଦେଶଦ୍ରୋହୀ। ଆଜି ସେହି ଲୋକ ଦେଶର ଶାସନ କ୍ଷମତାରେ ଅଛନ୍ତି । ତା ହେଲେ ଏବେ ଦେଶଦ୍ରୋହୀ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି ।

## କୃଷି ଆଇନ ବାତିଲ ଦାବିରେ କୃଷକ ଶ୍ରମିକ ଏକତା ଦିବସ

ଭୁବନେଶ୍ୱର,୨୭।୦୨ (ନି.ପ୍ର): ଦିଲ୍ଲୀଠାରେ ୪୦୦୦ କୃଷିକ ଆନ୍ଦୋଳନ ୯୫ ଦିନରୁ ଉର୍ଦ୍ଧ୍ୱରୁ ଚାଲିଥିଲେ ମଧ୍ୟ ମୋଦି ସରକାର କୃଷକମାନଙ୍କ ଦାବୀକୁ ଗୁରୁତ୍ୱ ନ ଦେଇ କର୍ପୋରେଟ ସ୍ୱାର୍ଥକାରୀ, କୃଷକ ସର୍ବନ୍ୟାସକାରୀ ଏବଂ କୃଷି ଆଇନକୁ ତୁରନ୍ତ ରଦ୍ଦ କରିବା ଏମ୍.ଏସ୍. ସ୍ୱମୀନାଥନ୍ କମିଶନ ସୁପାରିଶ ଆଧାରରେ ସମସ୍ତ କୃଷିଜାତ ଦ୍ରବ୍ୟର ଏମ୍.ଏସ୍.ପି. ପ୍ରଦାନ ନିମନ୍ତେ ଆଇନ ପ୍ରଣୟନ କରିବା, ଆନ୍ଦୋଳନକାରୀ କୃଷକ ଏବଂ କୃଷକ ନେତା ମାନଙ୍କ ନାମରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା ଓ ଶ୍ରମ କୋର୍ଡ଼ ବାତିଲ କରିବା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ କୃଷକ ଆନ୍ଦୋଳନ ପ୍ରତି ସମର୍ଥନ ଦିଆଯାଇ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଂଟିନ ଛକ ଠାରେ ପ୍ରତିବାଦ ସଭା କରାଯାଇଥିଲା। ଏହି ପ୍ରତିବାଦ ବିକ୍ଷୋଭରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତୃତ୍ୱମାନେ ଭାଗ ନେଇ କୃଷକ ଆନ୍ଦୋଳନ ପ୍ରତି ସମର୍ଥନ ଜ୍ଞାପନ କରିବା ସହିତ ଆଗାମୀ ଦିନରେ କୃଷକ ଓ ଶ୍ରମିକମାନେ ମିଳିତ ଭାବରେ ମୋଦି ସରକାରର କୃଷକ ଓ ଶ୍ରମିକ ବିରୋଧି ନିତି ବିରୁଧରେ ଆନ୍ଦୋଳନକୁ ତିବ୍ରତର କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ପ୍ରତିବାଦ ଦିବସରେ ଆଇ.ଏନ୍.ଟି.ୟୁ.ସିର ସଭାପତି ତଥା ପର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ, ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ଏ.ଆଇ.ଟି.ୟୁ.ସିର ନେତା - ବିଜୟ ଜେନା, ସୁର ଜେନା, ଏଚ୍.ଏମ୍.ଏସ ନେତା - ବିରେନ୍ଦ୍ର ପ୍ରତାପ ଦାସ, ସି.ଆଇ.ଟି.ୟୁ.ର ନେତା - ଦୁଷ୍ମନ୍ତ ଦାସ, ରମେଶ ଜେନା, ସତ୍ୟବାଦୀ ବେହେରା ଏ.ଆଇ.ୟୁ.ଟି.ୟୁ.ସିର ନେତା - ନିରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଏ.ଆଇ.ସି.ସି.ଟି.ୟୁ.ର ନେତା : ମହେନ୍ଦ୍ର ପରିଡ଼ା, ରାଧାକାନ୍ତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ବାଦ ସାହିତ୍ୟଘରର ବସନ୍ତ କବିତା ଆସର

ବାଲିଆପାଳ,୨୭।୦୨ (ନି.ପ୍ର): ବାଲିଆପାଳ ସମ୍ବାଦ ସାହିତ୍ୟଘର ପକ୍ଷରୁ ବସନ୍ତକବିତା ଆସର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ସେବା ସଂସ୍ଥା ପରିସରରେ ଅନୁଷ୍ଠିତ ଏହି ଆସରରେ ସାହିତ୍ୟଘରର ସ୍ଥାୟୀ ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ସଭାପତିତ୍ୱ କରିଥିଲେ ।ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଜୟ କୁମାର ସେଠୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଜଗନ୍ନାଥ ପ୍ରଧାନ,ଡ. ସୀପ୍ରା ସରକାର,ବିଜୟ କୁମାର ପାତ୍ର ପ୍ରମୁଖ ଯୋଗଦେଇ



ବକ୍ତବ୍ୟପ୍ରଦାନ କରିଥିଲେ । ଏହି ଅବସରରେ ଡ. ରଶ୍ମିତା ପାଣିଗ୍ରାହୀ ଓ କବି ନଳିନୀକାନ୍ତ ପାଢୀଙ୍କ ସଂଯୋଜନାରେ ଅନୁଷଷ୍ଠିତ ବସନ୍ତତ କବିତାଆସରରେ କବିଭାରତୀ ସରିତା ମହାନ୍ତି, ସ୍ନେହଲତା ନାୟକ, ଅଞ୍ଜଳି ମହାପାତ୍ର, ସୁଜାତା ରଣା, କବି ରମାନାଥ କର, ସେକ ନିମାଜୀ, ରାମକୃଷ୍ଣ ଦାସଅଧିକାରୀ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ପଙ୍କଜ କୁମାର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ ।କବବି ସନ୍ୟାସୀ ବେହେରା ବେଦପାଠ କରିଥିବା ବେଳେ ବ୍ୟୋମକେଶ ସାହୁ ଧଦନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ଆଶା ସାଥୀ ସଂଘର ଆଲୋଚନା

ଭୁବନେଶ୍ୱର,୨୭।୦୨ (ନି.ପ୍ର): ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘର ୭ଜଣିଆ ପ୍ରତିନିଧି ମଣ୍ଡଳୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ୮ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ପୂରଣ ଦିଗରେ ଯଥାଶୀଘ୍ର ଉଚିତ ପଦକ୍ଷେପ ନେବା ପାଇଁ ସଂଘର କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ତରଫରୁ ଚାରିଦିନ ଧରି ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଆଶାସାଥୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରାଯିବା, ୬ ହଜାର ଟଙ୍କା ମାସିକ ବେତନ ପ୍ରଦାନ କରାଯିବା, ୟୁନିଫର୍ମ ଲାଗୁ କରାଯିବା, ଜୀବନଜ୍ୟୋତି ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରାଯିବା, ସ୍ୱାସ୍ଥ୍ୟବୀମା ଲାଗୁ କରିବା, ମହାମାରୀ କରୋନା ସମୟରେ କାର୍ଯ୍ୟ କରୁଥିବା ଆଶାସାଥୀମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇଦେବା ପ୍ରମୁଖ ଅଟେ।

## ଭଦ୍ରକରେ କିଷାନ ମଜଦୁର ଦିବସ ଉପଲକ୍ଷେ ପ୍ରତିବାଦ ସଭା



ଭଦ୍ରକ,୨୭।୦୨ (ନି.ପ୍ର): ଆଜି ଭଦ୍ରକରେ ସିଟୁ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ସହୀଦ ଦିବସ ଅବସରରେ ମଜଦୁର କିଷାନ ଏକତା ଦିବସ ପାଳନ କରାଯାଇଛି। ଏଥି ଉପଲକ୍ଷେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚନ୍ଦ୍ରଶେଖର ନାୟକ ଅଧ୍ୟକ୍ଷତା କରିଥିଲେ। ସିଟୁ ଜିଲା ସଭାପତି ତଥା ଅଧିବକ୍ତା ଦିବ୍ୟସିଂହ ନାୟକ, ପ୍ରଭାସ ମହାପାତ୍ର, ରାଧା ଦାସ, ଗିରିଧାରୀ ନାଥ, ପ୍ରହ୍ଲାଦ ପତି, କାଳନ୍ଦୀ ପାତ୍ର, ବିନୋଦ ସାହୁ, ନବ ବେହେରା, ପ୍ରତାପ ସେଠୀ, ସେକ୍ କମର, ସେକ୍ ସତାରୁଦ୍ଦିନ୍, ମହେଶ୍ୱର ନାୟକ, ରବି ଜେନା ଓ ସେକ୍ ହାଲଦାର, ବାବି ମିଶ୍ର ଓ ମିର୍ ଜବାର ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ଦେଶକୁ ଓ ଦେଶବାସୀଙ୍କୁ କର୍ପୋରେଟ୍ କଂପାନୀଙ୍କୁ ବିକ୍ରି କରିବା ପାଇଁ ଆଇନ୍ କରୁଥିବାରୁ ଦେଶ ତମାମ କିଷାନ ଓ ମଜଦୁରମାନେ ଏକଜୁଟ ହେବାପାଇଁ ଆହ୍ୱାନ ଦେଇଥିଲେ। ଦେଶକୁ ବିଟ୍ରିଶ କବଳରୁ ଲଢେଇ କରି ମୁକ୍ତ କରିବାରେ ମହାତ୍ମାଗାନ୍ଧି ସୁବାଷ ବୋଷ, ଭଗତସିଂ ଚନ୍ଦ୍ରଶେଖର ଆଜାଦ, ବାଜି ରାଉତ, ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ, ବିର୍ସା ମୁଣ୍ଡା, ଜୟୀ ରାଜଗୁରୁ, ଚାଖି ଖୁଣ୍ଟିଆ, ରଘୁ ଦିବାକର ସହୀଦ ହୋଇଥିବାବେଳେ ସେମାନଙ୍କର ସେହି ସ୍ୱାଧୀନ ଭାରତକୁ ଆଜି ମୋଦି ସରକାର ପୁଣି ଥରେ ବିଦେଶୀ କଂପାନୀ ହାତକୁ ଟେକି ଦେଇଥିବାରୁ ତାର ପ୍ରତିବାଦ କରିବାକୁ ସମସ୍ତେ ଆଗେଇ ଆସିବାକୁ କହିଥିଷଲ। ବିଶେଷକରି କେନ୍ଦ୍ର ସରକାର ଯେଉଁଭଳି ଭାବେ ଦରଦାମ ବୃଦ୍ଧି କରିଚାଲିଛନ୍ତି, ରାଷ୍ଟ୍ରାୟତ ଶିଳ୍ପ କଳକାରଖାନାକୁ ଆଦାନୀ, ଆମ୍ବାନୀ ଭଳି କର୍ପୋରେଟ୍‌କୁ ବିକ୍ରି କରିବାରେ ଲାଗିଛନ୍ତି, ତାହା ଅତ୍ୟନ୍ତ କ୍ଷୋଭର ବିଷୟ। ଦେଶ ତମାମ ଜିଏସ୍‌ଟି ଲାଗୁ କରି କର ଟିକସ ଆଦାୟ କରୁଥିବା କେନ୍ଦ୍ର ସରକାର ଦେଶବାସୀଙ୍କୁ ଶୋଷଣ କରି ରାଜ୍ୟଗୁଡିକୁ ସେମାନଙ୍କର ଭାଗ ଦେଉନାହାଁନ୍ତି। ଶ୍ରମ ଆଇନ୍‌କୁ ସଂଶୋଧନ କରି ୪ଟି କୋଡ୍‌ରେ ଶ୍ରମିକଙ୍କୁ ଶୋଷଣ କରୁଛନ୍ତି। ଦେଶରେ ବେକାର ଯୁବକ/ଯୁବତୀମାନେ କାମ ନପାଇ ଏବେ ଅନ୍ୟ ରାଜ୍ୟରେ ଗୋଟି ଖଟିଲେଣି। ଦେଶର ୧୩୫ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଉଥିବା କୃଷକ ଏବେ ଆତ୍ମହତ୍ୟାକୁ ବାଛିନେଲେଣି।

## ସମାଜସେବୀ ତୁଳସୀ ରଂଜନ ମିଶ୍ରଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୨୭।୦୨ (ନି.ପ୍ର): ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ସମାଜସେବୀ ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତୁଳସୀ ରଂଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଲାବଣ୍ୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ଶରତ ଚନ୍ଦ୍ର ମିଶ୍ର, ଅଧ୍ୟାପକ ଅରୁଣ କୁମାର ଦାସ, ସନ୍ତୋଷ କୁମାର ସାହୁ, ଅଶ୍ରୁତି ରଣା, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟାପକ କମଳାକାନ୍ତ ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବ୍ୟାଙ୍କ ଅଧିକାରୀ ପଦରୁ ଅବସର ନେବା ପରେ ବି ସେ ସମାଜସେବାରୁ ନିବୃତ ହୋଇନାହାନ୍ତି ବୋଲି ବକ୍ତାମାନେ କହିଥିଲେ। ଉତ୍କଳୀୟ ସଂସ୍କୃତି ଓ



ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ମାନବବାଦ ପ୍ରଚାର ଭିତ୍ତିକ ତାଙ୍କର ଏହି ଅଭିଯାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛି ବୋଲି ଏହି ସମ୍ବର୍ଦ୍ଧନା ଉତ୍ସବରେ ସାମୂହିକ ଭାବେ ମତ ପ୍ରକାଶ ପାଇଥିଲା। ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ମିଶ୍ର ସନ୍ତୋଷ ପ୍ରକାଶ ସହ ମାନବ ଜୀବନର ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷା ସହିତ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପାଠାଗାର ପାଇଁ ଶ୍ରୀ ମିଶ୍ର ଏହି ଅବସରରେ ୧ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ନିରଂଜନ ଦାଶ ଏହି ସମ୍ବର୍ଦ୍ଧନା ଉତ୍ସବରେ ବେଦପାଠ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଞ୍ଜବୀର ସୁନାରାମ ସୋରେନ ଟ୍ରଷ୍ଟର ବନ୍ଧୁ ମିଳନ

ବାରିପଦା,୨୭।୦୨ (ନି.ପ୍ର): ବାରିପଦା ସ୍ଥିତ ପାଳବଣି ଇକୋ ଟୁରିଜିମ ଠାରେ ଭଞ୍ଜବୀର ସୁନାରାମ ସୋରେନ ଟ୍ରଷ୍ଟର ଟ୍ରଷ୍ଟି ମାନଙ୍କ ଦ୍ୱାରା ବିଜୟ ଦିବସ ଏବଂ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଟ୍ରଷ୍ଟର ଅଧ୍ୟକ୍ଷ ଫାଗୁରାମ ମାରାଣ୍ଡିଙ୍କ ପୌରହିତ୍ୱରେ ଅନୁଷ୍ଠିତ ହେଇଯାଇଛି । କାର୍ଯ୍ୟକ୍ରମରେ ସୁନାରାମ ସୋରେନଙ୍କ ପୁତ୍ର ତଥା ମୁଖ୍ୟ ଟ୍ରଷ୍ଟି ଶ୍ରୀ ସେଙ୍ଗଲସିଂ ଚାଁମ୍ପଇରାମ ସୋରେନ ସପରିବାରେ ଉପସ୍ଥିତ ଥିଲେ । ତାଙ୍କ ସହିତବହୁ ସଦଶ୍ୟ ଉପସ୍ଥିତ ଥାଇ ମାରାଂ ଗୋମକେ ସୁନାରାମ ସୋରେନଙ୍କ ପୂର୍ଣାବୟବ ମୂର୍ତି ପ୍ରତିଷ୍ଠା କରିବାରେ ସମସ୍ତ ଟ୍ରଷ୍ଟ ସଦସ୍ୟ ତଥା ଶତବାର୍ଷିକ କମିଟିର ସଦସ୍ୟ ମାନଙ୍କ ଦୀର୍ଘ ବର୍ଷର ଅକ୍ଳାନ୍ତ ଉଦ୍ୟମ ହିଁ ସଫଳତା ଆଣିଦେଇ



ପାରିଛି ବୋଲି ଆଲୋଚନା କରିଥିଲେ । ଉପସ୍ଥିତ ସଦସ୍ୟ ମାନେ ଟ୍ରଷ୍ଟର କାର୍ଯ୍ୟ କଳାପ ଯଥା ସଭ୍ୟ ସଂଗ୍ରହ, ପାଣ୍ଠି ସଂଗ୍ରହ ଏବଂ ବହୁମୁଖୀ କାର୍ଯ୍ୟକୁ ଆଗେଇ ନେବା ପାଇଁ ଆଲୋକପାତ କରିଥିଲେ। ଏହି ଅବସରରେ ଶ୍ରୀ ଚନ୍ଦ୍ରମୋହନ ମାଝୀ ଅବସରପ୍ରାପ୍ତ ଜିଲ୍ଲା କୋଷାଧିକାରୀ, ବାରିପଦାଙ୍କୁ ଟ୍ରଷ୍ଟି ଭାବେ ଅନୁମୋଦନ କରିଥିଲା। ଏହି ବିଜୟ ଦିବସରେ ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀ ସୁରେଶ ଚନ୍ଦ୍ର ମାଝୀ ଭାରପ୍ରାପ୍ତ ଆସିଷ୍ଟାଣ୍ଟ କମିଶନର ତଥା ଏନଫୋର୍ସମେଣ୍ଟ ଅଫିସର ବାଣିଜ୍ୟକର ବିଭାଗ ଏବଂ ଶ୍ରୀ ସନାତନ ହାଁସଦା ବାରିପଦା ସ୍ଥିତ ଜେଲ ବିଭାଗ ଅଧିକାରୀ ଉପସ୍ଥିତ ଥାଇ ସଭ୍ୟ ମାନଙ୍କୁ ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ଟ୍ରଷ୍ଟକୁ ଆଗେଇନେବା ପାଇଁ ଉଦବୋଧନ ଦେଇ ଥିଲେ ।

## DECLARATION FORM-IV

**(See Rule-8)**

Statement of ownership and other particulars about newspaper **"THE DHWANIPRATIDHWANI"**

| | | |
|---|---|---|
| 1. Place of Publication | : | Balasore |
| 2. Periodicity of its Publication | : | Daily |
| 3. Printers Name | : | Sairindhree Sahoo |
| Nationality | : | Indian |
| Address | : | Jail Road, Po/Dist Balasore, Odisha |
| 4. Editor's Name | : | Sairindhree Sahoo |
| Nationality | : | Indian |
| Address | : | Jail Road, Po/Dist Balasore, Odisha |

5. Name and address of individuals who own the news paper and partners or share holders holding more than one percent of the total Capital.

I, Sairindhree Sahoo'hereby declare that the particulars given above are true to the best of my knowledge and belief.

**Sairindhree Sahoo**
Publisher, Dhwani Pratidhwani

## ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ଶିମିଳିପାଳ ଚମ୍ପିୟାନ

ବାସୁଦେବପୁର,୨୭।୦୨ (ନି.ପ୍ର): ଶ୍ରୀ ଗଣେଶ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସୁଙ୍ଗୁଡା ନୀଳମଣି ମିନି ଷ୍ଟାଡିୟମରେ ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚ୍‌ରେ ଶିମିଳିପାଳ କ୍ଲବ ମୟୁରଭଞ୍ଜ ୩-୦ ଗୋଲରେ ପଶ୍ଚିମବଙ୍ଗର ପାଞ୍ଚକୋଡା ଏକାଦଶକୁ ହରାଇ ବିଜୟଲାଭ କରିଛି। ଏହି ଉତ୍ସବରେ ଶ୍ରୀଗଣେଷ କ୍ଲବର ଉପସଭାପତି ଦେବଦର୍ଶନ ଦାଶ ସଭାପତିତ୍ୱ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ। ଶ୍ରୀମତୀ ମଣ୍ଡଳ ତାଙ୍କ ବକ୍ତବ୍ୟରେ କହିଲେ ସୁଙ୍ଗୁଡା ଷ୍ଟାଡିୟମରେ ଥିବା ବିଭିନ୍ନ ସମସ୍ୟା ଦୂର ହେବ ଏବଂ ମୁଁ ନିଶ୍ଚିତ ଅର୍ଥ ଯୋଗାଇ ଦେବି ଓ ଏହି ପଡିଆରେ ବାକିଥିବା କାର୍ଯ୍ୟ ସଂପୂର୍ଣ୍ଣ ହେବ। ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ତୃପ୍ତି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ନିଧା ମହାନ୍ତି, ବାସୁଦେବପୁର ଷ୍ଟେଟବ୍ୟାଙ୍କର ଡେପୁଟି ମ୍ୟାନେଜର ଦିଲୀପ ବିଶ୍ୱାଳ, ରାଜ୍ୟସ୍ତରୀୟ କ୍ରୀଡାବିତ ବସନ୍ତ ନାୟକ, ସାଂସଦଙ୍କ ପ୍ରତିନିଧି ସୁରେଶଚନ୍ଦ୍ର ମହାନ୍ତି, ଶ୍ରୀ ଗଣେଶ କ୍ଲବର ସଭାପତି ଗୌରାଙ୍ଗ ଚରଣ ବେହେରା। ଅନୁଷ୍ଠାନର ସଂପାଦକ ସୁବାସ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ସଂପାଦକ ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ। ବିଜୟୀ ଦଳ ଶିମିଳିପାଳ କ୍ଲବକୁ ଆଠହଜାର ଟଙ୍କାର ଅର୍ଥରାଶି ଓ ରନର୍ସଅପ ଦଳକୁ ୫ ହଜାର ଟଙ୍କାର ଅର୍ଥରାଶି ଅନୁଷ୍ଠାନ ତରଫରୁ ପ୍ରଦାନ କରାଯାଇଥିଲା। ଏହି ଖେଳକୁ ପରିଚାଳନା କରିଥିଲେ ରେଫେରୀ ମାନସ ବିଶ୍ୱାଳ, ଶ୍ୟାମସୁନ୍ଦର ବାସ୍କେ ଓ ଲକ୍ଷ୍ମଣ ସୋରେନ। ଅନୁଷ୍ଠାନର ସାଂସ୍କୃତିକ ସଂପାଦକ ଉଦୟ ଜେନା ସାହିତ୍ୟ, ସଂସ୍କୃତି ଓ କ୍ରୀଡାର ସୁନ୍ଦର ଶବ୍ଦ ମାଧ୍ୟମରେ ମଞ୍ଚରେ ଧାରା ବିବରଣୀ ପ୍ରଦାନ କରିଥିଲେ। ସମାଜସେବୀ ତଥା ବାସ୍ତୁଶାସ୍ତ୍ରବିତ୍ ବିଭୁତି ଭୂଷଣ ପଣ୍ଡା ଶିମିଳିପାଳ କ୍ଲବର ଖେଳାଳୀ ଫଂଗୁ ହେମ୍ରମଙ୍କୁ ପୁରସ୍କାର ସ୍ୱରୂପ ଏକ ଟ୍ରଫି ଓ ଅର୍ଥରାଶୀ ପ୍ରଦାନ କରିଥିଲେ। ଶ୍ରୀ ଗଣେଷ କ୍ଲବର ଏହି ୩୫ତମ ଟୁର୍ଣ୍ଣାମେଣ୍ଟରେ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରୀ ଗଣେଷ କ୍ଲବର ଶୁଭେଚ୍ଛୁ ତଥା ମାଇକ୍ରୋଫୋନରେ ପ୍ରଚାର କରିଥିବା ପାଗଳାଭାଇ ଓ ଅନ୍ୟାନ୍ୟ ପୃଷ୍ଠ ପୋଷାକ ଓ ଶୁଭେଚ୍ଛୁ ବନ୍ଧୁ ମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସଂମ୍ବର୍ଦ୍ଧିତ କରାଯାଇଥିଲା। ବହୁ ସଂଖ୍ୟାରେ ଖେଳ ପ୍ରେମୀ ଦର୍ଶକ ବନ୍ଧୁ ଏହି ଉତ୍ସବରେ ଯୋଗ ଦେଇ ମଜା ଉଠାଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo